

আসিব 'ফোর্স-৩'

▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-73 ◆SATURDAY ◆6 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୭୩ ◆ଶନିବାର ◆୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଲକ୍ଷେ ଆଠ ହଜାର ଟପିଲା ସୁନା ଦର



**୨୨ କ୍ୟାରେଟ୍ ୯୮ ହଜାର ଉପରେ**

■ **ଭୁବନେଶ୍ୱର, ୫।୯ (ଏଜେନ୍ସି):** ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ସୁନା ଏବଂ ରୂପା ଦର। ଶୁକ୍ରବାର ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୧.୦୮ ଲକ୍ଷ ଟଙ୍କା ଉପରକୁ ଯାଇ ଏକ ନୂତନ ଶିଖରରେ ପହଞ୍ଚିଛି। ସେହିପରି ସୁନା ସହ ରୁପା ଦର ମଧ୍ୟ ଆଜି ସବୁ ରେକର୍ଡ ପାର୍ କରିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୮,୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୬୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୨୯,୨୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ସେହିପରି ନୂଆଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପ୍ରତି ୧,୦୭,୭୬୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୮୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଘରୋଇ ବଜାରରେ ସୁନା ଦର ୩୦ ହଜାର ଏବଂ ରୁପା ୩୭ ହଜାର ଟଙ୍କା ବୃଦ୍ଧି ଘଟିଛି।

## ଭାରତରେ ବିକ୍ରିର ସବୁ ରେକର୍ଡ ଭାଙ୍ଗିଲା ଆପଲ୍

**୨୦୨୪-୨୫ରେ ବିକିଲା ୯୦୦ କୋଟି ଟଙ୍କାର ଆଇଫୋନ୍**

■ **ନୂଆଦିଲ୍ଲୀ, ୯।୫ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଟାରିଫ୍ ଲଗାଇବାରେ ବ୍ୟସ୍ତ ଅନ୍ୟପଟେ ତାଙ୍କ ଦେଶର କମ୍ପାନୀ ଭାରତରୁ ମୋଟ ଅଙ୍କର ରାଜସ୍ୱ ଅସୁଲ କରିଚାଲିଛି। ଆଇଫୋନ୍ ନିର୍ମାତା ଆପଲ୍ ଭାରତରେ ତାର ବିକ୍ରିର ସମସ୍ତ ରେକର୍ଡ ଭାଙ୍ଗିଛି। କମ୍ପାନୀ ୨୦୨୪-୨୫ ଆର୍ଥିକବର୍ଷରେ ଭାରତରେ ପ୍ରାୟ ୯୦୦ କୋଟି ଟଙ୍କାର ଆଇଫୋନ୍ ବିକ୍ରି କରିଛି। ବ୍ଲୁମ୍‌ବର୍ଗଙ୍କ ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକବର୍ଷରେ ଭାରତରେ କମ୍ପାନୀର ମୋଟ ବିକ୍ରି ପ୍ରାୟ ୯ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଏକ ବର୍ଷ ପୂର୍ବ ତୁଳନାରେ ପ୍ରାୟ ୧୩% ଅଧିକ। ଏହି ବୃହତ୍ ବିକ୍ରିରେ ଆଇଫୋନ ସର୍ବାଧିକ ଯୋଗଦାନ ରଖିଛି। ଏହାଛଡା ମ୍ୟାକବୁକ କମ୍ପ୍ୟୁଟରର ଚାହିଦା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଭାରତରେ ଆପଲ୍‌ର ଏହି ରେକର୍ଡ ବିକ୍ରି ଅଭିବୃଦ୍ଧି ଏପରି ସମୟରେ ହୋଇଛି ଯେତେବେଳେ ସାରା ବିଶ୍ୱରେ ମୋବାଇଲ ଫୋନ୍ ବିକ୍ରି ହ୍ରାସ ପାଉଛି। ଯଦିଓ ଭାରତ ଏବେ ବି ଆପଲର ମୋଟ ବ୍ୟବସାୟର ଏକ ଛୋଟ ଅଂଶ, କମ୍ପାନୀ ଏଠାରେ ବହୁତ ଅଧିକ ଅର୍ଥ ନିବେଶ କରୁଛି, କାରଣ ଆଶା ରହିଛି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତ ଏକ ବିଶାଳ ବଜାର ହେବ।

# ବର୍ଷା ପରେ ଚିନ୍ତା ବଢ଼ାଇଲା ପୂର୍ଣ୍ଣିମା

## ପାଣି ଟାଣୁନି ଜୁଆରିଆ ସମୁଦ୍ର; ଫୁଲୁଛି ରାଜ୍ୟର ପ୍ରମୁଖ ନଦୀ

■ **ଭୁବନେଶ୍ୱର, ୫।୯ (ସମିସ):** ଲଘୁଚାପ ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକର ଉଭୟ ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ତଳମୁଣ୍ଡରେ ବର୍ଷା ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲି ରହିଛି। ଅନ୍ୟପଟେ ଉପରମୁଣ୍ଡରେ ହୋଇଥିବା ବର୍ଷା ପାଇଁ ରାଜ୍ୟର ବଡ଼ ବଡ଼ ଡ୍ୟାମ୍‌ଗୁଡ଼ିକୁ ମଧ୍ୟ ପ୍ରଚୁର ଜଳ ପ୍ରବେଶ କରୁଛି। ଡ୍ୟାମ୍‌ର ଜଳଧାରଣ କ୍ଷମତାକୁ ଦୃଷ୍ଟିରେ ରଖି ଏଠାରୁ ଜଳ ନିଷ୍କାସନ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏହା ରାଜ୍ୟବାସୀ ଓ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି। କାରଣ ବର୍ତ୍ତମାନ ନଦୀ ଓ ଡ୍ୟାମ୍‌ଗୁଡ଼ିକରେ ଜଳ ପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ୭ ତାରିଖରେ ପୂର୍ଣ୍ଣିମା ଥିବାରୁ ସମୁଦ୍ର ଜୁଆରିଆ ରହୁଛି ଓ ନଦୀରୁ ବନ୍ୟା ଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଛି। ସମୁଦ୍ର ପାଣି ଟାଣୁ ନ ଥିବାରୁ ବନ୍ୟା ଜଳ ନଦୀକୂଳିଆ ଲୋକଙ୍କ ପାଇଁ ବିପଦ ବଢ଼ାଇବାର ଆଶଙ୍କା ସୃଷ୍ଟି ହୋଇଛି।

**୧୩ରେ ଆଉ ଏକ ଲଘୁଚାପ**

ଶୁକ୍ରବାର ବୈତରଣୀ ନଦୀ ବିପଦ ସଙ୍କେତ ତଳକୁ ଖସିଥିଲେ ମଧ୍ୟ ଏବେ ବି ଭଦ୍ରକ ଓ ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଜଳବନ୍ଦୀ ଅବସ୍ଥାରେ ରହିଛି। ଯାଜପୁର ଓ ଆରଡ଼ି ରାସ୍ତା ବିଚ୍ଛିନ୍ନ ହୋଇଥିବା ବେଳେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ▸ପୃଷ୍ଠା-୭

## ୨୪ ଗେଟ୍‌ରେ ହୀରାକୁଦରୁ ଜଳ ନିଷ୍କାସନ

■ **ସମ୍ବଲପୁର, ୫।୯ (ସମିସ):** ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବାରୁ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ଆଉ ୮ଟି ଗେଟ୍ ଖୋଲିଛନ୍ତି। ଗତକାଲି ସୁଦ୍ଧା ୧୬ଟି ଗେଟ୍ ଖୋଲାଥିବା ବେଳେ ଆଜି ୮ଟିକୁ ମିଶାଇ ମୋଟ ୨୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଚଳିତବର୍ଷ ପ୍ରଥମଥର ଏକାଥରକେ ଏତେସଂଖ୍ୟକ ଗେଟ୍ ଖୋଲାଯାଇଛି। ନଦୀବନ୍ଧର ବାମପଟରେ ୧୬ଟି ଓ ଡାହାଣ ପଟରେ ୮ଟି ▸ପୃଷ୍ଠା-୭



## ସମ୍ବଲପୁର-ସୋନପୁର ଯାତାୟାତ ବିଚ୍ଛିନ୍ନ

■ **ସମ୍ବଲପୁର, ୫।୯ (ସମିସ):** ସମ୍ବଲପୁର ଗୁଣ୍ଡେରପୁର ବ୍ରିଜ ଉପରେ ତିନି ଫୁଟ୍‌ର ପାଣି। ସମ୍ବଲପୁର ସୋନପୁର ମୁଖ୍ୟ ରାସ୍ତା ଉପରେ ବୋହୁଛି ମହାନଦୀ ପାଣି। ହୀରାକୁଦ ଡ୍ୟାମରୁ ୨୪ଟି ଗେଟ୍ ଖୋଲିବା ପରେ ଏହି ବ୍ରିଜଟି ସମ୍ପୂର୍ଣ୍ଣ ବୁଡିଯାଇ ଯାତାୟତ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁସାରେ ସମ୍ବଲପୁର ସୋନପୁର ଯିବାକୁ ହେଲେ ଉକ୍ତ ରାସ୍ତା ଦେଇ ଯିବାକୁ ପଡ଼େ।



ପ୍ରତିଦିନ ଶହଶହ ଗାଡ଼ି ଏହି ରାସ୍ତା ଦେଇ ଯାଇଥାନ୍ତି। ହୀରାକୁଦ ଡ୍ୟାମରେ ଜଳସ୍ତର ବୃଦ୍ଧି ହେବା ପରେ କର୍ତ୍ତୃପକ୍ଷ ୨୪ ଗେଟ ଦେଇ ବନ୍ୟା ଜଳଛାଡ଼ିଛନ୍ତି। ଫଳରେ ଏହି ଗୁଣ୍ଡେରପୁର ବ୍ରିଜ ଉପରେ ବର୍ତ୍ତମାନ ୩ ଫୁଟ ଉଚ୍ଚତାରେ ବନ୍ୟାପାଣି ପ୍ରବାହିତ ହେଉଛି। ଯେତେବେଳେ ହୀରାକୁଦ ବନ୍ଧ ଚାରିଲକ୍ଷ ଘନଫୁଟ୍ ଜଳ ନିଷ୍କାସିତ କରୁଛି ଫଳରେ ଅନେକ ତଳିଆ ଅଞ୍ଚଳରେ ମହାନଦୀ ପାଣି ପଶି ଯାଇଥିବା ସୂଚନା ରହିଛି। ବଡ ବଡ ଗାଡ଼ି ଯାତାୟତ ବନ୍ଦ ରହିଥିବା ବେଳେ ଛୋଟ ଗାଡ଼ିଗୁଡ଼ିକ ବିପଦପୂର୍ଣ୍ଣ ଭାବରେ ଲୋକେ ଯାତାୟାତ କରୁଛନ୍ତି। ଏଥି ପ୍ରତି ପ୍ରଶାସନର ଟିକେ ହେଲେ ଦୃଷ୍ଟି ରହିନାହି।

# ଆତଙ୍କୀ ଧମକ ପରେ ମୁମ୍ବାଇରେ ହାଇଆଲର୍ଟ

■ **ମୁମ୍ବଇ, ୫।୯ (ଏଜେନ୍ସି):** ଆତଙ୍କବାଦୀ ସଂଗଠନ ଲସ୍କର-ଏ-ଜେହାଦୀର ବିସ୍ଫୋରଣ ଧମକ ପରେ ହାଇ ଆଲର୍ଟରେ ମୁମ୍ବାଇ ପୁଲିସ । ଏହି ଧମକପୂର୍ଣ୍ଣ ବାର୍ତ୍ତା ମିଳିବା ପରେ ହିଁ ମୁମ୍ବାଇ ପୁଲିସ ସତର୍କ ହୋଇଛି ଓ କ୍ରାଇମ ବ୍ରାଞ୍ଚ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ କରିଛି। ଆଣ୍ଟି- ଟେରରିଜମ୍ ସ୍କାଡ୍ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକୁ ପୁଲିସ ପକ୍ଷରୁ ସତର୍କ ରଖାଯାଇଛି ।

ଗୁରୁବାର ବିଳମ୍ବିତ ରାତିରେ ମୁମ୍ବଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଏକ ଧମକ ଆସିଥିଲା। ଲସ୍କର-ଏ-ଜେହାଦୀର ୧୪ ଜଣ ଆତଙ୍କବାଦୀ ମୁମ୍ବଇ ସହରରେ ଅନୁପ୍ରବେଶ କରିଛନ୍ତି ଓ ୩୪ ଗାଡ଼ିରେ ପ୍ରାୟ ୪୦୦ କେଜି ଆରଡ଼ିଏକ୍ସ ଲଗାଇ ବିସ୍ଫୋରଣ ଯୋଜନା କରିଥିବା ଏହି ମେସେଜରେ ଉଲ୍ଲେଖ ରହିଛି। ଯାହାକୁ ନେଇ ସାରା ସହରରେ ଆତଙ୍କ ସୃଷ୍ଟି ହୋଇଛି । ଶନିବାର ଗଣେଶ ଉତ୍ସବର ଅନ୍ତିମ ତଥା ୧୦ମ ଦିନ ଓ ଅନନ୍ତ ଚତୁର୍ଦ୍ଦଶୀ। ଗଣେଶ ଭସାଣି ଉତ୍ସବରେ ଏହି ଦିନ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ସାମିଲ ହୋଇଥାଆନ୍ତି। ତେଣୁ ଆତଙ୍କବାଦୀମାନେ ଏହି ଦିନଟିକୁ ଟାର୍ଗେଟ କରିଥିବା କୁହାଯାଉଛି। ସୂଚନା ପାଇବା ପରେ ସାରା ସହର ଓ ମହାରାଷ୍ଟ୍ରର ଅନ୍ୟାନ୍ୟ ସ୍ଥାନରେ ସୁରକ୍ଷା ଓ ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି । ବିଭିନ୍ନ ସ୍ଥାନରେ ସନ୍ଧାନୀ କୁକୁର ସହ ପୁଲିସ କମ୍ବିଂ ଅପରେସନ ଚଳାଇଛି। ତେବେ ଏହି ସମୟରେ କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ ପୁଲିସ ଲୋକମାନଙ୍କୁ ନିବେଦନ କରିଛି। ପୁଣି କୌଣସି ପ୍ରକାର ସନ୍ଦେହଜନକ ▸ପୃଷ୍ଠା-୭



**୪୦୦ କେଜି ଆର୍‌ଡିଏକ୍ସ ସହ ପଶିଛନ୍ତି ୧୪ ଆତଙ୍କୀ**

# ବୁଢ଼ା ହେଉଛି 'ୟଙ୍ଗିସ୍ତାନ'

## ୧୦%ରେ ପହଞ୍ଚିଛି ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା

**ବୟସ୍କଙ୍କ ସଂଖ୍ୟାରେ କେରଳ, ତାମିଲନାଡୁ ଆଗରେ**

**କମୁଛି ଯୁବାଙ୍କ ପ୍ରଜନନ କ୍ଷମତା**

■ **ନୂଆଦିଲ୍ଲୀ, ୫।୯ (ଏଜେନ୍ସି):** ଏକଦା ୟଙ୍ଗ ଇଣ୍ଡିଆ ବା ୟଙ୍ଗିସ୍ତାନ ଭାବେ ପରିଚିତ ହେଉଥିବା ଭାରତ ଏବେ ବୁଢ଼ା ହେବାରେ ଲାଗିଛି। ଦେଶର ଜନସଂଖ୍ୟାର ହାରାହାରି ୧୦%ଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)ଙ୍କ ନମୁନା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଏବଂ ଦେଶରେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବା ରିପୋର୍ଟରେ କୁହାଯାଇଛି ।

ରିପୋର୍ଟ ଅନୁସାରେ ସମ୍ପ୍ରତି ପ୍ରତି ଦଶ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ଏବେ ୬୦ ବର୍ଷରୁ ଅଧିକ ବୟସର ଓ ୬.୪% ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ। ୨୦୧୧ ଜନଗଣନା ସମୟରେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୮.୬% ରହିଥିବା ବେଳେ ଏବେ ତାହା ୯.୭% ଅତିକ୍ରମ କରିଛି। ଲୋକଙ୍କର ଜୀବନକାଳ ବୃଦ୍ଧି ଓ ପ୍ରଜନନ କ୍ଷମତା ହ୍ରାସ ଭାରତକୁ ଏକ ବୃଦ୍ଧ ଦେଶରେ ପରିଣତ କରିବ ବୋଲି ଏଥିରେ ଆଶଙ୍କା କରାଯାଇଛି।



ଜନସଂଖ୍ୟା ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ସମାଜ ତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତିତ କରିଛି। ଦେଶ ନିକଟ ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ ଓ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପେନସନ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭବ ହେବ। ସମ୍ପ୍ରତି କେରଳରେ ବୟସ୍କ ନାଗରିକଙ୍କ ହାର ସାରା ଦେଶରେ ସର୍ବାଧିକ ୧୫.୧ ପ୍ରତିଶତ ରହିଛି। ଏହା ପଛକୁ ତାମିଲନାଡୁରେ ଏହା ୧୪ %, ହିମାଚଳରେ ୧୩.୨ % ଥିବା ସୂଚନା ମିଳିଛି। ଏହାବ୍ୟତୀତ ପଞ୍ଜାବ ଓ ମହାରାଷ୍ଟ୍ରରେ ମଧ୍ୟ ବୟସ୍କ ନାଗରିକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି। ଅନ୍ୟପକ୍ଷରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟଗୁଡ଼ିକରେ ବୟସ୍କ ନାଗରିକଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ଅନ୍ୟ ରାଜ୍ୟଠାରୁ କମ୍ ଅର୍ଥାତ୍ ୭%ରୁ ୮% ମଧ୍ୟରେ ସୀମିତ ରହିଛି ।

ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି ଏକ ସ୍ଥିର ସ୍ଥିତି ସୃଷ୍ଟି କରିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତରେ ପ୍ରଜନନ ହାର ହ୍ରାସ ଅସ୍ଥିରତା ସୃଷ୍ଟି କରିଛି। ଅନ୍ୟପକ୍ଷରେ ସମ୍ପ୍ରତି ଭାରତୀୟ ପୁରୁଷମାନଙ୍କର ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାମାନଙ୍କ ହାରାହାରି ଆୟୁ ୭୨.୫ ବର୍ଷରେ ପହଞ୍ଚିଛି। କେରଳ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ବର୍ଷ ଓ ୭୪ ବର୍ଷରେ ପହଞ୍ଚିଛି । ଏକପକ୍ଷରେ ହାରାହାରି ଆୟୁ ବୃଦ୍ଧି ଓ ବୟସ୍କଙ୍କ ଜୀବନକାଳ ବଢୁଥିବାବେଳେ କମ୍ ଶିଶୁ ଜନ୍ମ ଦେଶକୁ ବୟସ୍କ କରିଦେଉଛି।

ସେହିପରି ବୟସ୍କମାନଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ପ୍ରଭାବ ପକାଇବା ଆଶଙ୍କା କରୁଛନ୍ତି ସମାଜତତ୍ତ୍ୱବିତ୍। ବୃଦ୍ଧ ଲୋକଙ୍କ ପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ସହ ମଧୁମେହ, ହୃଦରୋଗ, ଆର୍ଥ୍ରାଇଟିସ୍ ପରି ଦୀର୍ଘକାଳୀନ ରୋଗର ମୁକାବିଲା, ପେନସନ ଓ ସାମାଜିକ ସୁରକ୍ଷା ଦେଶର ଆର୍ଥିକ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଯୁବବର୍ଗ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିକୁ ▸ପୃଷ୍ଠା-୭

# ଗୁରୁ ଦିବସରେ ରାଜରାସ୍ତାରେ ଗୁରୁ




■ **ଭୁବନେଶ୍ୱର, ୫।୯ (ସମିସ):** ଗୁରୁ ଦିବସରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଶିକ୍ଷକ। ଦୀର୍ଘ ଦିନରୁ ଏକାଧିକ ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି। ବର୍ଷାରେ ଭିଜିଭିଜି ଆନ୍ଦୋଳନ କରିବା ସହ ରାତିରେ ବିଧାନସଭା ସମ୍ମୁଖରେ ଶୋଇଛନ୍ତି। ସାରା ଦେଶରେ ଆଜି ଗୁରୁଙ୍କୁ ପୂଜା କରାଯାଉଥିବା ବେଳେ ଓଡ଼ିଶାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସରକାରଙ୍କ ଏହା କି' ପ୍ରକାର ଉପହାର ବୋଲି ପ୍ରଶ୍ନ କରିଛନ୍ତି। ଖାଲି ସେତିକି ନୁହେଁ, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅନୁଦାନଯୋଗ୍ୟ ସ୍କୁଲ, କଲେଜକୁ ଅନୁଦାନ ପ୍ରଦାନ କରିବା ସହ ୨୦୦୪ରୁ ଅବସର ନେଇଥିବା ଏବଂ ନେଉଥିବା ଶିକ୍ଷକଙ୍କୁ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ କରିବା, ସମସ୍ତ ସ୍କୁଲ କଲେଜକୁ ସରକାରୀକରଣ, ପୁରୁଣା ପେନସନ୍ ପ୍ରଦାନ, ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ' ଅସଙ୍ଗତି ଦୂର କରିବା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ▸ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କରନ୍ତୁ**

**୨୫ ତାରିଖରେ ଜେଲ୍‌ଭରୋ ଆନ୍ଦୋଳନ**

## ରାଜ୍ୟରେ ଗଡ଼ିବ ୬ଶହ ନୂଆ ଇ-ବସ୍

■ **ଭୁବନେଶ୍ୱର, ୫।୯ (ସମିସ):** ରାଜ୍ୟରେ ଆହୁରି ୬ଶହ ଇ-ବସ୍ ଚାଲିବ। ବର୍ତ୍ତମାନ ୪ଶହ ବସ୍ ଚଳାଚଳ କରୁଥିବାବେଳେ ଆଉ ୬ଶହ ବସ୍ ଚାଲିଲେ, ମୋଟ ଇ-ବସ୍ ସଂଖ୍ୟା ଏକ ହଜାରକୁ ବୃଦ୍ଧି ପାଇବ। ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ଖୁବଶୀଘ୍ର ସମ୍ବଲପୁରକୁ ୨୫ଟି ନୂଆ ଇ-ବସ୍ ଆସୁଛି। ପରିବେଶକୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ ଅଧିକରୁ ଅଧିକ ଇ-ବସ୍ ଚାଲିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟ ସରକାର ୨୦୦ ଇ-ବସ୍ ଆଣିବାକୁ ଯୋଜନା କରିଛନ୍ତି। ଆଉ ୪୦୦ ଇ-ବସ୍ ପ୍ରଧାନମନ୍ତ୍ରୀଙ୍କ ତରଫରୁ ଓଡ଼ିଶାକୁ ମିଳିବାକୁ ଯାଉଛି। ରାଜ୍ୟରେ ଏସବୁକୁ ମିଶାଇ ମୋଟ ୧ ହଜାର ଇ-ବସ୍ ଚାଲିବାର ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତ ସୁଗମ ହେବ। ପରିବେଶ ପ୍ରଦୂଷଣ ମଧ୍ୟ ବହୁ ମାତ୍ରାରେ ହ୍ରାସ ପାଇବ। ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (କ୍ରୁଟ୍) ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଏବଂ ଅନୁଗୁଳକୁ 'ଆମ ବସ୍' ସେବାର ସମ୍ପ୍ରସାରଣ ପାଇଁ ମଧ୍ୟ ପ୍ରସ୍ତୁତି ଚଳାଇଛି ।



## ପୁଲିସ ନିଷ୍କ୍ରିୟତା ପାଇଁ ଗଲା ଯୁବତୀଙ୍କ ଜୀବନ

# ମାରି ଫିଙ୍ଗିଦେଲା ପୁରୁଷ ବନ୍ଧୁ





**ତାପଙ୍ଗ ଖଣିରୁ ମିଳିଲା ଅପହୃତାଙ୍କ ଗଳିତ ଶବ**

**ଏଟିଏମ୍ କାର୍ଡରୁ ଟଙ୍କା ଉଠାଇନେଲା ପୁରୁଷ ବନ୍ଧୁ**

**୭ ମାସ ତଳେ ହୋଇଥିଲା ନିଖୋଜ ଅଭିଯୋଗ**

**ଗିରଫ ଯୁବକ ଦେଖାଇଲା ହତ୍ୟାକାଣ୍ଡର ଡେମୋ**

■ **ଭୁବନେଶ୍ୱର/ଖୋର୍ଦ୍ଧା, ୫।୯ (ସମିସ):** ପାତ୍ରପଡ଼ା ଅଞ୍ଚଳରୁ ନିଖୋଜ ଯୁବତୀଙ୍କ ମୃତଦେହ ୭ ମାସ ପରେ ଠାବ ହୋଇଛି। ତାପଙ୍ଗ କଳିଙ୍ଗ ମୁଣ୍ଡିଆରୁ ମୃତଦେହକୁ ଉଦ୍ଧାର କରିଛି ଭରତପୁର ଥାନା ପୁଲିସ। ମୃତ ଯୁବତୀ ହେଲେ ରଣପୁର ଥାନା ହରିପୁର ଗାଁର ନିରୂପମା ପରିଡ଼ା ଓରଫ୍ ମିତା (୨୨)। ତାଙ୍କୁ ହତ୍ୟା କରିଥିବା ମଝିଆଖଣ୍ଡ ଗାଁର ଦେବାଶିଷ ବିଷୋୟୀକୁ ଉଠାଇ ଆଣିଛି। ଦେବାଶିଷକୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ତେବେ ମିତା ୭ ମାସ ପୂର୍ବେ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତାର ଯୋଗୁଁ ଝିଅର ଜୀବନ ଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହରିପୁରର ମିତା ଗତବର୍ଷ ▸ପୃଷ୍ଠା-୭




## ହସ୍ପିଟାଲ୍‌ରେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ଚଣ୍ଡିଗଡ଼, ୫।୯(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନ ହସ୍ପିଟାଲାର ଭର୍ତ୍ତି ହୋଇଛନ୍ତି। ପ୍ରବଳ ଜ୍ୱରରେ ପୀଡିତ ହେବା କାରଣରୁ ତାଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମୋହାଲିର ଫୋର୍ଟିସ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ତାଙ୍କ ସହ ପତ୍ନୀ ଗୁରୁପ୍ରୀତ କୌର ମାନ ଅଛନ୍ତି। ଫଳରେ ଶୁକ୍ରବାର ଆୟୋଜନ ହେବାକୁ ଥିବା କ୍ୟାବିନେଟ ବୈଠକକୁ ବାତିଲ କରାଯାଇଛି। ଅସୁସ୍ଥତା କାରଣରୁ ସେ ବନ୍ୟା ପ୍ରବାବିତ ଅଞ୍ଚଳରେ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କ ସହ ବୁଲିବାକୁ ଯାଇପାରି ନଥିଲେ। ଗତ ଦୁଇଦିନ ହେବ ସେ ଅସୁସ୍ଥ ଅନୁଭବ କରୁଥିଲେ। ସେ ଔଷଧ ସେବନ କରି ଘରେ ବିଶ୍ରାମ ନେଉଥିଲେ ମଧ୍ୟ ସ୍ଥିତିରେ ଉନ୍ନତି ହୋଇ ନଥିଲା। ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ

ରାୟପୁର, ୫।୯(ଏଜେନ୍ସି): ଛତିଶଗଡ଼ର ଦାନ୍ତେୱାଡ଼ା ଓ ନାରାୟଣପୁର ଜିଲ୍ଲାର ସୀମାରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆରଜି) ଯବାନଙ୍କ ସହ ହୋଇଥିବା ଏନକାଉଣ୍ଟରରେ ୬ଜଣ ମାଓବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମହଳା ମାଓବାଦୀ ସାମିଲ ରହିଛି। ଆଉ କିଛି ଆହତ ହୋଇଥିବା ସୂଚନା ମିଳିଛି। ଯବାନମାନେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଶୁକ୍ରବାର ସକାଳେ ଏହି ଏନ୍‌କାଉଣ୍ଟର ଅବୁଝମାଡ ଜଙ୍ଗଲରେ ହୋଇଥିଲା। ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯବାନମାନେ ଘଟଣାସ୍ଥଳରୁ ୩୦୩ ରାଇଫଲ, ୨ଟି ବିଜିଏଲ ଲଞ୍ଚର ଜବତ କରିଛନ୍ତି। ପୂର୍ବରୁ ଅଗଷ୍ଟ ୨୮ରେ ଛତିଶଗଡ଼ ଓ ମହାରାଷ୍ଟ୍ର ସୀମାରେ ସୁରକ୍ଷାବଳ ସହ ହୋଇଥିବା ଏନକାଉଣ୍ଟରରେ ୪ ଜଣ ମାଓବାଦୀ ନିହତ ହୋଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨୦୨୬ ପର୍ଯ୍ୟନ୍ତ ନକ୍ସଲବାଦକୁ ଶେଷ କରିବେ ବୋଲି ଡେଡ୍‌ଲାଇନ୍ ଜାରି କରିଥିଲେ।

## ଇସ୍ରାଏଲ- ହମାସ ଲଢ଼େଇ ମୃତ୍ୟୁସଂଖ୍ୟା ୬୪ ହଜାର ଟପିଲା

ଗାଜା, ୫।୯(ଏଜେନ୍ସି): ପାଖାପାଖି ଦୁଇବର୍ଷ ହେବ ଇସ୍ରାଏଲ ଓ ହମାସ ମଧ୍ୟରେ ଲଢ଼େଇ ଚାଲିଛି। ଏହି ଯୁଦ୍ଧ କାରଣରୁ ଗାଜା ପଟିରେ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ୬୪ ହଜାର ପାର କରିଛି ବୋଲି ଏକ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଗୁରୁବାର ଇସ୍ରାଏଲର ସଦ୍ୟତମ ଆକ୍ରମଣରେ ୨୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ଅଧିକାଂଶ ମହିଳା ଓ ଛୋଟ ପିଲା ସାମିଲ ରହିଛନ୍ତି। ଉଲ୍ଲେଖଥାଉ କି, ୨୦୨୩ ଅକ୍ଟୋବର ୭ରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରି ୧, ୨୦୦ ଲୋକଙ୍କୁ ହତ୍ୟା କରିଥିଲେ ଓ ୨୫୧ଜଣଙ୍କୁ ଅପହରଣ କରି ନେଇଥିଲେ। ଏହାପରଠାରୁ ଇସ୍ରାଏଲ ତା'ର ଆକ୍ରମଣ ଜାରି ରଖିଛି। ଫଳରେ ଗାଜାରେ ଖାଦ୍ୟାଭାବ ସହ ବହୁ ଲୋକ, ଛୋଟପିଲା ଅନାହାରରେ ମୃତ୍ୟୁବରଣ କରିଛନ୍ତି। ଏ ନେଇ ସାରା ବିଶ୍ୱରେ ଚନ୍ତା ପ୍ରକଟ କରାଯାଇଛି। ଅସ୍ତ୍ରବିରତି ନେଇ ଏକାଧିକ ପ୍ରୟାସ ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ।

## ୧ ହଜାର ଫୁଟ୍ ତଳକୁ ବସ୍ ଖସି ୧୫ ମୃତ

କଲମ୍ବୋ, ୫।୯(ଏଜେନ୍ସି): ଶ୍ରୀଲଙ୍କାର ଉଭା ପ୍ରଦେଶରେ ବାଦୁଲ୍ଲା ଜିଲ୍ଲାରେ ଏକ ମର୍ମନ୍ତୁଦ ବସ୍ ଦୁର୍ଘଟଣା ଘଟିଛି। ଏଥିରେ ୯ ମହିଳା ସମେତ ୧୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ ଏହି ବସ୍ ଆନନ୍ଦ ଯାତ୍ରାରେ ବାହାରିଥିଲା। ଏକ ଜିପ୍‌କୁ ବସ ଧକ୍କା ଦେଇଥିଲା। ଏହାପରେ ବସ୍ ସଡ଼କ କଡରେ ରେଲିଂକୁ ମାଡ଼ କରି ୧୦୦୦ ଫୁଟ୍ ତଳେ ଥିବା ଖାଇକୁ ଖସି ପଡ଼ିଥିଲା। ସବୁ ମୃତକ ଟାଂଗେଲ ଅର୍ବାନ ପରିଷଦର କର୍ମଚାରୀ ଥିଲେ। ଆହତ ହୋଇଥିବା କେତେଜଣଙ୍କ ଅବସ୍ଥା ଗୁରୁତର ବୋଲି ପୁଲିସ କହିଛି। ଆହତଙ୍କୁ ବଦ୍ଦୁଲା ଟିଚିଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆମେରିକା ଯୁଦ୍ଧପୋତ ଉପରେ ଏଫ୍-୧୬ ଉଡ଼ାଇଲା ଭେନେଜୁଏଲା

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଆମେରିକା ଓ ଲାଟିନ ଆମେରିକୀୟଦେଶ ଭେନେଜୁଏଲା ମଧ୍ୟରେ ତିକ୍ତତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଭେନେଜୁଏଲାର ଦୁଇଟି ଏଫ୍-୧୬ ଲଢୁଆ ବିମାନ ଗୁରୁବାର କ୍ୟାରିବିୟାନ ସାଗରରେ ଆମେରିକାର ଯୁଦ୍ଧପୋତ ୟୁଏସ୍‌ଏ ଜେସନ ଡନହାମ ଉପରେ ଉଡିଥିଲା। ଭେନେଜୁଏଲାର ଏହି ଦୁଃସାହସକୁ ଆମେରିକା ନାପସନ୍ଦ କରିବା ସହ ସମାଲୋଚନା କରିଛି। ଭେନେଜୁଏଲା ନିଜର ଶକ୍ତି ପ୍ରଦର୍ଶନ ନ କରିବାକୁ ଆମେରିକା ଚେତାବନୀ ଦେଇଛି। ନହେଲେ ପରିଣାମ ଭୟଙ୍କର ହେବ ବୋଲି ଆମେରିକା ସତର୍କ କରାଇଛି। ଆମେରିକାର ଏହି ଡନ୍‌ହାମ ଯୁଦ୍ଧପୋତ ଏକ ଗାଇଡେଡ ଡେଷ୍ଟ୍ରୟର ୱାରଶିପ୍ ଓ ଏହାକୁ ଗତ ସପ୍ତାହରେ ଭେନେଜୁଏଲା ପାଖରେ ଆମେରିକା ନିୟୋଜିତ କରିଥିଲା। ନିଶାଦ୍ରବ୍ୟ ଚୋରା କାରବାର ଓ ଅପରାଧିକ ସଂଗଠନକୁ ନିଶାଣ କରି ଏହି ଯୁଦ୍ଧପୋତ ଆମେରିକା ନିୟୋଜିତ କରିଥିଲା। ଉଲ୍ଲେଖଥାଉ କି, ୪୦ ବର୍ଷ ପୂର୍ବେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବେଶ୍ ଭଲ ଥିଲା। କିନ୍ତୁ ଏବେ ଆଉ ସେକଥା ନାହିଁ।

## ଶେଷ ହୋଇଛି ଟ୍ରମ୍ପ- ମୋଦୀ ବନ୍ଧୁତା: ପୂର୍ବତନ ଆମେରିକା ଏନ୍‌ଏସ୍‌ଏ



ୱାଶିଂଟନ, ୫।୯(ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଜନ୍ ବୋଲ୍ଟନ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ବନ୍ଧୁତା ଏବେ ଶେଷ ହୋଇଛି ବୋଲି ସେ ବ୍ରିଟେନ ଗଣମାଧ୍ୟମ ଏଲ୍‌ବିସିକୁ ଏକ ସାକ୍ଷାତକାର ଦେବା ଅବସରରେ ଏହି କଥା କହିଛନ୍ତି। ଆମେରିକା- ଭାରତ ସମ୍ପର୍କକୁ ହ୍ୱାଇଟ୍ ହାଉସ୍ ତଥା ଟ୍ରମ୍ପ ପ୍ରଶାସନ କେତୋଟି ଦଶନ୍ଧି ପଛକୁ ଠେଲି ଦେଇଛି। ତେଣୁ ମୋଦୀ ରୁଷ୍ ଓ ଚୀନ୍‌ର ନିକଟତର ହୋଇଛନ୍ତି। ଫଳରେ ଚୀନ୍ ଏବେ ଆମେରିକା ଓ ଟ୍ରମ୍ପଙ୍କ ବିକଳ୍ପ ଭାବେ ନିଜକୁ ଉପସ୍ଥାପନ କରିବାର ସୁଯୋଗ ପାଇଛି। ଆମେରିକାର ଏହା ଏକ ବଡ଼ ତ୍ରୁଟି ବୋଲି ସେ ସ୍ୱୀକାର କରିଛନ୍ତି। ଏବେ ଏହାକୁ ଠିକ୍ କରାଯିବା ଏକ ପ୍ରକାର ଅସମ୍ଭବ। ସ୍ଥିତି ବହୁତ ଖରାପ ହୋଇଥିବାରୁ ଏବେ ଏହା ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେରିକାର ବୈଦେଶିକ ନୀତିକୁ ଟ୍ରମ୍ପ ନିଜ ବ୍ୟକ୍ତିଗତ ବନ୍ଧୁତ୍ୱ ଚଷମାରେ ଦେଖୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ବ୍ୟକ୍ତିଗତ ସମ୍ପର୍କ ଓ ଦେଶର ସମ୍ପର୍କରେ ଥିବା ପାର୍ଥକ୍ୟକୁ ଟ୍ରମ୍ପ ବୁଝିବାରେ ବିଫଳ ହୋଇଛନ୍ତି। ଟ୍ରମ୍ପ ଓ ମୋଦୀଙ୍କ ମଧ୍ୟରେ ପୂର୍ବରୁ ବହୁତ ଭଲ ସମ୍ପର୍କ ଥିଲା। କିନ୍ତୁ ଏବେ ଏହା ଶେଷ ହୋଇଛି। ଟ୍ରମ୍ପ ସେପ୍ଟେମ୍ବର ୧୭ରୁ ୧୯ ମଧ୍ୟରେ ବ୍ରିଟେନ ଯାତ୍ରା କରିବା ପୂର୍ବରୁ ବୋଲ୍ଟନ ଏହି କଥା କହିଛନ୍ତି। ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁ କରି ଆମେରିକ ବଡ଼ ଭୁଲ କରିଛି ବୋଲି ସେ ସ୍ୱୀକାର କରିଛନ୍ତି।

## ଭାରତ-ରୁଷ୍‌କୁ ଚୀନ୍ ହାତରେ ଟେକି ଦେଇଛୁ: ଟ୍ରମ୍ପ

ୱାସିଂଟନ, ୫।୯(ଏଜେନ୍ସି): ଭାରତ ଓ ରୁଷିଆକୁ ଏବେ ଆମେ ହରାଇଛୁ ଓ ଏହି ଦୁଇ ଦେଶ ଏବେ ଚୀନ୍ ପଟରେ ସାମିଲ ହୋଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଭାରତ ଓ ରୁଷକୁ ଆମେ ଚୀନ୍ ହାତରେ ଟେକି ଦେଇଛୁ। ଆଶାକରୁଛି ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ସେପଟେ ଭାରତର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏ ସଂକ୍ରାନ୍ତରେ କିଛି କହିବାକୁ ମନା କରିଦେଇଛନ୍ତି। ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ ଲଗାଇବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହୋଇଛି। ଭାରତ ସମେତ କେତୋଟି ଦେଶ ଉପରେ ଉଚ୍ଚ ଟାରିଫ ଲଗାଇବା ମାମଲାର ଶୁଣାଣି ଏବେ ଆମେରିକାର କୋର୍ଟରେ ଚାଲିଛି। ଭାରତ ଉପରେ ଟାରିଫ ଲାଗୁ କରିବା ଜରୁରି ଥିଲା ବୋଲି ଟ୍ରମ୍ପ ଗୁରୁବାର କୋର୍ଟରେ କହିଛନ୍ତି। ଏପରି କରା ନଗଲେ ଆମେରିକା ବହୁତ ଆର୍ଥିକ କ୍ଷତି ସହିବ ବୋଲି ସେ କହିଛନ୍ତି। ୟୁକ୍ରେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ମଧ୍ୟ ଭାରତ ଉପରେ ଟାରିଫ ଲାଗୁ କରାଯାଇଛି ବୋଲି ସେ କହିଛନ୍ତି। ରୁଷିଆଠାରୁ ଭାରତ ତୈଳ କ୍ରୟ କରୁଛି ଓ ରୁଷିଆ ଏଥିରେ ଲାଭବାନ ହେବା ସହ ଯୁଦ୍ଧ ପାଇଁ ବଳ ପାଉଛି। ତେଣୁ ଭାରତ ଉପରେ ଏହି ଟାରିଫ ଲାଗୁ କରିବା ଜରୁରି ଥିଲା ବୋଲି ସେ କୋର୍ଟକୁ ଅବଗତ କରାଯାଇଛନ୍ତି। ଏକ ତଳ କୋର୍ଟ ଟ୍ରମ୍ପଙ୍କ ଟାରିଫ ନୀତିକୁ ତ୍ରୁଟି ପୂର୍ଣ୍ଣ କହିବା ସହ ଟ୍ରମ୍ପ ଏପରି କରିବା ଠିକ୍ ନୁହଁ ବୋଲି କହିଥିଲେ। ଫଳରେ ଟ୍ରମ୍ପ ସେପ୍ଟେମ୍ବର ୪ରେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ।

## ମୌସୁମୀ ବର୍ଷାର ତାଣ୍ଡବ | ଦିଲ୍ଲୀ- ଏନ୍‌ସିଆର୍‌ରେ ବନ୍ୟା

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ସାରା ଉତ୍ତର ଭାରତରେ ମୌସୁମୀ ବର୍ଷାର ତାଣ୍ଡବ ଜାରି ରହିଛି। କ୍ରମାଗତ ବର୍ଷା କାରଣରୁ ପାହାଡ଼ି ରାଜ୍ୟଗୁଡିକଠାରୁ ସମତଳ ଅଞ୍ଚଳ ପର୍ଯ୍ୟନ୍ତ ବିପର୍ଯ୍ୟୟ ଜାରି ରହିଛି। କ୍ରମାଗତ ବର୍ଷା କାରଣରୁ ଯମୁନା ନଦୀର ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ଦିଲ୍ଲୀ-ଏନ୍‌ସିଆରରେ ବନ୍ୟା ଆସିଛି। ନୋଏଡାର ସେକ୍ଟର-୧୩୫ ଓ ସେକ୍ଟର-୧୫୧ ଜଳମଗ୍ନ ହୋଇଛି। ବହୁ ଅଞ୍ଚଳରେ ୩ରୁ ୪ ଫୁଟ ପାଣି ଜମି ରହିଛି। ଦିଲ୍ଲୀର ମୟୂର ବିହାର ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଛି। ହରିୟାଣାର ପଞ୍ଚକୁଲା, ହିସାର, ରୋହତକ ଓ ଝଜ୍ଜରରେ ସବୁ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଫତେହାବାଦ୍, କୁରୁକ୍ଷେତ୍ର, ଯମୁନାନଗର ଓ ଫରିଦାବାଦ୍‌ରେ ମଧ୍ୟ କେତୋଟି ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି। ଗୁରୁଗ୍ରାମରେ ସିଗନେଚର ଗ୍ଲୋବାଲ ସାଲୋରା ସୋସାଇଟିରେ ପାଣି ପସିଯାଇଛି। ଫଳରେ ଏହି ଅଞ୍ଚଳରେ ମହିଳା ଓ ଛୋଟ ପିଲାମାନେ ଘରୁ ବାହରକୁ ବାହରିପାରିନାହାନ୍ତି ଓ ଜଳବନ୍ଦୀ ହୋଇ ରହିଛନ୍ତି।

ରାଜସ୍ଥାନ ଆଜ୍‌ମେରରେ ଗୁରୁବାର ରାତିରେ ପ୍ରବଳ ବର୍ଷା ହେବା କାରଣରୁ ବୋରାଜ ପୋଖରୀର ପାଚେରୀ ଭାଙ୍ଗିଯାଇଛି। ଫଳରେ ଅଚାନକ ଏକ ହଜାରରୁ ଉର୍ଦ୍ଧ୍ୱ ଘରେ ବନ୍ୟା ପାଣି ପସିଯାଇଛି। ସ୍ଥିତି ଏପରି ହୋଇଥିଲା ଯେ, ଲୋକ ଛାତ ଉପରେ ଯାଇ ଜୀବନ ବଞ୍ଚାଇଛନ୍ତି। ପାଣି ସୁଅ ଏତେ ପ୍ରଖର ଥିଲା ଯେ, କେତୋଟି ଗାଡ଼ି ଖେଳଣା ଭଳି ଭାସି ଯାଇଥିଲା। କେତୋଟି ଘର ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଲୋକଙ୍କୁ ଏହି ବିପର୍ଯ୍ୟୟରୁ ବାହାର କରିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲୁ ରହିଥିଲା। ଅନ୍ୟପଟେ ପଞ୍ଜାବରେ ବନ୍ୟାସ୍ଥିତିରେ ସୁଧାର ଆସିନାହିଁ। ବ୍ୟାନ ଯୋଗୁଁ ଏହି ଉତ୍ତର ପଶ୍ଚିମ ସୀମାନ୍ତ ରାଜ୍ୟରେ ଏପର୍ଯ୍ୟନ୍ତ ୪୩ ଲୋକ ମୃତ୍ୟୁବରଣ କରିଛନ୍ତି। ରାଜ୍ୟର ୨୩ଟି ଜିଲ୍ଲାରେ ୧, ୬୫୫

**ନୋଏଡାରେ ଏକାଧିକ ସେକ୍ଟର ଜଳମଗ୍ନ**

**ପଞ୍ଜାବରେ ବନ୍ୟା ଯୋଗୁଁ ୪୩ ମୃତ**

ଗାଁ ପାଣି ଘେରରେ ରହିଛି ଓ ୩.୫୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୧.୭୧ ହେକ୍ଟର ଜମିରେ ହୋଇଥିବା ଚାଷ ନଷ୍ଟ ହୋଇଛି। ପୁଣି ଆଗାମୀ ୫ ଦିନ ଏହି ରାଜ୍ୟରେ ପ୍ରବଳ ବର୍ଷା ହେବାର ସତର୍କତା ଜାରି କରାଯାଇଛି। ଫଳରେ ସ୍ଥିତି ଆହୁରି ଗୁରୁତର ହେବ ବୋଲି ଆଶଙ୍କା କରାଯାଉଛି।

କଶ୍ମୀରରେ ଗୁରୁବାର ପ୍ରବଳ ବର୍ଷା ହେବା କାରଣରୁ ଭୂସ୍ଖଳନ ହୋଇଛି ଓ ଏହି କାରଣରୁ ଦେଶର ବାକି ଅଞ୍ଚଳ ସହ ସମ୍ପର୍କ କଟିଯାଇଛି। ଜମ୍ମୁ-କଶ୍ମୀର ଜାତୀୟ ରାଜପଥ ସହ ସବୁ ସଡ଼କ ବନ୍ଦ ରହିଛି। ଅବଶ୍ୟ ଝେଲମ ନଦୀର ଜଳସ୍ତରରେ ହ୍ରାସ ପାଇଛି। ନଦୀ ଏବେ ବିପଦ ସଂକେତ ତଳେ ପ୍ରବାହିତ ହେଉଛି। କିନ୍ତୁ ସତର୍କତା ଅବଲମ୍ବନପୂର୍ବକ କଶ୍ମୀର ଅଞ୍ଚଳର ସବୁ ସ୍କୁଲ ଓ କଲେଜକୁ ଶନିବାର ପର୍ଯ୍ୟନ୍ତ ବନ୍ଦ କରାଯାଇଛି।



ଅନ୍ୟପଟେ ଜମ୍ମୁର ରାମବନ ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ହଠାତ ବନ୍ୟା ଆସିବା ସହ ଭୂସ୍ଖଳନ ହୋଇଛି। ଫଳରେ ଏହି ଅଞ୍ଚଳରେ ୨୮୩ ଘର କ୍ଷତିଗ୍ରସ୍ତ ହୋଇଛି। ୯୫୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଅଞ୍ଚଳକୁ ନିଆଯାଇଛି। ଗତ ଅଗଷ୍ଟ ୨୯ରେ ରାମବନର ରାଜଗଡ଼ ତହସିଲର ଦୁବଲା ଗାଁରେ ବାଦଲ ଫଟା ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଥିଲା। କଶ୍ମୀର ବନ୍ଦୀପୋରାର ବୁଲର ହ୍ରଦରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ୧୧ଟି ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେହିପରି ହିମାଚଳ ପ୍ରଦେଶରେ ଗତ ୧୧ ଦିନ ହେବ ଫସି ରହିଥିବା ୫୦ ଜଣ ଯାତ୍ରୀଙ୍କୁ ଚିନୁକ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଛି। ଭାରତ ଓ ପାକିସ୍ତାନର ସୀମାରେ ଥିବା ତାର ବାଡ଼ଗୁଡିକ କେତେ କିମି ଧରି ବୁଡି ରହିଥିବାର ଦେଖାଯାଇଛି। ସେହିପରି ଓଖଳା ବ୍ୟାରେଜର ସବୁ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ଯମୁନା ନଦୀର ଜଳସ୍ତରରେ ବୃଦ୍ଧି ଘଟିଛି। ହିମାଚଳ ପ୍ରଦେଶରେ ୫ଟି ଜଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

## ଦେଶ ପାଇଁ ବିଚାରଧାର ଜରୁରି: ସିଡିଏସ୍ ଅନିଲ ଚୌହାନ



ଗୋରଖପୁର, ୫।୯(ଏଜେନ୍ସି): ଦେଶ ପାଇଁ ଏକ ବିଚାରଧାରା ଜରୁରି ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ କହିଛନ୍ତି। ଗୋରଖପୁରାରେ ଗୋର୍ଖା ଯୁଦ୍ଧ ସ୍ମାରକୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓ ସଂଗ୍ରାହଳୟ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଛନ୍ତି ଯେ, ଏକ ରାଷ୍ଟ୍ରର ସଞ୍ଚାଳନ ପାଇଁ ବିଚାରଧାରା ନିହାତି ଜରୁରି। ଭୂମି ରାଷ୍ଟ୍ରର ଭୌତିକ ପରିଚୟ। ଶରୀର ପାଇଁ ଯେପରି ରକ୍ତର ଆବଶ୍ୟକତା ଅଛି, ଠିକ୍ ସେହିପରି ଦେଶ ପାଇଁ ଏକ ବିଚାରଧାରା ଜରୁରି ବୋଲି ସେ କହିଛନ୍ତି। ଏହା ମଧ୍ୟ ପ୍ରଶାସନିକ ଢ଼ାଞ୍ଚାକୁ ଦୃଢ଼ କରିଥାଏ। ଶତ୍ରୁ ଦେଶ ପରମାଣୁ ଅସ୍ତ୍ରରେ ଶକ୍ତି ସମ୍ପର୍ଣ୍ଣ। ପୁଣି ଭାରତ ସମ୍ମୁଖରେ ସୀମା ବିବାଦ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସ୍ୱାଧୀନତା ପାଇବା ପରେ ମଧ୍ୟ ସୀମାକୁ ନେଇ ଶତ୍ରୁ ଦେଶ ସହ ଏକାଧିକବାର ଯୁଦ୍ଧ ହୋଇ ସାରିଛି। ଖାସ୍ କରି ଚୀନ୍ ସହିତ ଥିବା ବହୁଦିନର ସୀମା ବିବାଦ ଭାରତ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ପୁଣି ଭାରତରେ ଏକାଧିକ ଆଞ୍ଚଳିକ ସମସ୍ୟା ରହିଛି ବୋଲି ସେ କହିଛନ୍ତି। ତେଣୁ ଦେଶର ଚାରିପଟୁ ବିପଦ ରହିଛି। ସେହିପରି ଦେଶ ପାଇଁ ଅଭ୍ୟନ୍ତରୀଣ ବିପଦ ମଧ୍ୟ ରହିଛି। ତେଣୁ ଏହି ସବୁ ବିପଦକୁ ପ୍ରତିହତ କରିବାର ଚ୍ୟାଲେଞ୍ଜ ଆମ ସମ୍ମୁଖରେ ରହିଛି। ଆଧୁନିକ ଯୁଗରେ ଏବେ ଯୁଦ୍ଧର ସ୍ୱରୂପ ବଦଳିଛି। ଜଳ, ସ୍ଥଳ ଓ ବାୟୁ ସେନା ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ ରକ୍ଷା କରିବାକୁ ହେବ ବୋଲି ସେ କହିଛନ୍ତି। ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ତତ୍ତ୍ୱକୁ ଶେଷ କରିବାକୁ ହେବ ବୋଲି ସେ କହିଛନ୍ତି।


## ଆମେରିକାଠାରୁ ୫ମ ପିଢ଼ିର ବିମାନ ଇଞ୍ଜିନ୍ କିଣିବ ଭାରତ

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ଟାରିଫ ଯୁଦ୍ଧ ବିବାଦ ମଧ୍ୟରେ ଏକ ଭଲ ଖବର ଆସିଛି। ଭାରତର ବିମାନ ନିର୍ମାତା କମ୍ପାନୀ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ) ଓ ପ୍ରସିଦ୍ଧ ଆମେରିକା କମ୍ପାନୀ ଜେନେରାଲ ଇଲେକଟ୍ରିକ୍ (ଜିଇ) ମଧ୍ୟରେ ୫ମ ପିଢ଼ିର ଜେଟ୍ ଇଞ୍ଜିନ୍ କ୍ରୟକୁ ନେଇ ଏକାଧିକ ପ୍ରତିରକ୍ଷା ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ୧୪ ହଜାର କୋଟି ଟଙ୍କାରେ ଏହି ଚୁକ୍ତି ହୋଇଛି। ଜେଟ୍ ଜିଇ ୪୧୪ ଇଞ୍ଜିନକୁ ନେଇ ଏକ ବଡ଼ ଚୁକ୍ତି ହୋଇଛି ବୋଲି ହାଲ ସୂତ୍ରରୁ ଜଣାଯାଇଛି। ଏହି

**୧୪ ହଜାର କୋଟିର ଚୁକ୍ତି**

**୮୦ ପ୍ରତିଶତ ବୈଷୟିକ ଜ୍ଞାନ କୌଶଳ ଦେବାକୁ ପ୍ରସ୍ତୁତ**

ଇଞ୍ଜିନ୍ ଭାରତର ୫ମ ପିଢ଼ୀର ସ୍ୱଦେଶୀ ଲଢୁଆ ବିମାନ ଅର୍ଥାତ ଆଡଭାନ୍ସଡ୍ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ)ରେ ଲାଗିବ। ଜିଇ ଏହି ଇଞ୍ଜିନର ୮୦ ପ୍ରତିଶତ ବୈଷୟିକ ଜ୍ଞାନକୌଶଳ ଦେବାକୁ ହାଲର ସର୍ତ୍ତକୁ ମାନିନେଇଛି। ଫଳରେ ଜିଇ-୪୧୪ ଇଞ୍ଜିନର ଉତ୍ପାଦନ ଭାରତରେ ହୋଇପାରିବ। ହାଲ ମଧ୍ୟ ଆଗୁଆ ୧୦ଟି ଜିଇ-୪୧୪ ଇଞ୍ଜିନ କ୍ରୟ କରିଛି। ଫଳରେ ଏଏମ୍‌ସିଏ ବିକାଶରେ ବିଳମ୍ବ ହେବ ନାହିଁ। ଆସନ୍ତାମାସ ଅର୍ଥାତ ଅକ୍ଟୋବରରେ ବାୟୁସେନାକୁ ଦୁଇଟି ତେଜସ୍ ଏମ୍‌କେ୧ ବିମାନ ମିଳିବ।



■ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନରେ ବୈଷୟିକ ତ୍ରୁଟି

## ଇନ୍ଦୋରରେ ଜରୁରିକାଳୀନ ଅବତରଣ

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଏକ ବିମାନ ଶୁକ୍ରବାର ସକାଳେ ଇନ୍ଦୋର ବିମାନ ବନ୍ଦରରେ ଜରୁରିକାଳୀନ ଅବତରଣ କରିଛି। ଏହି ବିମାନରେ ୧୬୧ ଜଣ ଯାତ୍ରୀ ଥିଲେ। ଫ୍ଲାଇଟ୍ ନଂ ଆଇଏକ୍ସ-୧୧୦୪ ଇଞ୍ଜିନରେ ବୈଷୟିକ ତ୍ରୁଟି ଦେଖାଯିବା ଫଳରେ ଏହା ସକାଳ ୯.୫୪ ମିନିଟ୍‌ରେ ଜରୁରିକାଳନୀ ଅବତରଣ କରିଥିଲା। ଜରୁରିକାଳନୀ ଅବତରଣ ଖବର ଶୁଣି ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବିମାନବନ୍ଦରରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କ ସମ୍ପର୍କୀୟମାନେ ମଧ୍ୟ ଆତଙ୍କିତ ହୋଇ ପଡ଼ିଥିଲେ। ଦିଲ୍ଲୀରୁ ଏହି ବିମାନ ବିଳମ୍ବରେ ଉଡାଣ ଭରିଥିଲା। ଏହି ବିମାନ ଦିଲ୍ଲୀରୁ ୬.୪୦ରୁ ବାହାରି ଇନ୍ଦୋରରେ ୮.୧୫ରେ ପହଞ୍ଚିଥାଏ। କିନ୍ତୁ ଆଜି ସକାଳେ ଏହା ୮.୨୮ରେ ଟେକ୍‌ଅଫ୍ କରିଥିଲା। ଇନ୍ଦୋର ପହଞ୍ଚିବା ବେଳକୁ ବିମାନର ବାମପଟ ଇଞ୍ଜିନରେ ତ୍ରୁଟି ଦେଖାଦେଇଥିଲା। ଏହାପରେ ପାଇଲଟ୍ ଯଥାଶୀଘ୍ର ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ଅବଗତ କରାଇଥିଲେ ଓ ଏଟିସି ତୁରନ୍ତ ଜରୁରିକାଳୀନ ଅବତରଣର ବ୍ୟବସ୍ଥା କରିଥିଲେ। ଏବେ ଇଞ୍ଜିନିୟରିଂ ଟିମ୍ ଏହି ବିମାନର ଯାଞ୍ଚ୍ କରୁଛି।

## ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦେବେ ୨୬ ଦେଶ

ପ୍ୟାରିସ, ୫।୯(ଏଜେନ୍ସି): ୨୬ଟି ୟୁରୋପୀୟ ଦେଶ ୟୁକ୍ରେନ୍‌କୁ ପୋଷ୍ଟ ୱାର ଅର୍ଥାତ ଯୁଦ୍ଧ ପରର ସୁରକ୍ଷା ଗ୍ୟାରେଣ୍ଟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି। ୟୁକ୍ରେନ୍‌ରେ ଏକ ଇଣ୍ଟରନ୍ୟାସନାଲ ଫୋର୍ସ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି। 'କୋଆଲିସନ ଅଫ୍ ୱିଲିଂ' ସମ୍ମିଳନୀ ପରେ ଗଣମାଧ୍ୟମ ସହ କଥା ହେବା ବେଳେ ମାକ୍ରୋନ ଏହିକଥା କହିଛନ୍ତି। ଏହି ବୈଠକରେ ୟୁରୋପୀଆନ ୟୁନିୟନ ସମେତ ୩୫ ଦେଶର ନେତା ସାମିଲ ହୋଇଥିଲେ। ବୈଠକ ପରେ ମାକ୍ରୋନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଥିଲେ ଓ ଏହି ଗ୍ୟାରେଣ୍ଟି ପାଇଁ ସମର୍ଥନ ଦେବାକୁ କହିଥିଲେ। ୟୁକ୍ରେନ ସେନାବାହିନୀକୁ କେତୋଟି ଦେଶ ଟ୍ରେନିଂ ଦେବା ସହ ଅସ୍ତ୍ରଶସ୍ତ୍ର ଯୋଗାଇବେ। ୟୁକ୍ରେନ- ରୁଷିଆ ଯୁଦ୍ଧ ଶେଷ ହେବା ମାତ୍ରେ ହିଁ ଏହି ସୁରକ୍ଷା ଗ୍ୟାରେଣ୍ଟି ଲାଗୁ ହେବ। କିନ୍ତୁ ଏହା ବିରୋଧରେ ରୁଷି ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସିଧାସଳଖ ଧମକ ଦେଇଛନ୍ତି। ଯଦି ୟୁକ୍ରେନରେ ପାଶ୍ଚାତ୍ୟ ଦେଶର କୌଣସି ସୈନ୍ୟ ନିୟୋଜିତ ହୁଅନ୍ତି ତେବେ ରୁଷିଆ ତାଙ୍କୁ ଟାର୍ଗେଟ କରିବା ସହ ଆକ୍ରମଣ କରିବ ବୋଲି ପୁତିନ କହିଛନ୍ତି।

## ମହିଳା ଆଇପିଏସ୍‌ଙ୍କୁ ଅଜିତ ପାୱାରଙ୍କ ଧମକ

ମୁମ୍ବଇ, ୫।୯(ଏଜେନ୍ସି): ମହାରାଷ୍ଟ୍ର ଉପ- ମୁଖ୍ୟମନ୍ତ୍ରୀ ତଥା ନ୍ୟାସାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଅଜିତ ପାୱାର ଅଞ୍ଜନା କ୍ରିଷ୍ଣା ନାମକ ଜଣେ ମହିଳା ଆଇପିଏସ୍ ଅଧିକାରୀଙ୍କୁ ଧମକ ଦେବାର ଏକ ଭିଡିଓ ଭାଇରାଲ ହୋଇଛି। ଦୁହିଁଙ୍କ ମଧ୍ୟରେ ଫୋନ୍‌ରେ ଗରମାଗରମ ଯୁକ୍ତିତର୍କ ହେବା ବେଳେ ଅଜିତ ତାଙ୍କୁ ପାଟି କରିବା ସହ ଧମକ ଦେଉଥିବା ଦେଖିବାକୁ ମିଳିଛି। ଅଗଷ୍ଟ ୩୧ରେ ସୋଲାପୁର ଜିଲ୍ଲାର କୁର୍ଦୁ ଗାଁରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଇଛି। ଅଞ୍ଜନା ଏହି ଅଞ୍ଚଳରେ ମୋହରମର ଅବୈଧ ଖନନକୁ ରୋକିବାକୁ ସେଠାରେ ପହଞ୍ଚିଥିଲେ। କିନ୍ତୁ ଏହାକୁ ରୋକିବାକୁ ଅଜିତ ଏହି ମହିଳା ଆଇପିଏସ୍‌କୁ କହୁଥିବାର ଶୁଣାଯାଇଛି। ଭିଡିଓରେ ଅଞ୍ଜନା ହାତରେ ଏକ ମାବାଇଲ ଧରି ଛିଡା ହୋଇଥିବାର ଲକ୍ଷ୍ୟ କରାଯାଇଛି ଓ ତାଙ୍କ ପାଖରେ କିଛି ଲୋକ ଠିଆ ହୋଇଛନ୍ତି। ଏନ୍‌ସିପିର ଜଣେ କର୍ମୀଙ୍କ ମୋବାଇଲରୁ ଅଜିତ ଫୋନ୍ କରିଥିଲେ। କିନ୍ତୁ ଅଞ୍ଜନା ତାଙ୍କ ସ୍ୱର ଜାଣିପାରି ନଥିଲେ। ଫଳରେ ଅଜିତ ଭିଡିଓ କଲ୍ କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଅଜିତ ନିଜ ତ୍ରୁଟି ସ୍ୱୀକାର କରିଛନ୍ତି ଓ ପୁଲିସ ଓ ଅଧିକାରୀଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

## ଦେଶର ୪୭% ମନ୍ତ୍ରୀଙ୍କ ଉପରେ ଆପରାଧିକ ମାମଲା



ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଦେଶରେ ୩୦୨ ଜଣ ମନ୍ତ୍ରୀ (ପାଖାପାଖି ୪୭ ପ୍ରତିଶତ) ନିଜ ଉପରେ ଆପରାଧିକ ମାମଲା ଥିବା କଥା ସ୍ୱୀକାର କରିଛନ୍ତି। ଏମାନଙ୍କୁ ମଧ୍ୟରୁ ୧୭୪ ଜଣ ମନ୍ତ୍ରୀଙ୍କ ଉପରେ ହତ୍ୟା, ଅପହରଣ ଓ ମହିଳାଙ୍କ ବିରୋଧରେ ଅପରାଧ ଭଳି ଗମ୍ଭୀର ଅଭିଯୋଗ ରହିଛି। ସେହିପରି କେନ୍ଦ୍ର ସରକାରଙ୍କ ୭୨ ମନ୍ତ୍ରୀଙ୍କ ମଧ୍ୟରୁ ୨୯ଜଣ (୪୦ ପ୍ରତିଶତ) ନିଜ ଉପରେ ଆପରାଧିକ ମାମଲା ଥିବା କଥା ସ୍ୱୀକାର କରିଛନ୍ତି। ନିର୍ବାଚନ ସୁଧାର ସଂସ୍ଥା 'ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ' (ଏଡିଆର) ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏ ନେଇ ଉଲ୍ଲେଖ କରାଯାଇଛି। ଏଡିଆର ୨୭ ରାଜ୍ୟ, ୩ କେନ୍ଦ୍ର ଶାସିତ ଅଞ୍ଚଳ ଓ କେନ୍ଦ୍ର ସରକାରଙ୍କ ମୋଟ୍ ୬୪୩ ମନ୍ତ୍ରୀଙ୍କ ଶପଥ ପତ୍ର ବା ଆଫିଡେବିଟ୍‌ର ବିଶ୍ଲେଷଣ କରି ଏହି ନିଷ୍କର୍ଷରେ ପହଞ୍ଚିଛି। ୨୦୨୦ ଓ ୨୦୨୫ ମଧ୍ୟରେ ଅନୁଷ୍ଠିତ ନିର୍ବାଚନ ଅବସରରେ ଦାଖଲ ହୋଇଥିବା ଶପଥ ପତ୍ରକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଏଡିଆର ତରଫରୁ କୁହାଯାଇଛି। ୧୧ଟି ରାଜ୍ୟରେ ୬୦ ପ୍ରତିଶତ ମନ୍ତ୍ରୀ ଆପରାଧିକ ମାମଲାରେ ଅଭିଯୁକ୍ତ ଅଛନ୍ତି। ଏହିକ୍ରମରେ ଦେଖିବାକୁ ଗଲେ ବିଜେପିର ୩୩୬ ମନ୍ତ୍ରୀଙ୍କ ମଧ୍ୟରୁ ୧୩୬ ମନ୍ତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ଓ ୮୮ ଜଣଙ୍କ ଉପରେ ଗମ୍ଭୀର ମାମଲା ରୁଜୁ କରାଯାଇଛି। ଅନ୍ୟପଟେ କଂଗ୍ରେସର ୬୧ ମନ୍ତ୍ରୀଙ୍କ ମଧ୍ୟରୁ ୪୫ ଜଣଙ୍କ ବିରୋଧରେ ମାମଲା ରହିଥିବା ବେଳେ ୧୮ଜଣଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି। ସେହିପରି ଡିଏମ୍‌କେର ୩୧ରୁ ୨୭, ଟିଏମ୍‌ସିର ୪୦ରୁ ୧୩, ଟିଡିପିର ୨୩ରୁ ୨୨ ଏବଂ ଆପ୍‌ର ୧୬ରୁ ୧୧ ଜଣ ବିରୋଧରେ ଆପରାଧିକ ମାମଲା ରହିଛି। ଉଲ୍ଲେଖଥାଉ କି, କିଛିଦିନ ତଳେ କେନ୍ଦ୍ର ସରକାର ଏକ ପ୍ରସ୍ତାବ ରଖିଥିଲେ। ଏହା ଅନୁସାରେ ଯେଉଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଗମ୍ଭୀର ଆପରାଧିକ ମାମଲାରେ ୩୦ ଦିନ ଜେଲରେ ରହିବା ପରେ ପଦରୁ ହଟିବେ ବୋଲି କୁହାଯାଇଥିଲା।

## ଦାଗୀ ମନ୍ତ୍ରୀ ତାଲିକା | ଦେଶରେ ଓଡ଼ିଶା ପ୍ରଥମ

**ରାଜ୍ୟର ୮୮ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ମାମଲା**

**କନକ ସବୁଠାରୁ ଧନୀ, ଦ୍ୱିତୀୟ ସ୍ଥାନରେ ପ୍ରଦୀପ**

ଭୁବନେଶ୍ୱର,୫।୯ (ସମିସ): ଓଡ଼ିଶାର ୧୬ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୧୪ ଜଣ ମନ୍ତ୍ରୀଙ୍କ ନାମରେ ରହିଛି ଅପରାଧିକ ମାମଲା । ଏପରିକି ଅପରାଧିକ ମାମଲା ଥିବା ୧୪ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୮ ଜଣଙ୍କ ୧୪ ମନ୍ତ୍ରୀଙ୍କ ମଧ୍ୟରୁ ୯ ଜଣଙ୍କ ନାମରେ ଗୁରୁତର ଅପରାଧିକ ମାମଲା ପଞ୍ଜିକୃତ ହୋଇଛି। ନିକଟରେ ଦେଶର ୨୭ଟି ରାଜ୍ୟ ଓ ୩ ଟି କେନ୍ଦ୍ର ଶାସିତ ଅଞ୍ଚଳର ମନ୍ତ୍ରୀମାନଙ୍କ ସତ୍ୟପାଠ ଆଧାରରେ ଏପରି ରିପୋର୍ଟ ପ୍ରକାଶ କରିଛି ଆସୋସିଏସନ୍ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଓ ନ୍ୟାସନାଲ ଇଲେକ୍ସନ ୱାଚ୍ (ଏନ୍ଇଡବ୍ଲ୍ୟୁ) । ଦାଗୀ ବା ଅପରାଧିକ ମାମଲା ଥିବା ମନ୍ତ୍ରୀଙ୍କ ସୂଚୀରେ ଓଡ଼ିଶା ସହ ଆନ୍ଧ୍ରପ୍ରଦେଶ ଯୁଗ୍ମ ଭାବରେ ସାରା ଦେଶରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି ।

ଏଡିଆର ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ୮୮ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ଅପରାଧିକ ମାମଲା ରହିଛି । ସେହିପରି ଉଭୟ ରାଜ୍ୟରେ ୫୬ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ମଧ୍ୟ ଗୁରୁତର ଅପରାଧିକ ମାମଲା ଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଓଡ଼ିଶାର ସବୁଠାରୁ ଧନୀ ମନ୍ତ୍ରୀ ଭାବରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନାମ ସ୍ଥାନ ପାଇଛି । ତାଙ୍କର ସମ୍ପତ୍ତି ୬୭ କୋଟି ୩୦ ଲକ୍ଷ ୬୦ ହଜାର ୬୨୯ ଟଙ୍କା ବୋଲି ଉଲ୍ଲେଖ ରହିଛି । ସେହିପରି ତାଙ୍କ ନାମରେ ୭୫ ଲକ୍ଷ ଟଙ୍କା ଋଣ ଥିବା ଏଡ଼ିଆର୍ ଉଲ୍ଲେଖ କରିଛି। ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ରାଜ୍ୟର ଦ୍ୱିତୀୟ ଧନୀ ମନ୍ତ୍ରୀ ବୋଲି କୁହାଯାଇଛି ଓ ତାଙ୍କ ନିକଟରେ ୧୭.୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି । ତାଙ୍କ ନାମରେ ୮୫ ଲକ୍ଷ ଟଙ୍କା ଋଣ ରହିଛି । ଅନ୍ୟପକ୍ଷରେ ସମ୍ପତ୍ତି ସୂଚୀରେ ଯୋଗାଣମନ୍ତ୍ରୀ ତୃତୀୟ ସ୍ଥାନରେ ରହିଛନ୍ତି । ତାଙ୍କ ପାଖରେ ୭ କୋଟି ୬୬ ଲକ୍ଷ ୫୮ ହଜାର ୨୩୭ ଟଙ୍କା ସମ୍ପତ୍ତି ରହିଛି ।



ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଓ ମହିଳା ବ୍ୟାପାର କମିଟି ସଦସ୍ୟ

## ଏସ୍‌ସି, ଏସ୍‌ଟିଙ୍କୁ ମିଳୁନି ନ୍ୟାୟ | ବିଚାର ଅପେକ୍ଷାରେ ୩୦ ହଜାର ମାମଲା

**ଦଣ୍ଡ ବିଧାନ ହାର ନଗଣ୍ୟ ● ଥାନା, କଚେରୀକୁ ଦୌଡ଼ି ଦୌଡ଼ି ଜନସାଧାରଣ ନୟାନ୍ତ**

ଭୁବନେଶ୍ୱର, ୫।୯ (ସମିସ): ଏସ୍‌ସି/ଏସ୍‌ଟି(ଅନୁସୂଚିତ ଜାତି ଓ ଜନଜାତି)ଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛି ପ୍ରଶାସନ। ବର୍ଷ ବର୍ଷ ଧରି ମାମଲା କୋର୍ଟରେ ଗଡୁଛି । ଅଭିଯୋଗକାରୀ ଥାନା, କୋର୍ଟକୁ ଦୌଡ଼ି ନୟାନ୍ତ ହେଉଛନ୍ତି । ମାତ୍ର ଅଧିକାଂଶ କ୍ଷେତ୍ରରେ ନ୍ୟାୟ ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ଏପରିକି ଏସ୍‌ସି/ଏସ୍‌ଟି ମାମଲାଗୁଡ଼ିକରେ ଓଡ଼ିଶାରେ ଦଣ୍ଡ ବିଧାନ ହାର ଜାତୀୟ ହାରଠାରୁ ଢେର କମ୍ ରହିଛି। ଏପରିକି ଏଭଳି ସମ୍ବେଦନଶୀଳ ଯେତେ ମାମଲା ବିଚାର ପାଇଁ ରହିଛି ତାହାର ଦୁଇ ପ୍ରତିଶତ ମଧ୍ୟ ବର୍ଷକରେ ଫଇସଲା ହୋଇପାରୁ ନାହିଁ। ଏହି ସମୟରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କୁ ତ୍ୱରିତ ନ୍ୟାୟ ମିଳୁନଥିବାରୁ ନିକଟରେ ସରକାର ଏହି ମାମଲାର ତଦନ୍ତ ଏସ୍‌ଆଇ ଏବଂ ଆଇଆଇସିଙ୍କୁ ତଦନ୍ତ ଅନୁମତିକୁ ନେଇ ସୃଷ୍ଟି ହୋଇଛି ବିବାଦ । ଅନ୍ୟୁନ ଡ଼ିଏସ୍‌ପି ପାହ୍ୟା ଅଧିକାରୀଙ୍କ ଦ୍ୱାରା ତଦନ୍ତ ପାଇଁ ରହିଥିବା ବ୍ୟବସ୍ଥା ପରିବର୍ତ୍ତନକୁ ନେଇ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି।

ଏନସିଆର ପକ୍ଷରୁ ପ୍ରକାଶିତ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟ-୨୦୨୩ର ତଥ୍ୟ ଅନୁସାରେ ଓଡ଼ିଶାରେ ଅନୁସୂଚୀତ ଜାତି ଓ ଜନଜାତି ଅପରାଧ ମାମଲା ସଂଖ୍ୟା ୩୦ ହଜାର ହେବ। ଏହି ରିପୋର୍ଟର ପରିସଂଖ୍ୟାନ ଅନୁଯାୟୀ ୨୦୨୨ରେ ସାରା ଦେଶରେ ଏସ୍‌ସିଙ୍କ ପ୍ରତି ଥିବା ମାମଲାରୁ ମାତ୍ର ୮ ହଜାର ୬୨ଟିର ବିଚାର ହୋଇଥିବା ବେଳେ ସେଥିରୁ ୩ ହଜାର୨୩୪ଟି ଫଇସଲା ହୋଇଥିଲା। ଏଥିମଧ୍ୟରୁ ମାତ୍ର ୯୦୨ଟିରେ ଦଣ୍ଡ ବିଧାନ ହୋଇଥିଲା। ସେହିଭଳି ଏସ୍‌ଟିମାନଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରୁ ୪୫ ହଜାର୮୨୭ଟି ମାମଲା ବିଚାର ପାଇଁ ଯାଇଥିବା ବେଳେ ସେଥିରୁ ମାତ୍ର ୧୬ ହଜାର୭୧୪ଟି ଫଇସଲା ହୋଇଥିଲା। ଯେଉଁଥିରେ ମୋଟ ୫୬୨୯ଟି ମାମଲାରେ ଦଣ୍ଡବିଧାନ କରାଯାଇଛି। ମୋଟାମୋଟି ଭାବେ ସାରା ଦେଶରେ ବିଚାର ଅପେକ୍ଷାରେ ଥିବା ଏହି କିସମର ଅପରାଧିକ ମାମଲାଗୁଡ଼ିକ ଭିତରୁ ୬ ପ୍ରତିଶତରୁ କମ୍ ଫଇସଲା ହୋଇଥିବା ବେଳେ ୯୩ ପ୍ରତିଶତରୁ ଅଧିକ ବାକିଆ ମାମଲା ଭାବେ ପରବର୍ତ୍ତୀ ବର୍ଷକୁ ଗଡ଼ିଛି।

ଅନୁରୂପ ଭାବରେ ଏସ୍‌ସି ଓ ଏସ୍‌ଟିଙ୍କ ପ୍ରତି ଅପରାଧିକ ମାମଲାଗୁଡିକ ମଧ୍ୟରେ ଦଣ୍ଡବିଧାନ ଓ ଫଇସଲା ହାର ଓଡ଼ିଶାରେ କମ୍ ରହିଥିବା ଦେଖିବାକୁ ମିଳିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଓଡ଼ିଶାରେ ଏସସିଙ୍କ ବିରୋଧରେ ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ହାର ୧୬.୧ ପ୍ରତିଶତ ଥିବା ବେଳେ ଏସ୍‌ଟିଙ୍କ କ୍ଷେତ୍ରରେ ଏହା ୧୬.୬ ରହିଛି। ଏସ୍‌ସିଙ୍କ ପ୍ରତି ଅପରାଧିକ ମାମଲାରୁ ଉକ୍ତ ବର୍ଷରେ ଓଡ଼ିଶାରେ ମାତ୍ର ୪୦ଟି ଘଟଣାରେ ଦଣ୍ଡବିଧାନ ହୋଇଥିବାବେଳେ ଏସ୍‌ଟିଙ୍କ ପ୍ରତି ଅପରାଧିକ ମାମଲାରେ ମାତ୍ର ୯ଟିରେ ଆସାମୀଙ୍କ ପ୍ରତି ଦଣ୍ଡାଦେଶ ହୋଇଛି। ବିଶେଷ କରି ଗ୍ରାମାଞ୍ଚଳରେ ରହୁଥିବା ଏସ୍‌ସି ଏବଂ ଏସ୍‌ଟିଙ୍କୁ ଆକ୍ରମଣ କରାଯାଉଛି। ଅନେକ ସ୍ଥାନରେ କଙ୍ଗାରୁ କୋର୍ଟ କରି ଦଣ୍ଡ ଦିଆଉଥିବା ବେଳେ ଆଉ କେଉଁଠି ପଶୁପରି ବ୍ୟବହାର କରାଯାଉଥିବା କୁହାଯାଉଛି ।

## ପାରାଦୀପ ବନ୍ଦରରେ ଅଘଟଣ | ଜାହାଜରୁ ଖସିପଡ଼ିଲେ ୨ ନାବିକ

**ଚୀନ୍ ନାଗରିକ ନିଖୋଜ, ବାଂଲାଦେଶୀ ନାଗରିକ ଉଦ୍ଧାର**

ପାରାଦୀପ,୫।୯ (ସମିସ): ପାରାଦୀପ ବନ୍ଦର ୫ନଂ ଗେଟ୍‌ର ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ବର୍ଥରେ ଆଜି ସକାଳେ ଏକ ଅଘଟଣ ଘଟିଛି । ପାନାମା ଜାତୀୟ ପତାକା ଲାଗିଥିବା ଏକ



ପଣ୍ୟବାହୀ ଜାହାଜ 'ଏମ୍‌ଭି ଲକି ଡ୍ରାଗନ୍'ରୁ ୨ଜଣ ନାବିକ ଖସି ପଡ଼ିଥିଲେ। ୨ ନାବିକଙ୍କ ମଧ୍ୟରୁ ଜଣେ ଚୀନ୍‌ର ଓ ଅନ୍ୟ ଜଣେ ବାଂଲାଦେଶୀ ବୋଲି ଜଣାଯାଇଛି। ବାଂଲାଦେଶୀ ନାବିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଚୀନ୍ ନାବିକ ନିଖୋଜ ଅଛନ୍ତି। ନିଖୋଜ ଯୁବକ ହେଲେ, ଝାଙ୍ଗ ତାଇ (୨୦) । ଆସନ୍ତାକାଲି ସେ ତାଙ୍କର ଜନ୍ମଦିନ ପାଳନ କରିଥା'ନ୍ତେ। ଉଦ୍ଧାର ବାଂଲାଦେଶୀ ନାବିକଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କୁ ପିଆଇସିଟି କର୍ତ୍ତୃପକ୍ଷ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି ।

ସୂଚନା ମୁତାବକ, ଏମଭି ଲକି ଡ୍ରାଗନ ଜାହାଜ ପିଗ ଆଇରନ ଖଲାସ କରି ସକାଳେ ବର୍ଥ ଛାଡ଼ିବା ପାଇଁ ପ୍ରସ୍ତୁତି ଚଳାଇଥିଲା। ଝାଙ୍ଗ ତାଇ ଜାହାଜ ଶିଡ଼ି ରଶି ଖୋଲିବା ବେଳେ ତାହା ଛିଡ଼ିଯିବାରୁ ତାଇ ଛିଟ୍‌କି ପାଣିରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ବାଂଲାଦେଶୀ ନାବିକ ପାଣିକୁ ଡେଇଁଥିଲେ। ବହୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିବାରେ ଅସଫଳ ହୋଇଥିଲେ। ସେ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଜାହାଜର ଅନ୍ୟ ନାବିକ ଦଉଡ଼ି ସହାୟତାରେ ଉଦ୍ଧାର କରିଥିଲେ। ପରେ କୋଷ୍ଟଗାର୍ଡ, ବନ୍ଦର ମେରାଇନ ବିଭାଗ, ସିଆଇଏସଏଫ ଆଦି ସଂସ୍ଥାର ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ଦର ଅଧ୍ୟକ୍ଷ ପି. ଏଲ୍ ହାରନାଦ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏବେ ବି ନିଖୋଜ ନାବିକଙ୍କ କୌଣସି ପତ୍ତା ମିଳିପାରିନାହିଁ। ଉଦ୍ଧାର କାର୍ଯ୍ୟରେ ସିଆଇଏସଏଫ୍, ମେରାଇନ ପୁଲିସ, ସ୍କୁବା ଡାଇଭର୍, କୋଷ୍ଟଗାର୍ଡ ଓ ଏନଡିଆରଏଫ ଟିମ୍ ନିୟୋଜିତ ହୋଇଛନ୍ତି। ଜାହାଜରେ ମୋଟ ୨୨ ଜଣ ନାବିକ ରହିଥିବା ଜଣାପଡ଼ିଛି।

## ଓଡ଼ିଶାର ୨ ଶିକ୍ଷକଙ୍କୁ ରାଷ୍ଟ୍ରପତି ପୁରସ୍କାର






ଭୁବନେଶ୍ୱର, ୫।୯ (ସମିସ): ଗୁରୁଦିବସ ଅବସରରେ ଓଡ଼ିଶାର ଦୁଇଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଜାତୀୟ ଶିକ୍ଷକ ପୁରସ୍କାର' ପ୍ରଦାନ କରିଛନ୍ତି । କୋରାପୁଟସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶଙ୍କୁ ଅଭିନବ ଶିକ୍ଷାଦାନ ପଦ୍ଧତି ଓ ଭାଷା ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ କରାଯାଇଛି । କଥା ଚିତ୍ର, ମାଇଁ ରିଡିଂ ବୁକ୍, ମାଇଁ ପିକ୍‌ଚର ମାଇଁ ଷ୍ଟୋରୀ, ନ୍ୟୁଜ୍ ନେଷ୍ଟ, ମେ ଭି ସ୍ପିକର୍ ପରି ଅଭିନବ ଶିକ୍ଷାଦାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ସାକ୍ଷରତା ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି କରିପାରିଛନ୍ତି।

ସେହିପରି ମାଲକାନାଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ୍ କୋଣ୍ଡେଲ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ମଧ୍ୟ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି । ନୂତନ ଶିକ୍ଷାଦାନ ଶୈଳୀ ଓ ଗୋଷ୍ଠୀ ସହଭାଗିତା ପାଇଁ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ସେ ସୁଧାର ଆଣି ପାରିଛନ୍ତି। ସଚେତନତା ସହିତ ପଥପ୍ରାନ୍ତ ସଭା, କଣ୍ଢେଇ ନାଚ, ଭ୍ରାମ୍ୟମାଣ ପାଠାଗାର ପରି ଅଭିନବ ପଦକ୍ଷେପ ନେଇ ଶିକ୍ଷା, ବିଦ୍ୟାଳୟ ଓ ସମାଜ ମଧ୍ୟରେ ଦୂରତା ହ୍ରାସ କରିପାରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶର ମୋଟ୍ ୪୫ ଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି।

**ଗୁରୁଦିବସରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

## ଶିକ୍ଷକ ପିଲାଙ୍କ ମାର୍ଗଦର୍ଶକ ହୁଅନ୍ତୁ

ଭୁବନେଶ୍ୱର, ୫।୯ (ସମିସ): ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପ୍ରତ୍ୟେକ ଅଭିଭାବକଙ୍କ ସ୍ୱପ୍ନ ରହିଛି। ଏହି ଆକାଂକ୍ଷା ପୂରଣ କରିବାକୁ ବିଦ୍ୟାଳୟରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ମଧ୍ୟରେ

**ତିନି ବର୍ଷରେ ନିଯୁକ୍ତି ପାଇବେ ୪୫ ହଜାର ଶିକ୍ଷକ**

ଥିବା ଲୁକ୍କାୟିତ ପ୍ରତିଭାଗୁଡ଼ିକୁ ଚିହ୍ନଟ କରିବା ସହ ଏ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଫଳରେ ପିଲାମାନେ ସେମାନଙ୍କ ରୁଚି ଅନୁସାରେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଅଗ୍ରସର ହେବେ। ତେଣୁ ପିଲାମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ସମାଜକୁ ଆହ୍ୱାନ ଦେଇଛନ୍ତି।



ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହରେ ମୁଖ୍ୟମନ୍ତ୍ରୀ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟରେ ୪୫ ହଜାର ଶିକ୍ଷକ ନିଯୁକ୍ତି କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

ଏହି ଅବସରରେ ବିଭିନ୍ନ ଜିଲ୍ଲାକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା ପ୍ରଥମ ସ୍ଥାନରେ ରହି ୩ କୋଟି ଟଙ୍କା ପୁରସ୍କାର ରାଶି ଜିତିଥିବାବେଳେ ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଭାବେ ୩ ଜଣ, ୧୦ ଜଣ ଶ୍ରେଷ୍ଠ ବ୍ଲକ୍ ଶିକ୍ଷା ଅଧିକାରୀ, ୭୦ ଜଣ ଶ୍ରେଷ୍ଠ ଶିକ୍ଷକ ଓ ନିଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇ ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁ-ଶିଷ୍ୟ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ



ଭବାନୀପାଟଣା, ୫।୯ (ସମିସ): ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇ ମୃତ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୁଞ୍ଜିପଦର୍ ଗାଁରେ ଆଜି ଏପରି ଏକ ଅଘଟଣ ଘଟିଛି । ମୃତକ ଦ୍ୱୟ ହେଲେ ଜଗନ୍ନାଥ ରଣା(୧୨) ଓ ତା ସାନ ଭାଇ ରାଧାକାନ୍ତ ରଣା(୯) । ଆଜି ଦୁହେଁ ଗାଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା । ଅସାବଧାନତାବଶତଃ ରାଧାକାନ୍ତ ଗଭୀର ପାଣିକୁ ଚାଲିଯିବାରୁ ଜଗନ୍ନାଥ ତାକୁ ବଞ୍ଚାଇବାକୁ ଚେଷ୍ଟା କରି ବୁଡ଼ି ଯାଇଥିଲା । ତେବେ ଦୀର୍ଘ ସମୟ ଧରି ଦୁଇ ଭାଇ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା । ଖୋଜାଖୋଜି କରିବା ପରେ ପୋଖରୀ କୂଳରେ ସେମାନଙ୍କ ପୋଷାକ ଥିବା ଦେଖି ସନ୍ଦେହ ହୋଇଥିଲା । ପରେ ଗ୍ରାମବାସୀଙ୍କଠାରୁ ଖବର ପାଇ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । କିଛି ସମୟ ଖୋଜାଖୋଜି ପରେ ଦୁହିଁଙ୍କ ଶବ ଉଦ୍ଧାର ହୋଇଥିଲା । ସଦର ଥାନା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ପଦମ୍‌ପୁର ଏନ୍‌ଏସି ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୫।୯ (ସମିସ): ବରଗଡ଼ ଜିଲ୍ଲା ପଦ୍‌ମପୁର ଏନ୍‌ଏସିର ଉପାଧ୍ୟକ୍ଷ ଭାରତୀ ପଟ୍ଟନାୟକଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି ବୋଲି ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଅବହେଳିତ ମହିଳାଙ୍କ ସ୍ୱର ହେବ ବିଜେଡି: ସ୍ନେହାଙ୍ଗିନୀ



**୧୫ ମାସରେ ୪୦୦୦ରୁ ଊର୍ଦ୍ଧ୍ୱ ଦୁଷ୍କର୍ମ**

**ବିପଦରେ ମହିଳାଙ୍କ ସୁରକ୍ଷା ଓ ସମ୍ମାନ**

**ମିଶନ ଶକ୍ତିକୁ ବନ୍ଦ ଉଦ୍ୟମ ହେଉଛି**

ଭୁବନେଶ୍ୱର, ୫।୯ (ସମିସ): ରାଜ୍ୟରେ ମହିଳାମାନଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଉଛି। ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନରେ ରାଜ୍ୟ ବିଜେପି ସରକାର ବିଫଳ ହୋଇଛନ୍ତି। ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ଅବହେଳିତ ଓ ନିଷ୍ପେସିତ ମହିଳାମାନଙ୍କ ସ୍ୱର ହେବ ଏବଂ ସେମାନଙ୍କ ନ୍ୟାୟ ପାଇଁ ଲଢ଼େଇ କରିବ ବୋଲି ବିଜୁ ମହିଳା ଜନତା ଦଳର ନବନିଯୁକ୍ତ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି।

ଗୁରୁବାର ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ ଯେ ଗତ ୧୫ମାସର ବିଜେପି ଶାସନରେ ରାଜ୍ୟର ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମହିଳାଙ୍କ ସମ୍ମାନ କ୍ଷୁଣ୍ଣ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଇଥିଲା। ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିବା ସହ ସମାଜରେ ନିଜର ପ୍ରତିଷ୍ଠା ହାସଲ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ବିଜେପି ସରକାରଙ୍କ ୧୫ ମାସର ଶାସନ ସମୟରେ ମହିଳାମାନଙ୍କୁ ସମାଜରେ ପ୍ରତିଷ୍ଠା ଓ ସମ୍ମାନ ଦେଉଥିବା କାର୍ଯ୍ୟକ୍ରମ ମିଶନ ଶକ୍ତି ଏବେ ବନ୍ଦ ହେବାକୁ ବସିଲାଣି।

ଏହାଛଡ଼ା, ଏହି ସମୟରେ ପ୍ରାୟ ୪ହଜାର ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ବିଭିନ୍ନ ଅତ୍ୟାଚାରର ଶିକାର ହେଉଥିବା ମହିଳା ଓ ଛାତ୍ରୀମାନେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ଦୁଷ୍କର୍ମ, ଅସଦାଚରଣ ଭଳି ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ମଣ୍ଡନ କରୁଥିବା ବେଳେ ସରକାର ଏହାକୁ ରୋକିବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। କେବଳ ଧର୍ମକୁ ଆଖିଠାର ସଦୃଶ ଅପରାଧୀମାନଙ୍କୁ ଗିରଫ କରାଯାଉଛି, କିନ୍ତୁ ସେପରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଗାମୀ ଦିନରେ ମହିଳାମାନଙ୍କ ସୁରକ୍ଷା, ସମ୍ମାନ ପାଇଁ ଦଳ ଲଢ଼େଇ ଜାରି ରଖିବା ସହ ରାଜ୍ୟର ମହିଳାମାନଙ୍କ ନ୍ୟାୟ ପାଇଁ ସ୍ୱର ଶାଣିତ କରିବାକୁ ମହିଳା ଜନତା ଦଳ ସଙ୍କଳ୍ପ ନେଉଛି ବୋଲି ଶ୍ରୀମତୀ ଛୁରିଆ କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ, ଦଳର ମହିଳା ବ୍ୟାପାର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେତ୍ରୀମାନେ ଯଥା ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦିକା ସୁଲତା ଦେଓ, ମେୟର୍ ତଥା ସାଧାରଣ ସମ୍ପାଦିକା ସୁଲୋଚନା ଦାସ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ସାଧାରଣ ସମ୍ପାଦିକା ଲୋପାମୁଦ୍ରା ବକ୍ସିପାତ୍ର, ସାଧାରଣ ସମ୍ପାଦିକା ମିନତି ବେହେରା, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଧସିଲା ପାହାଡ଼



**ପାତ୍ରପଡ଼ା-ହଣ୍ଡପା ରାସ୍ତାରେ ଯାତାୟାତ ଠପ୍**

ଛେଣ୍ଡିପଦା, ୫।୯ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାର ମା' ବାୟାଣୀ ପୀଠରୁ ହଣ୍ଡପାକୁ ସଂଯୋଗ କରୁଥିବା ରାସ୍ତା ଉପରେ ଦେବୀନଗର ପାହାଡ଼ର କିଛି ଅଂଶ ଲଗାଣ ବର୍ଷାରେ ଧସିବା ଯୋଗୁଁ ମାଟି ପଡ଼ି ଯାତାୟାତ ଠପ ହୋଇଯାଇଛି । ଏହି ରାସ୍ତା କିଶୋରନଗର ଓ ଆଠମଲ୍ଲିକ ଅଞ୍ଚଳକୁ ସଂଯୋଗ କରୁଥିବାବେଳେ ବହୁ ଜନସାଧାରଣଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

ତିନିଦିନ ଧରି ଲଗାଣ ବର୍ଷା ସାଙ୍ଗକୁ ଗତକାଲି ହୋଇଥିବା ବାଦଲଫଟା ବର୍ଷା ଯୋଗୁଁ ପାହାଡ଼ରୁ ଅତଡ଼ା ଖସି ରାସ୍ତା ଉପରେ ୫ ଫୁଟ୍ ଉଚ୍ଚ ମାଟି ଜମା ହୋଇଛି । ରାସ୍ତା ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରୁ ଯାତାୟାତ ବନ୍ଦ ହୋଇଯାଇଛି । ତୁରନ୍ତ ରାସ୍ତାରୁ ମାଟି ବାହାର କରି ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି । ଅନ୍ୟପଟେ ପୂର୍ବରୁ ଏପରି ଅନେକଥର ମାଟି ଅତଡ଼ା ପଡ଼ିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସନ୍ଧ୍ୟାରେ ଅବସରପ୍ରାପ୍ତ ପ୍ରାଧ୍ୟପକ ଲୋକନାଥ ସାହୁଙ୍କ ଉଦ୍ୟମରେ ସମିତି ସଭ୍ୟ ଦୀପକ ସାହୁ ଓ ହିମାଂଶୁ ସ୍ୱାଇଁଙ୍କ ନେତୃତ୍ୱରେ ଜେସବି ମାଧ୍ୟମରେ ରାସ୍ତାକୁ ପରିଷ୍କାର କରାଯାଇଥିଲା । ଫଳରେ ଗାଡ଼ିଗୁଡ଼ିକ ଚଳପ୍ରଚଳ କରିଥିଲା ।

ସକାଳ THE SAKALA



# ପ୍ରାଣୀଚିକିତ୍ସା ସେବା ସଂଘର କଳାବ୍ୟାଜ୍ ପ୍ରତିବାଦ ଜାରି

**ସମ୍ବଲପୁର, ୫।୯ (ସମିସ)**

ପ୍ରାଣୀଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଓଡ଼ିଶା ପ୍ରାଣୀଚିକିତ୍ସା ସେବା ସଂଘ ତରଫରୁ ବିଗତ ବର୍ଷ ବର୍ଷ ଧରି ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନାହାଁନ୍ତି। ଫଳରେ ୨୫ ତାରିଖରୁ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ ପ୍ରତିବାଦ ସ୍ୱରୂପ କଳା ବ୍ୟାଚ ପରିଧାନ କରିଛନ୍ତି। ରାଜ୍ୟରେ ଆବଶ୍ୟକୀୟ ୫୦୦୦ ଡାକ୍ତରଙ୍କ ସ୍ଥାନରେ ପ୍ରାୟ ୧୦୦୦ ପ୍ରାଣୀ ଚିକିତ୍ସକ ପ୍ରାଣୀସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବାରୁ ଓଡ଼ିଶାର ପ୍ରତ୍ୟେକ ପ୍ରାଣୀ ଚିକିତ୍ସକ ଚାରିଗୁଣ ବୋଝ ବହନ କରୁଛନ୍ତି। ପୁଣି ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁବିଧା ନ ଥିବା ଯୋଗୁଁ ଦୀର୍ଘ ୨୨-୨୩ ବର୍ଷ ସେମାନଙ୍କୁ ଗୋଟିଏ ଦରମା ହାରରେ କାର୍ଯ୍ୟ କରିବାକୁ ପଡୁଛି। ଏଥିପାଇଁ ମଣିଷ ଡାକ୍ତରଙ୍କ ପରି ସମାନ ଢାଞ୍ଚାରେ କ୍ୟାଡ଼ର ପୁନର୍ଗଠନ ସହିତ କେନ୍ଦ୍ରୀୟ ହାରରେ ଡିଏସିପି ଏବଂ ଏନପିଏ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରାଣୀଚିକିତ୍ସା ସେବା ସଂଘ ଦାବି କରିଛି। ସରକାରୀ ଯାନର ଅଭାବ ଯୋଗୁଁ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପ୍ରତିଦିନ ବହୁ ବାଟ ନିଜସ୍ୱ ଯାନରେ ଏବଂ ନିଜସ୍ୱ ଖର୍ଚ୍ଚରେ ଯିବାକୁ ପଡୁଛି। ପ୍ରତିକୂଳ ପାଣିପାଗ ନିମନ୍ତେ କିମ୍ବା ଚିକିତ୍ସା ଜନିତ ବ୍ୟସ୍ତତା ମଧ୍ୟରେ ଯଦି



କୌଣସି ପ୍ରାଣୀ ଚିକିତ୍ସକ ସଠିକ ସମୟରେ ଯୋଜନା ସମ୍ବନ୍ଧୀୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରୁନାହାନ୍ତି ତେବେ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଭୟରେ ଏବେ ରାଜ୍ୟର ପ୍ରାଣୀ ଚିକିତ୍ସା ଅଧିକାରୀମାନେ ବାଧ୍ୟ ହୋଇ ପଶୁ ପକ୍ଷୀମାନଙ୍କ ଚିକିତ୍ସାକୁ ପଛରେ ପକାଇ ସରକାରୀ ସହାୟତା ବାଣ୍ଟିବା କାର୍ଯ୍ୟରେ ଅଧିକ ସମୟ ଅପବ୍ୟୟ କରୁଛନ୍ତି। ଆବଶ୍ୟକୀୟ କର୍ମଚାରୀ ନ ଦେଇ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଓ ଅସହାୟ ବୁଲା ପ୍ରାଣୀମାନଙ୍କ ଚିକିତ୍ସା ସେବାକୁ ଏକାଠି କରିଦିଆଯାଇଛି, ଯାହା ଫଳରେ ଦୁଇଟିଯାକ ସେବାର ମାନ ହ୍ରାସ ପାଉଛି। ବିନା ଔଷଧରେ ଚିକିତ୍ସାଳୟ ଗୁଡିକୁ ପରିଚାଳନା କରିବାକୁ ଏକପ୍ରକାର ବାଧ୍ୟ କରାଯାଉଛି। ଏହା ସହିତ ଆକ୍ରୋଶମୂଳକ ଭାବେ ମଞ୍ଜୁର କରାଯାଇନଥିବା ଛୁଟିର ବୈଧୀକରଣ, ଯୌନ ନିର୍ଯାତନାରେ ଦୋଷୀ ପ୍ରମାଣିତ ବରିଷ୍ଠ ଅଧିକାରୀଙ୍କୁ ଉପଯୁକ୍ତ ଶାସ୍ତି ପ୍ରଦାନ, ବନ୍ୟଜନ୍ତୁଙ୍କ ଚିକିତ୍ସାରେ ନିୟୋଜିତ ପ୍ରାଣୀ ଚିକିତ୍ସକଙ୍କୁ ଉପଯୁକ୍ତ ସୁରକ୍ଷା ଓ ବୀମା ସହାୟତା ପ୍ରଦାନ, ନିଃଶୁଳ୍କ ଚିକିତ୍ସା ସେବା, ୨୪ ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା, ଦ୍ୱାରଦେଶରେ ଚିକିତ୍ସା ସେବା ଆଦିର ନିୟମିତିକରଣ, ପ୍ରାଣୀ ଚିକିତ୍ସା ସେବାର ଆଧୁନିକୀକରଣ ତଥା ସଠିକ କାର୍ଯ୍ୟ ନିର୍ଘଣ୍ଟ ଏବଂ କାର୍ଯ୍ୟ ତାଲିକା ପ୍ରକାଶ କରିବା, ବିଭାଗରେ ଉପରିସ୍ଥ ଅଧିକାରୀମାନଙ୍କର ତଳୁ ଉପର ପର୍ଯ୍ୟନ୍ତ ବଦଳି କରିବା ଏବଂ ପଶୁପାଳକଙ୍କ ସେବା ପାଇଁ ନିରାପଦ ଓ ସମନ୍ୱିତ ପରିବେଶ ସୃଷ୍ଟି କରିବା ଆଦି ବିଭିନ୍ନ ଦାବି ନେଇ ପ୍ରାଣୀ ଚିକିତ୍ସା ସେବା ସଂଘ ଏହି କଳା ବ୍ୟାଚ ପ୍ରତିବାଦ ଆରମ୍ଭ କରିଛି। ଏଥି ସହିତ ସରକାର ସଂଘର ଦାବିଗୁଡିକ ଉପରେ ଯଥାଶୀଘ୍ର ଫଳପ୍ରଦ ଆଲୋଚନା ନକରିଲେ ନିକଟ ଭବିଷ୍ୟତରେ ଏହି ପ୍ରତିବାଦକୁ ଆହୁରି ତୀବ୍ର ଆନ୍ଦୋଳନରେ ପରିବର୍ତ୍ତନ କରିବାକୁ ସଂଘ ପ୍ରକାଶ କରିଛି।ରାଜ୍ୟ ସରକାର ଗୋମାତା ସୁରକ୍ଷା ଓ ଗୋଧନ ଅଭିବୃଦ୍ଧି ପାଇଁ ଅଶେଷ ପ୍ରୟାସ କରୁଥିବା ସମୟରେ ପ୍ରାଣୀ ଚିକିତ୍ସକମାନଙ୍କ ପ୍ରତି ଏପରି ବୈମାତୃକ ଭାବ ପୋଷଣ କରିବା ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ହତୋତ୍ସାହିତ କରିଛି ବୋଲି ପ୍ରାଣୀ ଚିକିତ୍ସା ସେବା ସଂଘ ପ୍ରକାଶ କରିଛି।

## ଏନ୍‌ଏସି ତାଲିକାରୁ ପାଇକମାଳକୁ ବାଦ୍

# ୧୦ରେ ପାଇକମାଳ ବନ୍ଦ କରିବ ବିଜେଡି

**ପାଇକମାଳ, ୫।୯ (ସମିସ):** ପାଇକମାଳକୁ ଏନ୍‌ଏସି ଘୋଷଣା ନେଇ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ଏହାସତ୍ତ୍ୱେ ପାଇକମାଳକୁ ମୋହନ ମାଝୀ ସରକାର ଜାଣିଶୁଣି ଏନ୍‌ଏସି ଘୋଷଣା କରି ନାହାଁନ୍ତି। ପଦ୍ମପୁରରେ ବିଜେଡି ବିଧାୟିକା ଥିବାରୁ ପାଇକମାଳକୁ ନୂତନ ଏନ୍‌ଏସି ଲିଷ୍ଟରେ ସାମିଲ କରାଯାଇ ନାହିଁ ବୋଲି ପାଇକମାଳ ବିଜୁ



ଜନତା ଦଳ(ବିଜେଡି) କାର୍ଯ୍ୟାଳୟରେ ଗୁରୁବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ କରିଛନ୍ତି। ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପାଇକମାଳକୁ ଶୀଘ୍ର ଏନ୍‌ଏସି ଲିଷ୍ଟରେ ସାମିଲ କରିବାକୁ ଅନୁରୋଧ କରିବି ବୋଲି ବିଧାୟିକା କହିଥିଲେ। ଯଦି ପାଇକମାଳକୁ ଏନ୍‌ଏସି ତାଲିକାରେ ସାମିଲ କରା ନ ଯାଏ ତେବେ ଆସନ୍ତା ୧୦ ତଥା ବୁଧବାର ଦିନ ପାଇକମାଳ ଦୋକାନ ବଜାର, ଗାଡ଼ି ମଟର ବନ୍ଦ କରାଯିବ ବୋଲି ସେ ଚେତାବନୀ ଶୁଣାଇଥିଲେ। ଗତ ଥର ନବୀନ ସରକାର ପଦ୍ମପୁରକୁ ଜିଲ୍ଲାର ମାନ୍ୟତା ସହ ପାଇକମାଳକୁ ଏନ୍‌ଏସି କରିବା ପାଇଁ ଘୋଷଣା କରିଥିଲେ। କିନ୍ତୁ ଆଜିର ବିଜେପିର ଡବଲ ଇଞ୍ଜିନ ସରକାରର ପାଇକମାଳ ଜନ ସାଧାରଣଙ୍କ ପ୍ରତି ଆନ୍ତରିକତା ନଥିବା ସ୍ପଷ୍ଟ ଜଣାପଡୁଛି ବୋଲି ସେ କଟାକ୍ଷ କରିଥିଲେ। ସେ ଆହୁରି କହିଥିଲେ ପାଇକମାଳ ମାଟିରେ ଜନ୍ମିତ ହୋଇଥିବା ଲୋକ ପ୍ରତିନିଧିଙ୍କ ପାଇକମାଳ ପ୍ରତି ଆନ୍ତରିକତା ନ ଥିବା ଜଣାପଡୁଛି ବୋଲି କହିଥିଲେ। ସେହିପରି କିଛିଦିନ ତଳେ ପ୍ରଶାସନ ତରଫରୁ ପାଇକମାଳ ସଡ଼କପଡ଼ାରୁ ନରସିଂପଡ଼ା ଯାଏ ସରକାରୀ ଜମି ଉଚ୍ଛେଦ ହୋଇଥିଲା। ଏଥିରେ ଗରିବ ଲୋକଙ୍କ ଘର ଦ୍ୱାର ଭାଙ୍ଗି ଥିବା ବେଳେ କେତେ ବଡ ବଡିଆଙ୍କ ଘରକୁ ନ ଭାଙ୍ଗି ସମୟ ଦିଆଯାଇଛି କାହିଁକି ବୋଲି ପ୍ରଶ୍ନ କରିଥିଲେ। ଏଥିରେ ଉପସ୍ଥିତ ଥିବା ଅନେକ ଦଳୀୟ କର୍ମୀ ସରପଞ୍ଚ, ଯୁବ ନେତା, ଚେୟାରମ୍ୟାନ, ବିଧାୟିକା ପ୍ରତିନିଧିମାନେ ବିଧାୟିକା ବର୍ଷା ସିଂଙ୍କ କଥାକୁ ସମର୍ଥନ କରି ଆଗାମୀ ୧୦ ତାରିଖରେ ପାଇକମାଳ ବନ୍ଦ ପାଳନ ବେଳେ କିଛି ଅପ୍ରୀତିକର ଘଟଣା ଘଟିଲେ ସରକାର ଦାୟୀ ରହିବେ ବୋଲି କହିଛନ୍ତି।

# ବେଣୁନାଦେ ଶ୍ୟାମ ଜୀବନୀ ପୁସ୍ତକ ଉନ୍ମୋଚିତ

**ବରଗଡ଼, ୫।୯ (ସମିସ):** ସ୍ୱର୍ଗତ ବେଣୁ ବାବା ଓ ତାଙ୍କ ଶିଷ୍ୟ ସ୍ୱର୍ଗତ ସୁରୁ ବାବାଜୀଙ୍କ ସାଧନାପୀଠ ଜୀରାକୁଳ ବରଗଡ଼ ରାଧାମାଧବ ମଠରେ ମଠାଧୀଶ ଭଗବାନ ଦାଶଙ୍କ କରକମଳରେ 'ବେଣୁନାଦେ ଶ୍ୟାମ ଜୀବନୀ' ପୁସ୍ତକ ଉନ୍ମୋଚନ ହୋଇଛି। ଏହାର ପ୍ରଣେତା ନିଜେ ପଣ୍ଡିତ ଶ୍ୟାମସୁନ୍ଦର ଦାଶ, ତରାକନା ନିବାସୀ ଅଟନ୍ତି। ପ୍ରଣେତା ଆଜୀବନ ରାଧାମାଧବ ପୂଜାରେ ଲିପ୍ତ ରହି ନିଜ ଗାଁ ତରାକନାରେ ଶ୍ରୀରାମ ମନ୍ଦିର ସେବାରେ ନିଯୁକ୍ତ ଅଛନ୍ତି। ଗାଁର ସଭ୍ୟ ସମାଜର ସାହାଯ୍ୟରେ ବୈଶାଖୁ ବୁଡେକ ନିଜେ ଆର୍ଥିକ ସହଯୋଗ କରି ଏ ପୁସ୍ତକଟି ପ୍ରକାଶ କରିଛନ୍ତି। ପୁସ୍ତକରେ ଅଷ୍ଟକାଳୀନ ସେବା କିପରି ଓ କେତେ ପ୍ରକାର କରାଯାଏ, ଏଥିରେ ଉଲ୍ଲେଖ ଅଛି। ପ୍ରଭୁ ଶ୍ୟାମସୁନ୍ଦର ବ୍ରଜବାସୀ ଗୋପୀଗଣଙ୍କ ସଙ୍ଗେ ବେଣୁନାଦ କରି ଯେପରି ଲୀଳା କରିଥିଲେ ସେକଥା ସ୍ମରଣରେ ପୁସ୍ତକ ପ୍ରଣେତା ଶ୍ୟାମସୁନ୍ଦର ଦାଶ ସ୍ୱର୍ଗତ ବେଣୁ ବାବାଙ୍କର ସଙ୍ଗରେ ଜୀବନକୁ ଅତିବାହିତ କରିଛନ୍ତି। ଉଭୟ ଅର୍ଥକୁ ନେଇ ପୁସ୍ତକର ନାମ 'ବେଣୁନାଦେ ଶ୍ୟାମ ଜୀବନୀ' ରଖାଯାଇଛି।

# ଏଲ୍‌ବିଏସ୍ ସ୍କୁଲରେ ପୋଷାକ ବଣ୍ଟନ

**ପଦ୍ମପୁର ୫।୯ (ସମିସ):** ପଦ୍ମପୁର ଲାଲ ବାହାଦୁର ଶାସ୍ତ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଅତିଥି ଭାବରେ ଗୋଷ୍ଠୀ ସାଧନା କେନ୍ଦ୍ର ସଂଯୋଜକ ରାମ ସିଂହ ଭୋଇ, ସୁରେଶ ଚୌହାନ, ସୀତାରାମ ତ୍ରିପାଠୀ, ପ୍ରହ୍ଲାଦ ମହାନନ୍ଦ, ଚନ୍ଦ୍ରାବତୀ ମେହେର ଓ ରଜାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ବାରିକ, ପରିଚାଳନା ସମିତିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଶେଷଦେବ ସାହୁ ସ୍ୱାଗତ ଜଣାଇଥିଲେ। ପ୍ରତିମା ପଣ୍ଡା, ସୁବାଷିନୀ କଣ୍ଟା, ଅଳକାଶ୍ରୀ ପଣ୍ଡା, ସାଗରିକା ଯୋଶୀ, ସୁବ୍ରତ ଚାନ୍ଦ, ସଂଘମିତ୍ରା ଭୋଇ, ନିଳିମା ପଧାନ, ସୋନାଲି ପ୍ରଧାନ ସହାୟତା କରିଥିଲେ।

## ବେଦାନ୍ତ ଆଲୁମିନିୟମର 'ପ୍ରୋଜେକ୍ଟ ବିଦ୍ୟାଗ୍ରହ'

# ୧୦୬ ସରକାରୀ ସ୍କୁଲରେ ଡିଜିଟାଲ୍ ଶିକ୍ଷାଦେଉଛି

**ସମ୍ବଲପୁର, ୫।୯ (ସମିସ):** ପ୍ରତ୍ୟେକ ପିଲାକୁ ଗୁଣାତ୍ମକ ଶିକ୍ଷା ସମ୍ବଳରୁ ଶିଖିବାର ସମାନ ସୁଯୋଗ ଦିଆଗଲେ ସମାଜରେ ପ୍ରକୃତ ପ୍ରଗତି ଆରମ୍ଭ ହୁଏ। ଏହି ବିଶ୍ୱାସ ବେଦାନ୍ତ ଆଲୁମିନିୟମର ପ୍ରୟାସକୁ ପ୍ରୋଜେକ୍ଟ ବିଦ୍ୟାଗ୍ରହ ମାଧ୍ୟମରେ ମାର୍ଗଦର୍ଶନ କରିଛି, ଯାହାକି ଏକ ଅଗ୍ରଣୀ ଡିଜିଟାଲ୍ ଶିକ୍ଷଣ ପଦକ୍ଷେପ ମାଧ୍ୟମରେ ଝାରସୁଗୁଡା ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଗତ ପ୍ରବେଶକୁ ପରିବର୍ତ୍ତନ କରିଛି।୨୦୨୨ ମସିହାରେ ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରୋଜେକ୍ଟ ବିଦ୍ୟାଗ୍ରହ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ ଡିଜିଟାଲ୍ ଶିକ୍ଷଣ ସାମଗ୍ରୀ ଭାବରେ ୩୦୦ରୁ ଅଧିକ ପୂର୍ବରେକର୍ଡ କରାଯାଇଥିବା ପାଠ ପ୍ରଦାନ କରିଛି। ଏହି ଡିଜିଟାଲ୍ ଶିକ୍ଷଣ ମଡ୍ୟୁଲଗୁଡ଼ିକୁ ପରିପୂରକ ସମ୍ବଳ ଭାବରେ ଡିଜାଇନ୍ କରାଯାଇଛି ଯାହା ଗ୍ରାମୀଣ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଅଭିଜ୍ଞତାକୁ ବୃଦ୍ଧି କରିଥାଏ। ଏହି ପ୍ରୋଜେକ୍ଟ ଝାରସୁଗୁଡା ଜିଲ୍ଲାର ୫ଟି ବ୍ଲକର ୧୦୬ଟି ସରକାରୀ ବିଦ୍ୟାଳୟରେ ୧୨ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିଛି। ଶିକ୍ଷଣ ସମ୍ବଳକୁ ୨୧ହଜାରରୁ ଅଧିକ ଥର ଉପଲବ୍ଧ କରାଯାଇଛି। ପାରମ୍ପରିକ ଶିକ୍ଷାଦାନକୁ ସହଜରେ ସୁଗମ ଡିଜିଟାଲ୍ ବିଷୟବସ୍ତୁ ସହିତ ପରିପୂରକ କରି, ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ନିଜ ଗତିରେ ଶିଖିବାକୁ ଏବଂ ଆବଶ୍ୟକ ଅନୁଯାୟୀ ଜଟିଳ ବିଷୟଗୁଡ଼ିକୁ ପୁନଃପଠନ କରିବାକୁ ସଶକ୍ତ କରେ, ଯାହା ଦ୍ୱାରା ଉନ୍ନତ ଶୈକ୍ଷିକ ଫଳାଫଳ ସମ୍ଭବ ହୁଏ। ଏହି ପାଠ ଶୈଳୀରେ ଲଇକେରାର କୈଳାସ ଭାଇ ଜୟସ୍ୱାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ, ଆଲିଭ ରଞ୍ଜନ ପ୍ରୁସେଠ ଏହି ବର୍ଷ ତାଙ୍କ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ୯୩.୩୩% ସ୍କୋର କରିଛନ୍ତି। ଏକାତାଳିର ମ୍ୟୁନିସିପାଲ୍ ହାଇସ୍କୁଲର ଛାତ୍ରୀ ମଧୁସ୍ମିତା ଦଲାଇ ତାଙ୍କ ଚିନ୍ତାଧାରା ବ୍ୟକ୍ତକରି କହିଛନ୍ତି ସେ ତାଙ୍କ ବୋର୍ଡ ପରୀକ୍ଷାରେ ପ୍ରଭାବଶାଳୀ ୯୩.୩୩% ହାସଲ କରିଥିଲେ, ବିଦ୍ୟାଗ୍ରହଙ୍କ ମିଶ୍ରିତ ଶିକ୍ଷା ମଡେଲ୍ ମାଧ୍ୟମରେ ନୂତନ ସମର୍ଥନ ପାଇଥିଲେ। ସମଗ୍ର ଝାରସୁଗୁଡ଼ାରେ, ଶିକ୍ଷକମାନେ ଅଧିକ ନିୟୋଜିତ,



ଉନ୍ନତ ଶିକ୍ଷାଗତ ଫଳାଫଳ ହାସଲ କରୁଥିବା ଏବଂ ନୂତନ କୌତୁହଳ ସହିତ ସେମାନଙ୍କ ଅଧ୍ୟୟନକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ଦେଖୁଛନ୍ତି। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି 'ଶିକ୍ଷା ହେଉଛି ସାମାଜିକ ପ୍ରଗତିରେ ମୂଳଦୁଆ, ଏବଂ ଏକ ଉଜ୍ଜ୍ୱଳ କାଲି ଗଠନ ପାଇଁ ଆମକୁ ସଶକ୍ତ କରିବା ଅତ୍ୟାବଶ୍ୟକ। ପ୍ରୋଜେକ୍ଟ ବିଦ୍ୟାଗ୍ରହ ଭଳି ପଦକ୍ଷେପ ମାଧ୍ୟମରେ, ଆମେ ଛାତ୍ରଛାତ୍ରୀଙ୍କୁ ସୀମା ବାହାରକୁ ସ୍ୱପ୍ନ ଦେଖିବା ଏବଂ ସଫଳ ହେବା ପାଇଁ ଉପକରଣ ସହିତ ସଜ୍ଜିତ କରୁଛୁ, ଯାହା ଦ୍ୱାରା ସମ୍ପ୍ରଦାୟ ମଧ୍ୟରେ ବିକାଶର ସ୍ମାରକ ସୃଷ୍ଟି ହେଉଛି। ଏହିଭଳି ପ୍ରୟାସ ଯୋଗୁଁ ଝାରସୁଗୁଡା ୨୦୨୪-୨୫ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ପ୍ରଭାବଶାଳୀ ୯୭.୮୭% ପାସ୍ ହାର ରେକର୍ଡ କରିଛି, ଯାହା ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରିଛି।ଗୁରୁଦିବସ ପାଳନ କରୁଥିବା ସମୟରେ, ରାଷ୍ଟ୍ର ନିର୍ମାଣରେ ଶିକ୍ଷକ ଏବଂ ଶିକ୍ଷାର ଗୁରୁତ୍ୱକୁ ପୁନଃନିର୍ଦ୍ଦିଷ୍ଟ କରିବାର ଏକ ଅବସର, ପ୍ରୋଜେକ୍ଟ ବିଦ୍ୟାଗ୍ରହ ଏକ ବିଶେଷ ଉଲ୍ଲେଖଯୋଗ୍ୟ ପଦକ୍ଷପ ଅଟେ। ମାତ୍ର ତିନି ବର୍ଷ ମଧ୍ୟରେ, ଉଦ୍ଦେଶ୍ୟ ପୂରଣ କରିବାରେ ସମର୍ଥ ହୋଇଛି।

# ବିପୁଳ ଗଞ୍ଜେଇ ଜବତ

**ସମ୍ବଲପୁର, ୫।୯ (ସମିସ):** ଧନୁପାଲି ଛକରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି ସମ୍ବଲପୁର ଅବକାରୀ ବିଭାଗ। ଅପରାହ୍ନ ୨.୩୦ରେ ସମ୍ବଲପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗ ଜାଣିବାକୁ ପାଇଥିଲା। ଧମାରୁ ଏକ ଟିମ୍ ସେହି ଗଞ୍ଜେଇ ଗାଡ଼ିକୁ ପିଛା କରିବା ଆରମ୍ଭ କରିଥିଲା। ୨୫ କିଲୋମିଟର ଗୋଡ଼ାଇବା ପରେ ଧନୁପାଲି ଟ୍ରାଫିକ୍ ନିକଟରେ ଉକ୍ତ ଗାଡ଼ିଟି ରହିଥିଲା। ସେହି ସମୟରେ ଧଳା ରଙ୍ଗର କାରଟିକୁ କାବୁ କରିବାରେ ସକ୍ଷମ ହୋଇଥିଲା। ପ୍ରାଥମିକ ତଦନ୍ତରୁ ଗାଡ଼ିଟି ଝାରସୁଗୁଡ଼ାକୁ ଚାଲାଣ ହେଉଥିବା ଜଣାପଡ଼ିଛି। ସେଥିରୁ ୨୪ ପ୍ୟାକେଟ ଗଞ୍ଜେଇ ମିଳିଛି। ଉକ୍ତ ଗାଡ଼ିରେ ସିକ୍ରେଟ ଚ୍ୟାମ୍ବର ରହିଛି। ଆସନ୍ତାକାଲି ତାକୁ ଖୋଲିଯିବା ପରେ ସବିଶେଷ ତଥ୍ୟ ମିଳିବ ବୋଲି ସୂଚନା ମିଳିଛି।






# ବରଗଡ଼ରେ ମହମ୍ମଦ ଜୟନ୍ତୀ



**ବରଗଡ଼, ୫।୯ (ସମିସ):** ଶୁକ୍ରବାର ବରଗଡ଼ ସହରରେ ଇସଲାମ ଧର୍ମର ପ୍ରତିଷ୍ଠାତା ପ୍ରଫେଟ ହଜରତ ମହମ୍ମଦ ସାହବଙ୍କ ୧୫୦୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରି ମହମ୍ମଦ ସାହିବଙ୍କ ବ୍ୟକ୍ତିତ୍ୱ ଏବଂ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ବରଗଡ଼ ସୁନ୍ନି ବରେଲବୀ ଜାମା ମସ୍‌ଜିଦରୁ ଶୋଭାଯାତ୍ରାରେ ବାହାରି ଲେଙ୍ଗୁ ମିଶ୍ର ଛକ, ଏସ୍‌ପି ଅଫିସ ଛକ, ଗାନ୍ଧୀ ଛକ ଦେଇ ଡ୍ୟାମ କଲୋନୀ ସ୍ଥିତ ଇଦ୍‌ଗାହରେ ପହଞ୍ଚିଥିଲା। ଏହି ରାଲିରେ ସମ୍ପ୍ରଦାୟର ଶହଶହ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଇଦ୍‌ଗାହରେ ପହଞ୍ଚିବା ପରେ ଜମା ମସଜିଦର ଇମାମ, ନୁରୀ ମସଜିଦର ଇମାମଙ୍କ ନେତୃତ୍ୱରେ ମହମ୍ମଦଙ୍କ ପତାକା ଉତ୍ତୋଳନ କରାଯାଇଥିଲା। ବିଶ୍ୱ ଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଆୟୋଜକ କମିଟିର ମୁଖ୍ୟ ଶେଖ ଅସଗର କଲ୍ଲୁଆ, ଶେଖ ନଜିମୁଦ୍ଦିନ, ଏମ୍‌ଡି ନଇମ (ସଦର ଜାମା ମସଜିଦ), ଏମ୍‌ଡି ଅବରାମ ଆଲାମ ବିକି (ସଚିବ), ଏମ୍‌ଡି ମୋହସିନ୍ କୁରେଶି (କ୍ୟାସିୟର), ଏମ୍‌ଡି ଆସ୍କାଲାନି (ସଦର ନୁରୀ ମସଜିଦ), ଗୁଲାମ ରସୁଲ ରାଜୁ (କୋଷାଧ୍ୟକ୍ଷ), ଏମ୍‌ଡି ନିଜାମ, ଏମ୍‌ଡି ରାଜୁ, ଏମ୍‌ଡି ବବଲି, ଏମ୍‌ଡି ଅଜହରୁଦ୍ଦିନ, ସବିରୁଲ୍ଲା ଅଖତର, ଅବଦୁଲ ଇମ୍ରାନ, ଏମ୍‌ଡି ଇସ୍ମାଇଲ, ଏମ୍‌ଡି ବେଲାଲ ଆଲାମ, ଏମ୍‌ଡି ଅଲତାଫ, ଏମ୍‌ଡି ସଲମାନ ଖାନ, ଶେଖ ସାୟୁମ, ଶେଖ କାୟୁମ, ଅସଲମ କୁରେଶି, ଶେଖ ଶାନ, ସୟଦ ଅସଲମ, ଆକିଲ ଅହମ୍ମଦ ଅନସାରୀ, ଏମ୍‌ଡି ଆଲାଉଦ୍ଦିନ, ଏମ୍‌ଡି ରଫିକ୍ ସକ୍ରିୟ ଭାବରେ ସହଯୋଗ କରିଥିଲେ। ଶେଷରେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

# ମହମ୍ମଦ ଜୟନ୍ତୀ କମିଟିର ରକ୍ତଦାନ ଶିବିର

**ପଦ୍ମପୁର, ୫।୯ (ସମିସ):** ମହମ୍ମଦ ଜୟନ୍ତୀ ପାଳନ କମିଟି ପକ୍ଷରୁ ପଦ୍ମପୁର ମସଜିଦ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଓ ଉପଖଣ୍ଡ ଚିକିତ୍ସା ଅଧିକାରୀ ଆଶୁତୋଷ ହୋତା, ସାମଜିକ କର୍ମୀ ନିରୋଜ ଦୋରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମୀର ହୁସେନ, ମହମ୍ମଦ ସଦେବ, ମହମ୍ମଦ ଅମିନ, ଏସ୍‌କେ ସମୀର, ମହମ୍ମଦ ଅଜିଜ, ଶେକୁ ମହମ୍ମଦ, ଶିକନ୍ଦର ଖାନ, ମହମ୍ମଦ ଅଲତାବ ରାଜା, ଅବଦୁଲ ୱାହୀଦ, ଫିରୋଜ ଖାନ, ସେକ ମହମ୍ମଦ ସହୀଦ, ଶୈକ ୱାସିମ, ଏସ୍‌କେ ତଜମୂଲ ହୁସେନ, ଏମ୍‌ଡି ଇନଫ୍ରାନ, ଉପଖଣ୍ଡ ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ସୁମିତ ସୁମନ ସିହ୍ନା, ଶ୍ୟାମ ସୁନ୍ଦର ସାହୁ, କିଶୋର ପ୍ରଧାନ ରକ୍ତ ସଂଗ୍ରହ କରିଥିଲେ। ମହମ୍ମଦ ନଜିମୂଲାହୁଦା, ଏସ୍‌କେ ଗୁଲାମ, ଏମ୍‌ଡି ଜହୀଦ, ମହମ୍ମଦ ଜାଭେଦ, ସମିଉଲ ହୁସେନ, ସାମ୍ବାଦିକ ରତ୍ନମଣୀ ଶତପଥି, ଅଶ୍ୱିନୀ ଧରୁଆ, ପ୍ରଦୀପ୍ତ ଦାସ, ସୁଦାମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଦୋକାନରେ ପୁଲିସର ଚଢ଼ଉ



**ପଦ୍ମପୁର, ୫।୯ (ସମିସ):** ପଦ୍ମପୁର ଆଦର୍ଶ ଥାନା ପକ୍ଷରୁ ସହରରେ ଥିବା ଚେଜରାତି, ପାନ ଦୋକାନ ଉପରେ ଚଢ଼ଉ କରାଯାଇଥିଲା। ଦୋକାନରେ ଥିବା ଗୁଟ୍‌ଖା, ଭାଙ୍ଗ, ନିଶା ଦ୍ରବ୍ୟକୁ ଜବତ କରି କେତେକ ବ୍ୟବସାୟୀଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।


Infosys® Navigate your next | SGI Sustainable Green Initiative Foundation | INFINITE SOLUTIONS | Gold Standard® Climate Security & Sustainable Development

**Newspaper Advertisement**

**Infosys Ltd,** in collaboration with the **Sustainable Green Initiative (SGI) Foundation** and with technical support from the carbon consultant **Infinite Environmental Solutions Limited**, is proposing the development of a Programme of Activity (PoA) titled "Agroforestry for Livelihoods and Climate Resilience in India: A Joint Initiative by Infosys and SGI Foundation" (GS23373). Under this PoA, a Voluntary Project Activity (VPA) titled "Agroforestry for Livelihoods and Climate Resilience in Odisha: A Joint Initiative by Infosys and SGI Foundation" (GS23374), will be implemented through targeted agroforestry plantation interventions. The project is intended to be registered as a voluntary carbon project under the Gold Standard framework. This initiative is expected to make substantial contributions to multiple Sustainable Development Goals (SDGs). As a part of Gold standard modalities and given the critical role of the local farmer community in ensuring the project's long-term success, it is important to gather their perspectives and address any concerns related to the present Voluntary Project Activity. Therefore, **a Stakeholder Consultation (Public Meeting) is scheduled as follows for**:

1. **Venue:** Kshatriya Samaj Bhawan, Ward No-1, in front of Khariar Autonomous College, RajKhariar, Nuapada, Odisha, India.
2. **Date:** 06/10/2025
3. **Time:** 11:00 AM

All concerned farmers and people are invited to attend the meeting. For any further clarifications on the project activity, please get in touch with our representative details given below. It should also be noted that people who would be unable to attend this meeting in person can send their concerns to the below E-mail ID.

**Contact Details:**

**Name:** Mr. Durgesh Raturi
**Organization:** SGI Foundation
**E-mail:** info@sgi.foundation
**Ph:** +91 7848969985


## ଗୁରୁଦିବସରେ ରକ୍ତଦାନ ଶିବିର

# ୭୫ ୟୁନିଟ୍ ରକ୍ତ ସଂଗୃହୀତ



**ବରପାଲି, ୫।୯ (ସମିସ):** ଗୁରୁଦିବସ ଅବସରରେ ବରଗଡ଼ ଜିଲ୍ଲା ବରପାଲି ବ୍ଲକ ରେମତା ଗ୍ରାମ ପଞ୍ଚାୟତର କୃଷକ ପଲ୍ଲୀ ଗ୍ରାମରେ ନିଷ୍ଠା ପରିବାର ଓ ବୋଲ୍ ବମ୍ ସଂଘର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆଦର୍ଶ ଶିକ୍ଷକ ସୁଧୀର କୁମାର ମହାରଣା ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରୁ ସର୍ବମୋଟ ୪୨ ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ରଞ୍ଜନ ଗଡ଼ତିଆ, କୁନା ମହାରଣା, ବିନାୟକ ସାହୁ, ସୁତପା ଗଡ଼ତିଆ ଓ ବୋଲ ବମ୍ ସଙ୍ଘର ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ସେହିପରି ସରସ୍ୱତୀ ମଣ୍ଡପ, ଅତାବିରାଠାରେ ପ୍ରାଥମିକ ଶିକ୍ଷା ସାଂସ୍କୃତିକ ଅନୁଷ୍ଠାନ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଏଡିଇଓ ସରୋଜ ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଇଓ ମିଶ୍ରାଣି କୁମ୍ଭାର, ଏବିଇଓ କାର୍ତ୍ତିକ ବାଗ, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ, ରଶ୍ମି ରଞ୍ଜନ ସାହୁ, ନନ୍ଦିଘୋଷ ଭୁଏ, ସୁଦାମ ଭୁଏ, ଭବାନୀ ଶଙ୍କର ପଧାନ ଯୋଗଦେଇଥିଲେ। ସର୍ବମୋଟ ୩୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉଭୟ ଶିବିରରୁ ସର୍ବମୋଟ ୭୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବୋଲବମ ସଙ୍ଘ ଓ ପ୍ରାଥମିକ ଶିକ୍ଷା ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।


**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ ଭାନୁମତି ସରକାର**

ଆବିର୍ଭାବ : ୦୧.୦୧.୧୯୨୯ | ତିରୋଧାନ : ୧୭.୦୯.୨୦୨୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଓ ଆଗକୁ ଚାଲିବୁ। ଆଜି ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ମା'ଅମ୍ବିକାଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ।

**ଶୋକସନ୍ତପ୍ତ: ସରକାର ପରିବାର**
ଭଞ୍ଜପୁର, ବାରିପଦା

# ଶିକ୍ଷକମାନେ ନିଜର ବହୁ ପରିଶ୍ରମରେ ପରବର୍ତ୍ତୀ ପିଢ଼ି ନିର୍ମାଣ କରୁଛନ୍ତି





## ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ର

କୁଚିଣ୍ଡା, ୫।୯ (ସମିସ)

କୁଚିଣ୍ଡାସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃ ମୀରା ଧାମରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଏକଜୁଟ ହୋଇ ଶିକ୍ଷା କେନ୍ଦ୍ର ପରିସରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣା ଓ ମାତୃ ମୀରାଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଯଥା ପୂଜାବିଧି କରିବା ସହ ଶିକ୍ଷା କେନ୍ଦ୍ର ର ଗୁରୁଙ୍କୁ ଫୁଲ ଚନ୍ଦନ ଦେଇ ବନ୍ଦନ କରିଥିଲେ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, ସହଶିକ୍ଷକ ବିଜୟ କୁମାର ଭୋଲଙ୍କ ସହ ସମସ୍ତ ଭାଇ ଅପା କର୍ମଚାରୀ ଉପସ୍ଥିତ ଥିଲେ।

## ଅର୍ଜୁନ ଡିଗ୍ରୀ କଲେଜ

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳୀଗଡ଼ ପଞ୍ଚାୟତ ଅର୍ଜୁନ ଡିଗ୍ରୀ କଲେଜ୍ ପରିସରରେ ପବିତ୍ର ଗୁରୁଦିବସ ପାଳିତ ହେଇଯାଇଛି।ଉକ୍ତ ଉତ୍ସବରେ ଡଃ ରାଧାକ୍ରିଷ୍ଣନ୍‌ଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହେଇଥିଲା। ପ୍ରଥମ ବର୍ଷର ଛାତ୍ରୀ ଜସ୍ମିନ୍, ବର୍ଷା ଏବଂ ମାନସୀ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଏବଂ ସଂସ୍କାରର ମୂଲ୍ୟବୋଧ ବୁଝାଇ ଉଦ୍‌ବୋଧନ ଦେଇଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପିକା ଅସୀମା ପ୍ରଧାନ, ଓଡ଼ିଆ ବିଭାଗର ଅଧ୍ୟାପିକା ବିସ୍ମିତା ମହାକୁଡ, ଇଂରାଜୀ ଅଧ୍ୟାପକ ଅବନୀ କୁମାର ଗୁରାଣ୍ଡି, ଶିକ୍ଷା ବିଭାଗର ଅଧ୍ୟାପକ ସୁଦର୍ଶନ କୁମାର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପବିତ୍ର ଗୁରୁଦିବସ ବିଷୟରେ ଆଲୋକପାତ କରିଥିଲେ। ଶେଷ ବର୍ଷର ସାଇଦର୍ଶିତା ଏବଂ ପ୍ରଭାଷିଣ ସଭା ପରିଚାଳନା କରିଥିଲେ।ଶେଷରେ ଦ୍ୱିତୀୟ ବର୍ଷର ଛାତ୍ର ଶୁଭମ୍ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ହୀରାକୁଦ ଶିଶୁବିଦ୍ୟା ମନ୍ଦିର

**ହୀରାକୁଦ:** ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ଅବସରପ୍ରାପ୍ତ ଗୁରୁମା ସଂଯୁକ୍ତା ବଡ଼ପଣ୍ଡା ଯୋଗଦେଇ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ରାଧାକୃଷ୍ଣନଙ୍କ ଜୀବନୀ ଉପରେ ଧାରଣା ଦେଇ ତାଙ୍କ ଆଦର୍ଶରେ ଆଗେଇବାକୁ ପରାମର୍ଶ ଦେଇଥିଲେ। ତାଙ୍କୁ ବିଦ୍ୟାଳୟ ତରଫରୁ ନାରିକେଳ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।ମୁଖ୍ୟବକ୍ତା ଭାବେ ଗୁରୁମା ସଂଯୁକ୍ତା ମିଶ୍ର ଗୁରୁ ଆମ ପାଇଁ କାହିଁକି ମହାନ ତାହା ବୁଝାଇଥିଲେ। ଯୁଗ୍ମ ସମ୍ପାଦକ ସୋମନାଥ ତରିଆ ଗୁରୁ ଓ ଶିଷ୍ୟଙ୍କ ଦାୟିତ୍ୱ ଉପରେ ସଚେତନ କରାଇଥିଲେ।ଦିବସର ମହତ୍ୱ ଉପରେ ଶିଶୁ ନିରୁପମା ଷଡ଼ଙ୍ଗୀ, ସନତ ଆଚାର୍ଯ୍ୟ, ସାଇମା ନାୟକ, ଋତୁପର୍ଣ୍ଣକ୍ଷ ବିଶି, ରାଜୀବ ଲୋଚନ ମହାରଣା ବକ୍ତବ୍ୟ ପ୍ରଦାନ କରିଥିଲେ।ବରିଷ୍ଠ ଗୁରୁଜୀ ବୈକୁଣ୍ଠ ନାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଗୁରୁମା ସୁଶୀଳା ଗର୍ଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ମୀନା ବାରିକ ଓ ଶିଶୁ ଶ୍ୱେତାଲିନା ମହାନ୍ତି, ସ୍ମୃତିରାଣୀ ସାହୁ, ଅଙ୍କିତା ବରଡ଼ ବୌଦ୍ଧିକ ପରିଚାଳନା କରିଥିଲେ। ଶିଶୁମାନେ ଗୁରୁମନ୍ତ୍ର ଗାନ କରି ଗୁରୁଙ୍କୁ ପୂଜନ କରିଥିଲେ। ସମ୍ପାଦକ ବ୍ରହ୍ମାନନ୍ଦ ସାହୁ, ଉପ ସଭାପତି ହେମନ୍ତ ପଟେଲ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ୍

**ସମ୍ବଲପୁର:** ସ୍ଥାନୀୟ ଆଇପିଏସ ସ୍କୁଲରେ ରୋଟାରୀ କ୍ଲବ୍ ଅଫ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ଗୁରୁ ଦିବସ ପାଳନ କରାଯାଇଛି।ପ୍ରଥମେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା। କ୍ଲବ୍ ପକ୍ଷରୁ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବ୍‌ର ସଭାପତି ଅରୁଣ ପଟୱାରୀ, ସମ୍ପାଦକ ସଞ୍ଜୟ କୁମାର, ସୁମନ ଡାଲମିଆ, ପୂଜା ପଟୱାରୀ, ସୁଷମା ଅଗ୍ରୱାଲ, ରାନୀ କୁମାର, କୈଳାଶ ଅଗ୍ରୱାଲ, ଗିରିଧର ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ପରେଶ ଦେଶାଇ, କେଶବ ଡାଲମିଆ, ଡକ୍ଟର ପ୍ରମୋଦ ରଥଙ୍କ ସହ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଜମନକିରା ସରସ୍ୱତୀ ଶିଶୁ ମନ୍ଦିର

**ଜମନକିରା:** ଜମନକିରା ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦିବସ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ମହୋଦୟ ସାଲେକରାମ ପ୍ରଧାନ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁ ମା ଏବଂ ଶିଶୁ ଭାଇଭଉଣୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଶିଲ କୁମାର ସାହୁ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ଗୁରୁ ମା ଅମ୍ବିକା ପ୍ରଧାନ ବୋଉଦ୍ଧିକ ପରିଚାଳନା କରିଥିଲା ବେଳେ ପ୍ରଧାନଆଚାର୍ଯ୍ୟା ଅତିଥି ପରିଚୟ ପ୍ରଦାନ କରିଥିଲେ।ପ୍ରଧାନ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶିଶୁ ଭାଇଭଉଣୀଙ୍କୁ ଗୁରୁ ଦିବସର ମହତ୍ୱ ବିଷୟରେ କହିଥିଲେ। ଶେଷରେ ଛବି ଗୁରୁ ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପିନାକଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍




**ସମ୍ବଲପୁର, ୫।୯ (ସମିସ):** ସ୍ଥାନୀୟ ପିନାକଲ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ ତରଫରୁ ଗୁରୁଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ଦେବା ପାଇଁ ଗୁରୁ ବନ୍ଦନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଥମେ ଅତିଥିମାନେ ମା'ସମଲେଶ୍ୱରୀଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଭା କାର୍ଯ୍ୟକ୍ରମରେ ପିନାକଲ ଗ୍ରୁପର ଚେୟାରମ୍ୟାନ ବଳରାମ ମିଶ୍ର, ସେକ୍ରେଟାରୀ ମନୋରଞ୍ଜନ ମିଶ୍ର, ପିନାକଲ କଲେଜର ଅଧ୍ୟକ୍ଷ ଭଗବାନ ମେହେର ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଚେୟାରମ୍ୟାନ ଶ୍ରୀ ମିଶ୍ର ନିଜର ସ୍ୱାଗତ ଭାଷଣରେ ଭାରତର ପୂର୍ବ ରାଷ୍ଟ୍ରପତି ସ୍ୱର୍ଗତ ଡ଼ ସର୍ବପଲ୍ଲୀ ରାଧାକୃଷ୍ଣଙ୍କୁ ଶ୍ରଦ୍ଧାଞ୍ଜଳି ଦେ ସ୍ମୃତି ଚରଣ କରିଥିଲେ।ଶ୍ରୀ ମିଶ୍ର କହିଥିଲେ ଶିକ୍ଷକମାନେ ନିଜର ସ୍ୱେଦ ଓ ରକ୍ତ ଭରା ପରିଶ୍ରମ ଦେଇ ଭାରତର ପରବର୍ତ୍ତି ପିଢ଼ିକୁ ନିର୍ମାଣ କରୁଛନ୍ତି ଏଣୁ ତାଙ୍କୁ ଯେତେ ସମ୍ମାନ ଦେଲେ ମଧ୍ୟ କମ। ପିନାକଲ କଲେଜର ଅଧ୍ୟକ୍ଷ ଶ୍ରୀ ମେହେର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କାର୍ ସହ ଗଞ୍ଜେଇ ଜବତ, ୪ ଗିରଫ



**ରେଢ଼ାଖୋଲ, ୫।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ରାସ୍ତାର କଦଳିଗଡ଼ ପଞ୍ଚାୟତ ସ୍ଥିତ ଟୋଲ୍ ଗେଟ୍ ନିକଟରୁ ଶୁକ୍ରବାର ଦିନ ସମ୍ବଲପୁର ଅବକାରୀ ବିଭାଗ ମୋବାଇଲ ଟିମ୍ ପକ୍ଷରୁ ଚଢାଉ କରାଯାଇ ଏକ କାର୍ ସହ ୧୦ କେଜି ଗଞ୍ଜେଇ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବିହାର ରାଜ୍ୟ ଜିଲ୍ଲା ରୋହତାସ ଥାନା ଚେନାରୀ ଅଞ୍ଚଳର ଅଶୋକ ସିଂହ(୨୯), ରଞ୍ଜନ କୁମାର(୧୮), ରାଜେନ୍ଦ୍ର ରାମ(୬୫) ଏବଂ ଓଡ଼ିଶା ରାଜ୍ୟ ଜିଲ୍ଲା କନ୍ଧମାଳ ଥାନା ଫିରିଙ୍ଗିଆ ଅଞ୍ଚଳର ରଞ୍ଜନ ନାୟକ(୩୧)। ସୂଚନା ଯୋଗ୍ୟ ଯେ ଉକ୍ତ ବେଆଇନ ଗଞ୍ଜେଇ ଚାଲାଣକାରି ଅଭିଯୁକ୍ତମାନେ ବୌଦ୍ଧ ଜିଲ୍ଲା ପଟରୁ ରେଢ଼ାଖୋଲ ଅଭିମୁଖେ କାର ନଂ ଓଆର୍ ୦୨ଏକ୍ସ-୧୯୨୯ ବିଶିଷ୍ଟ ଗାଡ଼ିରେ ବେଆଇନ ଚୋରା ଚାଲାଣ ଗଞ୍ଜେଇ ଚାଲାଣ କରୁଥିବା ନେଇ ଖବର ପାଇ ସମ୍ବଲପୁର ଜିଲ୍ଲା ଅବକାରୀ ବିଭାଗ ମୋବାଇଲ ସ୍କାଡର ଇନ୍ସପେକ୍ଟର ସତିକା ବେସନ୍ ଏବଂ ସବ୍ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ ଙ୍କ ସହିତ ଏକ ଟିମ୍ କଦଳିଗଡ଼ ସ୍ଥିତ ଟୋଲଗେଟ୍ ନିକଟରେ ଚଢାଉ କରି କାର ଯାଞ୍ଚ କରିଥିଲେ। କାର୍ ମଧ୍ୟରୁ ୧୦ କେଜି ଗଞ୍ଜେଇ ଜବତ କରିବା ସହ ଉକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ମୋବାଇଲ ଟିମ୍ ପକ୍ଷରୁ ସୂଚନା ମିଳିଛି।

# ପଶ୍ଚିମାଞ୍ଚଲ୍ ଏକତା ମଞ୍ଚ ପକ୍ଷରୁ ଗୁରୁଦିବସ

**ସମ୍ବଲପୁର, ୫।୯ (ସମିସ):** ପବିତ୍ର ଗୁରୁଦିବସକୁ ଅଗ୍ରଣୀ ସାମାଜିକ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଲ୍ ଏକତା ମଞ୍ଚ ପାଳନ କରିଛି।ମଞ୍ଚ ନାରୀ ଶକ୍ତି ପକ୍ଷରୁ ସ୍ଥାନୀୟ ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଗୁରୁଜୀ ଗୁରୁମାଁଙ୍କୁ ଯଥା ବିଧି ରୀତିନୀତି ଅନୁସାରେ ଗୁରୁପୂଜନ କରିଥଲେ। ମିଷ୍ଟାନ୍ନ ଖୁଆଇ ଉପହାର ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟରେ ତୃତୀୟ ଥର ପାଇଁ ଗୁରୁପୂଜନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦିଲୀପ ପାଢ଼ୀ ମଞ୍ଚକୁ ଧନ୍ୟବାଦ୍ ଜଣାଇଥିଲେ। ନାରୀ ଶକ୍ତିର ବବିତା ପାଢ଼ୀ ଓ ଯାମିନୀ ଠାକୁରଙ୍କ ନେତୃତ୍ୱରେ ସଂଯୋଜିକା ପଙ୍କଜିନୀ ମେହେର, ଜିଲ୍ଲା ସଂଯୋଜିକା ଝୁନୁ ତ୍ରିପାଠୀ, ଛବି ପତି, ସଂଘମିତ୍ରା ପଣ୍ଡା, ସୁମିତା ଚଇନି, ଭୂମିସୁତା ମେହେର, ପଙ୍କଜିନି ବୈଠାରୁ, ଅଳକା ମହାପାତ୍ର, କାନ୍ତି ମେହେର, ଲକ୍ଷ୍ମୀପ୍ରିୟା ପ୍ରଧାନ, ରୀନା ପଣ୍ଡା, ରିଙ୍କି ମହାରଣା, ସବିତା ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ ଓ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଓ ଭାଷା ସାହିତ୍ୟ ସଂଯୋଜକ ଡ.ସ୍ୱୟଂ ପ୍ରକାଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




**ମହାନଗର ନିଗମ ନିର୍ବାଚନ ଉପରେ ସମ୍ବଲପୁର ବିଧାୟକଙ୍କ ମନ୍ତବ୍ୟ**

# ହାଇକୋର୍ଟଙ୍କ ଅବମାନନାକୁ ଦର୍ଶାଉଛି:ରୋହିତ

**ସମ୍ବଲପୁର, ୫।୯ (ସମିସ):** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଙ୍ଗ ରୋହିତ ପୂଜାରୀ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି ଯେ ସମ୍ବଲପୁର ବିଧାୟକଙ୍କ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ଉପରେ ଦେଇଥିବା ମନ୍ତବ୍ୟ ହାଇକୋର୍ଟଙ୍କ ଅବମାନନାକୁ ଦର୍ଶାଉଛି। ଙ୍ଗ ପୂଜାରୀ ଏହି ମର୍ମରେ କହିଛନ୍ତି ଯେ ଗତକାଲି ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ବିଭିନ୍ନ ଗଣ ମାଧ୍ୟମରେ ନିଜର ମନ୍ତବ୍ୟ ଦେଇଥିଲେ ଯେ ବିଜୁ ଜନତା ଦଳ ନିର୍ବାଚନ ହାରିବା ଭୟରେ ସମ୍ବଲପୁର ମହାନଗର ନିଗମ ନିର୍ବାଚନ କରୁନଥିଲେ, ସମସ୍ତଙ୍କୁ ଜଣା ଅଛି ଯେ ମହାନଗର ନିଗମ ନିର୍ବାଚନ କେଉଁ କାରଣରୁ ପାଇଁ ହେଉ ନ ଥିଲା, ମାନ୍ୟବର ହାଇକୋର୍ଟରେ ଜଣେ ଜନସାଧାରଣଙ୍କ ପକ୍ଷରୁ ୱାର୍ଡ ସଂରକ୍ଷଣ ବିରୋଧରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବାରୁ ମାନ୍ୟବର ଓଡ଼ିଶା ହାଇକୋର୍ଟ ମହାନଗର ନିଗମ ନିର୍ବାଚନକୁ ଅନ୍ତିମ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ଆଦେଶ ମତେ ମହାନଗର ନିର୍ବାଚନ ବନ୍ଦ ଥିଲା। ରାଜ୍ୟରେ ମାନ୍ୟବର ହାଇକୋର୍ଟ ଉପରେ କେହି ନାହାନ୍ତି, ଏଥିରେ ବିଜୁ ଜନତା ଦଳ ହାରିବା ଭୟରେ ନିର୍ବାଚନ ନ କରିବା ମନ୍ତବ୍ୟ ହାଇକୋର୍ଟଙ୍କ ରାୟର ଅବମାନନାକୁ ଦର୍ଶାଉଛି, କାହିଁକି ଏହା ହାଇକୋର୍ଟଙ୍କ ନିଷ୍ପତ୍ତି, ଏଥିରେ ବିଜୁ ଜନତା ଦଳର କୌଣସି ଭୂମିକା ନାହିଁ, ବିଜୁ ଜନତା ଦଳ ସବୁବେଳେ ହାଇକୋର୍ଟଙ୍କ ରାୟକୁ ସମ୍ମାନ ଦେଇ ଆସିଛି। ଏହା ସହ ଙ୍ଗ ପୂଜାରୀ ଦୃଢତାର ସହ କହିଛନ୍ତି ଯେ ବିଜୁ ଜନତା ଦଳ କେବେ ନିର୍ବାଚନକୁ ଡରେ ନାହିଁ, ବିଜୁ ଜନତାଦଳ ସଚ୍ଚୋଟତାର ସହ ସବୁ ନିର୍ବାଚନକୁ ସବୁ ସମୟରେ ସାମ୍ନା କରି ଆସିଛି। ଆଗକୁ ମଧ୍ୟ ସବୁ ସମୟରେ ପ୍ରସ୍ତୁତ ଅଛି ନିର୍ବାଚନ ପାଇଁ ଏଥିରେ କିଛି ଦ୍ୱିମତ ନାହିଁ, ବିଜେପିକୁ ଚିନ୍ତା କରିବାର ଆବଶ୍ୟକ ଯେ ସେମାନେ କିଭଳି ନିର୍ବାଚନୀ ଦରିଆ ପାର୍ ହେବେ, କାରଣ ଦେଢ଼ ବର୍ଷ ସରକାରରେ ମହାନଗର ନିଗମ ଅଞ୍ଚଳର ଜନସାଧାରଣ ମୌଳିକ ସେବାରୁ ବଞ୍ଚିତ ହୋଇ ଅତିଷ୍ଠ ହୋଇ ସାରିଲେଣି। ମହାନଗର ନିଗମ ଅଞ୍ଚଳର ଅଳିଆ ଆବର୍ଜନାର ସୁପରିଚାଳନା ଠିକ୍ ଭାବରେ ହେଉନାହିଁ, ରାସ୍ତା, ନାଳ ନର୍ଦ୍ଦମାର କଥା ନ କହିବା ଭଲ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ସମସ୍ୟା ରହିଛି। ନିଶା କାରବାର, ସଟ୍ଟା, ଅପରାଧର ରାଜଧାନୀ ହେବାରେ ଲାଗିଛି, ଆମେ ଚାହୁଁଛୁ ଯେତେ ଶୀଘ୍ର ନିର୍ବାଚନ ହେବ ସମ୍ବଲପୁରୀ ବାସୀ ସେତେ ଶୀଘ୍ର ଏହି ସବୁ ମୌଳିକ ସେବା ଗୁଡିକ ଠିକ୍ ଭାବରେ ପାଇପାରିବେ, ଆମେ ଦାବି କରୁଛୁ ଯଥା ଶୀଘ୍ର ନିର୍ବାଚନ କରାଯାଉ।

## ଜିଲ୍ଲା ସ୍କୁଲରେ ଜିଲ୍ଲାସ୍ତରୀୟ ଗୁରୁଦିବସ

# ୨୭ ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ସମ୍ବଲପୁର, ୫।୯ (ସମିସ):** ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲର ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ୨୦୨୪ ବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଏଡିଏମ୍ ସୁଧାଂଶୁ କୁମାର ଭୋଇ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ପୂର୍ବତନ ଜିଲ୍ଲା ଶିକ୍ଷା ମଣ୍ଡଳାଧିକାରୀ ଗିରିଧାରୀ ହୋତା, ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଗୀତାଞ୍ଜଳୀ ଭୋଇ, ଝାଡେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ପୁରୋହିତ ଯୋଗ ଦେଇଥିଲେ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିବା ପରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥି ପ୍ରଧାନ ଉତ୍ସବ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ମୁଖ୍ୟ ଅତିଥି ଏଡିଏମ୍ ଶ୍ରୀ ଭୋଇ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନରେ ଶିକ୍ଷକଙ୍କ ସହଯୋଗ ନିଷ୍ଠା ଓ ତ୍ୟାଗର ଆବଶ୍ୟକତା ରହିଛି ବୋଲି କହିଥିଲେ।ଏ ଅବସରରେ ୧୦ ଜଣ ପ୍ରାଇମେରୀ ଶିକ୍ଷକ ଶିକ୍ଷୟିତ୍ରୀ, ୧୪ ଜଣ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ୩ ଜଣ କ୍ଲଷ୍ଟର ସଂଯୋଜକଙ୍କୁ ଅତିଥିମାନେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ କରିଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଖି ମହାପାତ୍ର, ଦୀପାଳି ଚୌଧୁରୀ ପ୍ରଧାନଶିକ୍ଷକ ଗୌରଦାସ ପ୍ରଧାନ, ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



## ଲେଡିଲୁଇସ ସ୍କୁଲର ୨ ଶିକ୍ଷୟିତ୍ରୀ ପୁରସ୍କୃତ

ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ଦୁଇଜଣ ଶିକ୍ଷୟିତ୍ରୀ ୨୪-୨୫ ଶିକ୍ଷାବର୍ଷ ପାଇଁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସେମାନେ ହେଲେ କମଳିନୀ ଆଚାର୍ଯ୍ୟ (ସାମାଜିକ ବିଜ୍ଞାନ) ଏବଂ ସୁନୀତା ପୁରୋହିତ (ମାତୃଭାଷା)।ଗୁରୁଦିବସରେ ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ ଆୟୋଜିତ ହୋଇଥିବା ସମ୍ବର୍ଦ୍ଧନା ସଭାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଜି ସମ୍ବଲପୁରରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

**ସମ୍ବଲପୁର, ୫।୯ (ସମିସ):** ସମ୍ବଲପୁରରେ ଆଜି(ଶନିବାର) ପ୍ରଥମ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ଭବ୍ୟ, ବିଶାଳ ଓ ସଫଳ କରିବା ପାଇଁ ଉଭୟ ଆୟୋଜକ ଓ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତି ରେ କାର୍ଯ୍ୟରତ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସହ ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସମେତ ଦଳ ମତ ନିର୍ବିଶେଷରେ ପଶ୍ଚିମ ଓଡ଼ିଶାର ସମସ୍ତ ବିଧାୟକ ସାଂସଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ କାର୍ଯ୍ୟ ଗୁଡିକୁ ବିଭିନ୍ନ ବିଭାଗରେ ବଣ୍ଟନ କରାଯାଇଛି। ମଞ୍ଚ ପ୍ରସ୍ତୁତି, ସାଜଶଯ୍ୟା, ଅତିଥି ଆଗମନ, ଅତିଥି ସତ୍କାର, ସମ୍ମାନିତ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ, ମିଡିଆ ବ୍ୟବସ୍ଥା, ଦର୍ଶକ ଗ୍ୟାଲେରୀ, ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅନୁଭବି କାର୍ଯ୍ୟକର୍ତ୍ତା ଓ କଳାକାର ରହିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱରେ ସମୀର ରଞ୍ଜନ ବାବୁ, ଅମିତ ପତି ଓ ବଣ୍ଟି ସାହୁ ରହିଥିବା ବେଳେ ରଞ୍ଜନ ସାହୁ, ଦୁର୍ଗା ଦାଶ, ମୋହିତ ସ୍ୱାଇଁ, ମହେଶ ପଟେଲ, ଦୀପାଳି ଚୌଧୁରୀ, ପଦ୍ମିନୀ ଦୋରା ପ୍ରମୁଖ ସହଯୋଗ କରୁଛନ୍ତି। ତର୍ପଣ ପ୍ରଧାନ ଓ ସୁଶ୍ରୀ ମିମାଂସା ରଥ ଉଦଘୋଷକ ଦାୟିତ୍ୱ ନିର୍ବାହନ କରିବେ। ଆୟୋଜନ କମିଟିରେ ନାଉରୀ ନାଏକ, ପ୍ରଫୁଲ୍ଲ ହୋତା, ଅନିଲ ବେହେରା, ସୁଶାନ୍ତ ପୁରୋହିତ, ଫଣି ଭୂଷଣ ମିଶ୍ର, ଗୋବିନ୍ଦ ଅଗ୍ରୱାଲ, ଡ.ପ୍ରମୋଦ ରଥ, ରିକି ବେହେରା, ମୋହନ ଦାଶ, ଅରୁଣ ଦାସ, ଅଜିତ ବେହେରା, ଅବିନାଶ ପାଣିଗ୍ରାହୀ, ସୁଶ୍ରୀ ଶୁଭଶ୍ରୀ ମିଶ୍ର, ପ୍ରଭାସିନୀ ଦାଶ, ସିତାକାନ୍ତି ମେସୁଆ ପ୍ରମୁଖ ରହିଛନ୍ତି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରରେ ପହଞ୍ଚି ମାଁ ସମଲେଶ୍ୱରୀ, ମାଁ ପଟଣେଶ୍ୱରୀଙ୍କୁ ଦର୍ଶନ କରିବେ। କାର୍ଯ୍ୟକ୍ରମରେ ସାମିଲ ହୋଇ ରାତ୍ରିରେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜନ କମିଟିର ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି।

# ଜାତୀୟସ୍ତରରେ ଜଳସେବକ ସମ୍ମାନରେ 'ଆଦର୍ଶ' ସମ୍ମାନିତ

**ସମ୍ବଲପୁର, ୫।୯ (ସମିସ):** ପାନୀୟ ଜଳ, ନିତ୍ୟ ବ୍ୟବହାର୍ଯ୍ୟ ଜଳ ଠାରୁ ଆରମ୍ଭ କରି କୃଷି ପାଇଁ ଜଳ ପର୍ଯ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନ୍ୟପକ୍ଷରେ ପାହାଡ଼ ଅଞ୍ଚଳରେ ବର୍ଷା ଜଳ ଓ ଜଳସ୍ରୋତ ନଷ୍ଟ ହୋଇଥାଏ। ମାଧ୍ୟାକର୍ଷଣ ଶକ୍ତିକୁ ଉପଯୋଗ କରି ବିନା ବିଜୁଳି, ଡିଜେଲ ଆଦି ବ୍ୟବହାର କରି ଓ ପ୍ରାକୃତିକ ଉପାୟରେ ପଥରବନ୍ଧ କରି ଲୋକଙ୍କ ଜୀବନ ଜୀବିକାକୁ ସୁଦୃଢ଼ କରୁଛି ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଦର୍ଶ'। ଏଥିପାଇଁ କଲିକତାଠାରେ ଆୟୋଜିତ ଏକ ଭବ୍ୟ ସମାରୋହ ରେ 'ଆଦର୍ଶ'କୁ ଜାତୀୟ ସ୍ତରରେ ଜଳ ସେବକ ସମ୍ମାନ ୨୦୨୫ ପ୍ରଦାନ କରାଯାଇଛି। ଏହି ସମ୍ମାନକୁ ଆଦର୍ଶର ସମ୍ପାଦକ ପ୍ରଦୀପ କୁମାର ବେହେରା ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏସ ବାଲକ୍ରିଷ୍ଣନଙ୍କଠାରୁ ଗ୍ରହଣ କରିଛନ୍ତି। ସାରା ଦେଶରୁ ୬୪ଟି ଏନଜିଓ ଏହି ସମ୍ମାନ ପାଇଁ ମୂଲ୍ୟାଙ୍କନ କରାଯାଇଥିବା ବେଳେ ବିହାରର 'ଅପନା ଆଞ୍ଚଲ'ପ୍ରଥମ ଏବଂ ଓଡ଼ିଶାର 'ଆଦର୍ଶ' ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇଛନ୍ତି। ସମ୍ବଲପୁର, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ଆଦର୍ଶ ପକ୍ଷରୁ ଜଳ ସଂରକ୍ଷଣ, ଜଳଧାରାର ଦିଗ ପରିବର୍ତ୍ତନ, ଜଳସେଚନ, ଭୂତଳ ଜଳ ସଂରକ୍ଷଣ ଆଦି ବିଭିନ୍ନ ପ୍ରକଳ୍ପ କରାଯାଉଛି।



# ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ

ସମ୍ବଲପୁର, ୫।୯ (ସମିସ)

ମହାଆଡ଼ମ୍ବରରେ ସମ୍ବଲପୁରରେ ପ୍ରଫେଟ ମହମ୍ମଦଙ୍କ ୧୫୦୦ ଜୟନ୍ତୀ ପାଳିତ ହୋଇଛି।ସାରା ବିଶ୍ୱ ପାଳୁଛି ମହମ୍ମଦ ଜୟନ୍ତୀ ତଥା ଇଦ-ମୀଲାଦୁନ-ନବୀ। ଏହା ମୁସଲମାନଙ୍କ ଅନ୍ୟତମ ଇଦ ପର୍ବ। ମୁସଲମାନ ସମ୍ପ୍ରଦାୟର ଲୋକମାନେ ଭକ୍ତି ଓ ଶ୍ରଦ୍ଧା ପୂର୍ବକ ଏହି ଦିନଟିକୁ ପାଳନ କରିଥାନ୍ତି। ସମ୍ବଲପୁରରେ ମହାସମାରୋହରେ ଗଙ୍ଗାଧର ମଣ୍ଡପରେ ଏହା ପାଳିତ ହୋଇଛି। ମୋତିଝରଣ ମସଜିଦରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଭୁତାପଡ଼ା ଛକ, ଜିଲ୍ଲା ସ୍କୁଲ ଛକ, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର, ପୀର ବାବା ଛକ ଦେଇ ସହର ପରିକ୍ରମା କରିଥିଲା।ଶୋଭଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ସମୟରେ ମୁସଲମାନ ସମ୍ପ୍ରଦାୟଙ୍କ ତରଫରୁ ମିଠା ବଣ୍ଟନ କରାଯାଇଥିଲା।ପ୍ରତି ବର୍ଷ ଏହି ଉତ୍ସବକୁ ପାଳନ କରିବାକୁ ବିଭିନ୍ନ ମସଜିଦଙ୍କୁ ଦାୟିତ୍ୱ ଦିଆଯାଏ। ଚଳିତ ବର୍ଷ ଦଲେଇପଡ଼ାର ଦୁଇ ମସଜିଦ ଏହାକୁ ଆୟୋଜନ କରିଥିଲେ। ଆଜିର ଦିନରେ ଘରେ ଘରେ ମିଠା ତିଆରି ହୋଇଥାଏ। ମହାପୁରୁଷ ମହମ୍ମଦଙ୍କ ନୀତି ଆଦର୍ଶ ଅନୁସାରେ ଏହି ପର୍ବକୁ ଶାନ୍ତି ଓ ଭାଇଚାରାର ପର୍ବ ଭାବେ ପାଳନ କରାଯାଉଛି। ଏନେଇ ମୁସଲିମ ସମ୍ପ୍ରଦାୟ ଶ୍ରଦ୍ଧାଳୁ କହିଛନ୍ତି, 'ଏହି ଦିବସର ମୂଳ ବିଶେଷତ୍ୱ ହେଉଛି ଖୁସି ବାଣ୍ଟିବା।ଲୋକଙ୍କ ସେବା କରି ଶାନ୍ତି ଓ ପ୍ରେରଣାର ବାର୍ତ୍ତା ଦିଆଯାଏ। ମହମ୍ମଦ ଜୟନ୍ତୀ ଉପଲକ୍ଷେ ସମ୍ବଲପୁରର ବିଭିନ୍ନ ମସଜିଦଗୁଡିକୁ ସୁସଜ୍ଜିତ କରାଯାଇଛି। ଗଙ୍ଗାଧର ସ୍ଥିତ ମଣ୍ଡପରେ ପ୍ରବଚନର ବ୍ୟବସ୍ଥା କରାଯାଇଛି। ଏଥିରେ ବରେଲିର ପୀରସାହେବ ସହ ବିଭିନ୍ନ ପ୍ରବଚକ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲା ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଶୋଭାଯାତ୍ରାରେ ବାହାରି ମିଠା ବାଣ୍ଟିଲେ




## ବୁର୍ଲାରେ ମହମ୍ମଦ ଜୟନ୍ତୀ

ବୁର୍ଲାରେ ମଧ୍ୟ ମହମ୍ମଦ ଜୟନ୍ତୀ ପାଳିତ ହୋଇଛି। ଗୌଶିଆ ଜାମା ମସଜିଦ କମିଟି ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲ। ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ୱାହବ କାଦ୍ରୀ, ବବଲୁ କାଦ୍ରୀ, ସଲିମ କାଦ୍ରୀ ପପୁକାଦ୍ରୀ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସମାଜ ଉପରେ ସାମାଜିକ ଗଣମାଧ୍ୟମର ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବା ପାଇଁ ଖୁବ୍‌ଶୀଘ୍ର ପ୍ରଭାବଶାଳୀ ନିୟାମକ ଆସିବା ଆବଶ୍ୟକ।

-ଏଲନ୍ ମସ୍କ

## ଉପଯୋଗୀ ଇଥାନଲ୍

ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବିରୋଧରେ ଅଦାଲତରେ କରାଯାଇଥିବା ଆବେଦନ ଖାରଜ ହୋଇଯାଇଛି। ଏପ୍ରକାର ଇନ୍ଧନ ପାଇଁ ପ୍ରଚଳିତ ମୋଟର ଇଞ୍ଜିନ ଉପଯୋଗୀ ହୋଇନଥିବାରୁ ତାହାର ପ୍ରତିକୂଳ ପ୍ରଭାବ ଅନୁଭୂତ ହେଉଛି ଏବଂ ଗାଡ଼ିର ମାଇଲେଜ ମଧ୍ୟ ହ୍ରାସ ପାଉଛି ବୋଲି ଅଭିଯୋଗ କରି ଉପରୋକ୍ତ ଆବେଦନ କରାଯାଇଥିଲା। ଏହି ପ୍ରସଙ୍ଗରେ କେତେକ ରାଜନୈତିକ ବିବାଦ ଥିବା ଚର୍ଚ୍ଚା ହେଉଛି। ସେବେ ସବୁର ଉର୍ଦ୍ଧ୍ୱରେ ବିଚାର କଲେ ସାମ୍ପ୍ରତିକ କ୍ରମବର୍ଦ୍ଧିଷ୍ଣୁ ପରିବେଶ ପ୍ରଦୂଷଣ ଦୃଷ୍ଟିକୋଣରୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ନିଶ୍ଚୟ। ବର୍ଦ୍ଧିତ ଯାନବାହନ ଚଳାଚଳରୁ ନିର୍ଗତ ଅଙ୍ଗାର (କାର୍ବନ) ବାୟୁ ପ୍ରଦୂଷଣର ମୁଖ୍ୟ କାରଣ। ଏଭଳି ଏକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବିଶ୍ୱ ସମୁଦାୟ ବିକଳ୍ପ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବା ସ୍ୱାଭାବିକ। ଆଖୁ ଓ ମକାରୁ ପ୍ରସ୍ତୁତ ଇଥାନଲ ଜଳେଣୀରୁ କାର୍ବନ ଓ ମନୋକ୍ସାଇଡ ଭଳି ଅନ୍ୟ ପ୍ରଦୂଷଣ ସୃଷ୍ଟିକାରୀ ବାୟୁ ନିର୍ଗମନ ହେଉ ନ ଥିବାରୁ ପେଟ୍ରୋଲରେ ତାହାର ୨୦ ପ୍ରତିଶତ (ଇ୨୦) ମିଶ୍ରଣକୁ ଏକ ଗ୍ରହଣଯୋଗ୍ୟ ପ୍ରସ୍ତାବ ରୂପେ ମାନ୍ୟତା ମିଳିଛି। ରାଜଧାନୀ ଦିଲ୍ଲୀର ବାୟୁପ୍ରଦୂଷଣ ଏକ ବିପଦଜ୍ଜନକ ସ୍ଥିତିରେ ଅଛି। ସେଠାରେ ଅପେକ୍ଷାକୃତ ଅଧିକ ଯାନବାହାନ ଚଳାଚଳ କରୁଥିବାରୁ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବାହାର ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏବେ ସୁପ୍ରିମକୋର୍ଟଙ୍କ ରାୟ କାର୍ଯ୍ୟକାରୀ ହେବା ପରେ ଅଙ୍ଗାର ନିର୍ଗମନ ହ୍ରାସ ପାଇବା ସହିତ ସରକାର ଇ୨୦ ଇନ୍ଧନ ବ୍ୟବହାର ମାଧ୍ୟମରେ ବର୍ଷକୁ ୪ ବିଲିୟନ ଡଲାର ସଞ୍ଚୟ କରିବେ।

ଏଠାରେ କିନ୍ତୁ ଆଉ ଦୁଇଟି ପ୍ରସଙ୍ଗ ଆମକୁ ବିବ୍ରତ କରୁଛି। ରୁଷରୁ ସରକାର ଶସ୍ତାରେ ଅଶୋଧିତ ତୈଳ ସଂଗ୍ରହ କରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରାଗଭାଜନ ହୋଇଛନ୍ତି। ଅନ୍ୟପକ୍ଷରେ ଇଥାନଲର ଲିଟର ପିଛା ମୂଲ୍ୟ ୬୦ ରୁ ୬୫ ଟଙ୍କା। ଏହି ଦୁଇଟି ଦିଗକୁ ବିଚାର କରି ପେଟ୍ରୋଲ ମୂଲ୍ୟ ହ୍ରାସ କରାଯିବା ଜରୁରୀ ନୁହେଁକି ? ଅଥଚ ଲିଟର ପିଛା ମୂଲ୍ୟ ସେହି ଶହେଟଙ୍କାରେ ଅପରିବର୍ତ୍ତିତ ରହିଛି। ଦ୍ୱିତୀୟରେ ଇଥାନଲ ଉତ୍ପାଦନର ଚାହିଦା ବୃଦ୍ଧି ସହିତ ଆଖୁ ଓ ମକା ଚାଷ କରୁଥିବା ଚାଷୀଙ୍କ ସକାଶେ ଅତିରିକ୍ତ ଆୟ ବା ଉପାର୍ଜନର ସୁଯୋଗ ଆସିବ ସତ, କିନ୍ତୁ ଅତିରିକ୍ତ ଲାଭ ସକାଶେ ଚାଷୀ ଯଦି ଇଥାନଲ ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେବେ ତେବେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ବଜାରରେ ଆଖୁ ଓ ମକାର ଯେଉଁ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ ତାହା ମୂଲ୍ୟ ବୃଦ୍ଧି ପାଇଁ ବାଟ କଢ଼ାଇନେବେ। ସାଧାରଣ ଖାଉଟି ଉଭୟ ଦୃଷ୍ଟିରୁ କ୍ଷତି ସହିବେ। କାରଣ ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୨୦୩୦ ସୁଦ୍ଧା ଦେଶର ଚାହିଦା ପୂରଣ ପାଇଁ ୧୫୦୦ କୋଟି ଲିଟର ଇଥାନଲ ଉତ୍ପାଦନ କରିବାକୁ ହେବ।

ଯାହା ବି ହେଉ ଏହାକୁ ଅସ୍ୱୀକାର କରିହେବ ନାହିଁ ଯେ ଆଜିର ଦିନରେ ଓ ଭବିଷ୍ୟତ ପାଇଁ ଇଥାନଲ୍ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଆମଦେଶରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ୨୦୧୩-୧୪ ରୁ ଆରମ୍ଭ ହୋଇଛି। ୧.୫ ଶତାଂଶ ମିଶ୍ରଣ ଅନୁପାତ କ୍ରମେ ବୃଦ୍ଧି ପାଇ ୨୦ ଶତାଂଶରେ ପହଞ୍ଚିଛି। ୨୦୩୦ରେ ଏହି ଅନୁପାତ ୩୦ ଶତାଂଶକୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି। ଆମେ ଏହି ପ୍ରୟୋଗ ଆରମ୍ଭ କରିବା ପୂର୍ବରୁ ବ୍ରାଜିଲ ସମଗ୍ର ବିଶ୍ୱକୁ ବାଟ ଦେଖାଇଥିଲା। ଏବେ ଆମେରିକା ମଧ୍ୟ ଏହି ପଦ୍ଧତିକୁ ଅନୁସରଣ କରୁଛି। ଯଦି ଆମ ଦେଶରେ ଏହି ବ୍ୟବସ୍ଥା ୧୦ ନିୟୁତ ଟନ ଅଙ୍ଗାରକାମ୍ଳ ନିର୍ଗମ ହ୍ରାସ କରିବାରେ ସହାୟକ ହେବ ତାହାକୁ ଆମେ ଏକ ଚମତ୍କାରିତା ଭାବେ ମାନିନେବା। ●

## ବସ୍ତାନି ବୋଝ

ପ୍ରଚଳିତ ଶିକ୍ଷା ଅବସ୍ଥାର ଭିତ୍ତିଭୂମି ଏତେ ଦୁର୍ବଳ ହୋଇଯାଇ ଯେ ତଥାକଥିତ ସଂସ୍କାରର କୌଣସି ପ୍ରଭାବ ଅନୁଭୂତ ହେଉନାହିଁ। ସରକାରୀ ଓ ବେସରକାରୀ ସ୍ତରରେ ପରିଚାଳିତ ବିଦ୍ୟାଳୟର ଶୈକ୍ଷିକ ଢାଞ୍ଚା ସେମିତି ଅପରବର୍ତ୍ତିତ ରହିଛି। କେଉଁଠି ଆଦୌ ପାଠପଢ଼ା ହେଉନାହିଁ ତ ଆଉ କେଉଁଠି ଶିକ୍ଷା ନାମରେ ବ୍ୟବସାୟିକ ଦୃଷ୍ଟିଭଙ୍ଗୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଆମେ ଏଠାରେ ପବ୍ଲିକ ସ୍କୁଲ ବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂପର୍କରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରୁଛୁ। ସେଠାରେ ଦୈନନ୍ଦିନ ୮ ଟି ବିଷୟରେ ପାଠପଢ଼ା ପାଇଥିବାରୁ ସେହି ବିଷୟର ପୁସ୍ତକ ଓ ତତ୍ସଂଲଗ୍ନ ଏକାଧିକ ନୋଟବୁକ୍ ସାଙ୍ଗରେ ନେଇ ବିଦ୍ୟାଳୟକୁ ଯିବାର ବାଧ୍ୟବାଧକତା ପିଲାଙ୍କ ଉପରେ ଲଦି ଦିଆଯାଇଛି। ବସ୍ତାନି ଭାର ଏତେ କଷ୍ଟଦାୟକ ଯେ ପିଲାଙ୍କୁ ବିଦ୍ୟାଳୟକୁ ନେବା ଆଣିବା କରୁଥିବା ଅଭିଭାବକଙ୍କୁ ହିଁ ବହନ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ। ବସ୍ତାନି ବୋଝ ପିଲାଙ୍କ ଶାରୀରିକ ଅଭିବୃଦ୍ଧିରେ ବାଧକ ସାଜିଛି। ଅଧିକାଂଶ ଆଗକୁ ଝୁଙ୍କି ଚଳପ୍ରଚଳ କରୁଥିବାରୁ ସେମାନଙ୍କ ପିଠି ବଙ୍କା ହୋଇଯିବା ସହ କାନ୍ଧ ଓ ବେକରେ ଅସମ୍ଭବ ଯନ୍ତ୍ରଣା ହୋଇଥାଏ। ସେମାନଙ୍କ ମେରୁଦଣ୍ଡ ଉପରେ ମଧ୍ୟ ଗୁରୁତର ପ୍ରଭାବ ପଡୁଥିବାର ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନରେ ପ୍ରକାଶିତ ତଥ୍ୟାନୁସନ୍ଧାନ ରିପୋର୍ଟରୁ ଜଣାପଡ଼ିଛି।

ପିଲାଙ୍କ ସ୍ୱାସ୍ଥ୍ୟ ଓ ଶରୀର ପ୍ରତି ବିପଦ ସୃଷ୍ଟିକାରୀ ଏହି ବ୍ୟବସ୍ଥାରେ ଯେ ପରିବର୍ତ୍ତନ ଜରୁରୀ ଏକଥା ସମସ୍ତେ ଅନୁଭବ କରୁଥିଲେ ମଧ୍ୟ ତାହା ଅପରିବର୍ତ୍ତିତ ରହିଛି। ଭାର ବହନ କରିବାର କ୍ଷମତା ପୁଅଙ୍କ ଠାରୁ ଝିଅମାନଙ୍କ କମ୍ ଥିବାରୁ ଏହି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଛାତ୍ରୀମାନେ। ରିପୋର୍ଟରୁ ପ୍ରକାଶ ଯେ ପିଲାଙ୍କ ଶରୀରର ଓଜନର ୧୫ ରୁ ୨୫ ପ୍ରତିଶତ ଭାର କାନ୍ଧରେ ବହନ କରିଥା'ନ୍ତି। ଅନେକ କ୍ଷେତ୍ରରେ ଘରକୁ ଫେରିବା ପର୍ଯ୍ୟନ୍ତ ସେହି ବସ୍ତାନି ବୋଝ ପିଲାଙ୍କ କାନ୍ଧରେ ରହିଥାଏ। ପିଲାଙ୍କ ନିୟମିତ ଅସୁସ୍ଥତା ଓ ପାଠପଢ଼ା ପ୍ରତି ଅମନଯୋଗୀ ହେବା ପଛରେ ଏହି ବ୍ୟାଗ ବୋଝ ଅନେକାଂଶରେ ଦାୟୀ। ସଚେତନ ଅଭିଭାବକଙ୍କ ପକ୍ଷରୁ ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ କ୍ରମାଗତ ଆପତ୍ତି ଦର୍ଶାଯାଉଥିଲେ ମଧ୍ୟ କୌଣସି ପ୍ରତିକାର ନହେବା କ୍ଷୋଭର ବିଷୟ।

ସମୟାନୁସାରେ ପାଠ୍ୟକ୍ରମ ଶେଷ ହେଉନଥିବାରୁ କୌଣସି ପ୍ରକାରେ ଶିକ୍ଷକ କିଛି ନୋଟ ଡାକି ଦାୟିତ୍ୱ ତୁଲାଉଥିବାର ଲକ୍ଷ୍ୟ କରାଯାଉଛି। ତେଣିକି ପିଲା ଖାତାରେ କ'ଣ ଲେଖିଲା ତାହା ଯାଞ୍ଚ କି ସଂଶୋଧନ ହୁଏ ନାହିଁ। ଏ ସଂପର୍କରେ ଅଭିଭାବକ ଆପତ୍ତି ଦର୍ଶାଇଲେ ତାଙ୍କ ପିଲା ଅକ୍ରୋଶର ସମ୍ମୁଖୀନ ହୁଏ। ତେଣୁ ବିଦ୍ୟାଳୟ ଅପେକ୍ଷା ପିଲାଙ୍କ ଟ୍ୟୁସନ ଉପରେ ଦିନକୁ ଦିନ ନିର୍ଭରଶୀଳତା ବୃଦ୍ଧି ପାଉଛି। ଏସବୁକୁ ଯାଞ୍ଚ କରିବା ସକାଶେ ଆମ ବ୍ୟବସ୍ଥାରେ କିଛି ସୁଯୋଗ ନାହିଁ। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉନ୍ନତ ହାରର ଫଳାଫଳର ପ୍ରଚାର କରି ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଆକର୍ଷିତ କରିଥା'ନ୍ତି। ହେଲେ ସେଥିରେ ସେମାନଙ୍କ ଅବଦାନ କେତେ ତାହା ଜାଣିବାର ବାଟ ନାହିଁ। ସେହିପରି ବିଦ୍ୟାଳୟରେ ବସ୍ତାନି ବୋଝ ଯାଞ୍ଚ କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ଥିଲେ ମଧ୍ୟ ତାହା ହୁଏ ନାହିଁ। ଅଥଚ ସ୍କ୍ୱାଡ ଗଠନ କରାଯାଇଛି ଏବଂ କାଗଜ ପତ୍ରରେ ରିପୋର୍ଟ ଦରଜ କରାଯାଇଛି। ବିଦ୍ୟାଳୟର ପ୍ରଥମ ତିନିଟି ଶ୍ରେଣୀ ପିଲାଙ୍କ ସକାଶେ ହୋମୱାର୍କ ନଦେବାକୁ କଟକଣା ବା ନିୟମ ଥିଲେ ମଧ୍ୟ ଘରୋଇ ବିଦ୍ୟାଳୟ ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ। ସବୁ ଅଛି, କିଛି ନଥିଲା ଭଳି ଅବସ୍ଥାରେ ପାଠପଢ଼ା ଚାଲିଛି। କାହାର ସେଥିପ୍ରତି ନିଘାନାହିଁ। ●

# ଏଆଇ-ଉଦ୍ୟୋକ୍ତାଙ୍କ ଚିତ୍ରନାଟ୍ୟ ଓ ମେଧାର ଅନ୍ତଃସଂଘାତ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

'ଓପେନ୍ ଏଆଇ'ର ସର୍ବେସର୍ବା ସାମ୍ ଅଲ୍‌ଟାମାନ୍ ପ୍ରଥମେ ଆମକୁ 'ଚାଟ୍‌ଜିପିଟି' ପରି ଭାଷାଭିତ୍ତିକ ବୃହତ୍ କୃତ୍ରିମ-ବୁଦ୍ଧିମତ୍ତାଯୁକ୍ତ ପ୍ରବିଧି ଭେଟି ଦେଲେ। ଏବେ ସେ ଦେଇଛନ୍ତି ଏହାର ନୂଆ ସଂସ୍କରଣ ଚାଟ୍‌ଜିପିଟି-୫। କିନ୍ତୁ ବିଚିତ୍ର କଥାଟି ହେଉଛି ଯେ ଏ ବିଜ୍ଞାନୀ ଯନ୍ତ୍ରୀ-ବିଶାରଦ ଜଣକ ମଝିରେ ମଝିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ସମ୍ଭାବ୍ୟ ବିପଜ୍ଜନକ ପ୍ରଭାବ ସମ୍ପର୍କରେ ଅଚ୍ୟୁତ-ବଚନମାନ ଆମକୁ ଶୁଣାଇ ଏକପ୍ରକାର ସନ୍ତ୍ରସ୍ତ କରି ଚାଲିଛନ୍ତି। ଜଣାଯାଉଛି ଏ ବୁଦ୍ଧିମାନ ବ୍ୟକ୍ତି ଜଣକ ଏକାଥରକେ ଦୁଇଟି ଗୁରୁଦାୟିତ୍ୱ ନିଜ କାନ୍ଧ ଉପରକୁ ନେଇଯାଇଛନ୍ତି। ପ୍ରଥମଟି ହେଉଛି- ଏଆଇ ପ୍ରବିଧିମାନଙ୍କର ଉତ୍ତରୋତ୍ତର ବିକାଶ ଓ ବହୁଳ ବ୍ୟବହାର ନିଶ୍ଚିତ କରି ମାନବ ଜାତିର ତଥାକଥିତ କଲ୍ୟାଣ ସାଧନ କରିବା; ନିରବଚ୍ଛିନ୍ନ ପ୍ରଗତି ଓ ସମୃଦ୍ଧିର ଯେଉଁ ସ୍ୱପ୍ନ ମଣିଷ ତା'ର ସଭ୍ୟତାର ଉଷାକାଳରୁ ଦେଖିଆସିଛି, ଅଥଚ ଏ ପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ ସାକାର କରିପାରିନାହିଁ, ଏବେ ତା'ହାତରେ ଏଆଇ ପ୍ରବିଧିମାନ ଧରାଇ ଦେଇ ତାକୁ ତା'ର ସେଇ ସ୍ୱପ୍ନ ସାକାର କରିବା ପାଇଁ ସମର୍ଥ କରିବା। ମଣିଷ ଜାତିର ଅନ୍ୟତମ ତ୍ରାଣକର୍ତ୍ତାଟିଏ ସାଜିବାର ମହତ୍ତ୍ୱାକାଂକ୍ଷା ପୋଷଣ କରିଛନ୍ତି ସେ ସତେଯେପରି! ଏ ଦାୟିତ୍ୱଟି ଖୁବ୍ ନିଷ୍ଠାପର ଭାବରେ ସେ ନିର୍ବାହ କରିଚାଲିଥିବା ସହିତ ଅନ୍ୟ ଯେଉଁଟି ନିର୍ବାହ କରିବାକୁ ସେ ସମପ୍ରକାର ନିଷ୍ଠା ପ୍ରଦର୍ଶନ କରି ଆସୁଛନ୍ତି, ସେଥିରୁ ତାଙ୍କର ଉଦ୍ଦେଶ୍ୟଟି ପ୍ରକୃତରେ କ'ଣ ସେଥିନେଇ ଘୋର ଦ୍ୱନ୍ଦ୍ୱ ଓ ସନ୍ଦିଗ୍ଧତାରେ ଆମକୁ ପକାଇ ଦେଇଥାଏ। ଏଇ ମାତ୍ର ଗୋଟିଏ କି ଦୁଇଟି ସପ୍ତାହ ତଳେ ସେ 'ଚାଟ୍‌ଜିପିଟି -୫'ର ଉଦ୍‌ଘାଟନ ସମୟରେ ଦ୍ୱିତୀୟ ଗୁରୁ ଦାୟିତ୍ୱଟି ନିର୍ବାହ କରିବା ବେଳେ ଆପାଣାକୁ ଦୋଷବୋଧର ଜ୍ୱଳନରୁ ମୁକ୍ତ କରିବାକୁ କିପରି ପ୍ରୟାସଟିଏ କରିଛନ୍ତି ଆସନ୍ତୁ ଜାଣିବା।

ସେହି ଅବସରରେ ଏ କରିତ୍‌କର୍ମା ଜଣକ କହିଦେଲେ, 'ମୁଁ ଏହି ଏଆଇ ବଟ୍‌ର ଅତୁଳନୀୟ ଶକ୍ତି ଦେଖି ଆତଙ୍କିତ। ମୁଁ ଭାବୁଛି ଏହା ଏକ 'ମାନ୍‌ହାଟେନ୍ ପ୍ରୋଜେକ୍ଟ'ର ମୁହୂର୍ତ୍ତ'। ୧୯୪୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଆରମ୍ଭ କରିଥିଲା ମାନ୍‌ହାଟେନ୍ ପ୍ରୋଜେକ୍ଟ, ଆଇନଷ୍ଟାଇନଙ୍କ ବାରଣ ସତ୍ତ୍ୱେ। ଏହି ଅବିମୃଶ୍ୟକାରୀ ଯୋଜନାର ଫଳଶ୍ରୁତି ଥିଲା ପରମାଣୁ ବୋମା। ଅଲ୍‌ଟାମାନ୍ ଚାଟ୍‌ଜିପିଟି-୫କୁ ପରମାଣୁ ବୋମା ଭଳି ମାରାତ୍ମକ କହି ଆମମାନଙ୍କୁ ଅବଶ୍ୟ ଚେତାବନୀଟିଏ ଦେଇଛନ୍ତି, ମାତ୍ର ସତ କଥାଟି ହେଉଛି ସେ ଏପରି କହି ଆପଣାକୁ ଦୋଷବୋଧରୁ ମୁକ୍ତ କରିବାର ଅସାଧୁ ପ୍ରୟାସଟିଏ କରିଛନ୍ତି। ସେ ଅଧାସତ କହିଛନ୍ତି। ପରମାଣୁ ବୋମା ଯେଉଁ ସଂହାରଲୀଳା ସୃଷ୍ଟି କରିବ, ତା'ର ଭୟାବହତା ଦେଖିବା ପାଇଁ ମଣିଷ ନଥିବ। ମାତ୍ର ବର୍ତ୍ତମାନର ରକ୍ତବୀର୍ଯ୍ୟ କୃତ୍ରିମ ବୁଦ୍ଧିମତ୍ତାର ଧ୍ୱଂସାତ୍ମକତାର ବୀଭତ୍ସ ରୂପକୁ ହୁଏତ ହଠାତ୍ କେହି ଦେଖିପାରିବେ ନାହିଁ କି ଅନୁଭବ କରିପାରିବେ ନାହିଁ। ଏହାର ରାହୁଛାୟା ଧୀରେ ଧୀରେ ଗ୍ରାସ କରିଚାଲିବ ଆମକୁ। ଆମେ ବଞ୍ଚିରହିଥିବା ଓ ସ୍ୱଚକ୍ଷୁରେ ଦେଖି ଚାଲୁଥିବା ସେ ଛାୟାର କ୍ରମବିସ୍ତାର ଆମ ଜୀବନର ପ୍ରତିଟି ମଞ୍ଚରେ। ଯେଉଁସବୁ ମଞ୍ଚରେ ଆମେ ଅପୂର୍ବ କଳାତ୍ମକତାର ସହ ଅଭିନୟମାନ କରିଚାଲିଥିଲେ, ସେଇଠି ଏଣିକି ଅଭିନୟ କରୁଥିବେ ଏଆଇ ପ୍ରବିଧିମାନ ଓ ଆମେ ନିରୋଳା ବିମୂଢ଼ତା, ଅସହାୟତାର ସହ ଠିଆ ହୋଇ ରହିଥିବା ନିର୍ବେଦ ଦର୍ଶକ ହୋଇ। ମରଣ ନୁହେଁ, ଜୀବନ୍ତ ମରଣର ମଞ୍ଜିଚିରା ଯନ୍ତ୍ରଣାଭୋଗ କରି ଚାଲୁଥିବା ଆମେ।

କେବଳ ସାମ୍ ଅଲ୍‌ଟାମାନ୍ ନୁହନ୍ତି, ଆହୁରି ବେଶ୍ କେତେଜଣ ତଥାକଥିତ ପ୍ରଚଣ୍ଡ ମେଧାସମ୍ପନ୍ନ ବିଜ୍ଞାନୀ ରାତିଦିନ ଶକ୍ତିଶାଳୀରୁ ଅସାଧାରଣ ଶକ୍ତିଶାଳୀ ଏଆଇ ପ୍ରବିଧିମାନ ନିର୍ମାଣ କରିଚାଲିବା ସଙ୍ଗେ ସଙ୍ଗେ ପ୍ରାୟ ପ୍ରତି ସପ୍ତାହରେ ସେମାନଙ୍କ ମଧ୍ୟରୁ କେହି କେହି ମଧ୍ୟ କହିଥା'ନ୍ତି- 'ଏଆଇ ମଣିଷକୁ ଦିନେ ପୂରାପୂରି ଅଲୋଡ଼ା, ଅନାବଶ୍ୟକ କରିଦେବାର ବିମର୍ଷକର ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ।' ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଏହି ବିଶେଷଜ୍ଞ, ବିଶାରଦମାନଙ୍କୁ ନରନାରାୟଣ ଭାବରେ ଅସରନ୍ତି ଶ୍ରଦ୍ଧାସୁମନ ବାଢୁଥିବା ଥୋକେ ଭକ୍ତ ହୁଏତ କହିବେ - 'ଆହା, ମାନବସମାଜର ସମୃଦ୍ଧି ପାଇଁ ନିଜ ନିଜର ସୁଖଶାନ୍ତିକୁ ବିସର୍ଜନ ଦେଇଥିବା ଅଲ୍‌ଟାମାନ୍ ବା ମସ୍କମାନଙ୍କ ଭିତରେ ଏଆଇକୁ ନେଇ ଏ ଯେଉଁ ଅନ୍ତଦ୍ୱର୍ନ୍ଦ୍ୱଜନିତ ମାନସିକ ସଂଘାତ, ଏହା ସେମାନଙ୍କ ନିରୁତା ମଣିଷପଣିଆ, ସେମାନଙ୍କ ସମ୍ବେଦନଶୀଳ ଅନ୍ତର୍ସତ୍ତାର ନିର୍ଭୁଲ ପ୍ରମାଣ'।

ନା ଏହା ଆଦୌ ସତ ଅନ୍ତଦ୍ୱର୍ନ୍ଦ୍ୱ ନୁହେଁ। ଏହା ସେମାନେ ମଞ୍ଚସ୍ଥ କରୁଥିବା ନାଟକର ଚିତ୍ରନାଟ୍ୟ ମାତ୍ର। ଏ ନାଟକ ହେଉଛି ଏକ ବୃହତ୍ କର୍ପୋରେଟ୍ ଖେଳ। ଏହା 'ମେସିନ୍ ବନାମ ମଣିଷ' ଯୁଦ୍ଧ କି ଦ୍ୱନ୍ଦ୍ୱ ନୁହେଁ। ଏହା ହେଉଛି ହାତଗଣତି କେତେଜଣ ମେଧାସମ୍ପନ୍ନ ଅଥଚ ପ୍ରଚଣ୍ଡ ସ୍ୱାର୍ଥୀ, ଚତୁର ପ୍ରଯୁକ୍ତିବିଦ୍ୟା ବିଶାରଦ ଏବଂ ଅର୍ବପତି ବ୍ୟବସାୟୀ (ତଥାକଥିତ ଏଲିଟ୍) ବନାମ କୋଟି କୋଟି ଅଳ୍ପ ମେଧାସମ୍ପନ୍ନ ଶିକ୍ଷିତ, ସାକ୍ଷର କି ପୂରାପୂରି ନିରକ୍ଷର ଜନସାଧାରଣଙ୍କ ମଧ୍ୟରେ ଅନ୍ତଃସଂଘାତ। ଯୁଗ ଯୁଗ ଧରି ସୀମାନ୍ତରିତ ହୋଇରହିଥିବା ଅଗଣିତ ଦରିଦ୍ର, ସମ୍ବଳହୀନମାନେ, ଯେଉଁମାନଙ୍କ ପାଖରେ ବିଜ୍ଞାନ ବା ପ୍ରଯୁକ୍ତିବିଦ୍ୟାରେ ଦକ୍ଷତା ଅର୍ଜନ କରିବା ପାଇଁ ଆବଶ୍ୟକ ସୂକ୍ଷ୍ମ ବୁଦ୍ଧିମତ୍ତା ନାହିଁ କିମ୍ବା ସେମାନଙ୍କ ପାଇଁ ସୁଲଭ ହେବାକୁ ଯାଉଥିବା ଏଆଇ ବଟ୍ ବା ପ୍ରବିଧିମାନଙ୍କର ବ୍ୟବହାର, ପରିଚାଳନା ପାଇଁ ଲୋଡ଼ା ପଡୁଥିବା କଳାକୌଶଳ ନାହିଁ, ସେମାନେ ଆହୁରି ଆହୁରି ସୀମାନ୍ତରିତ ହୋଇଚାଲିବେ ଏବଂ ଏଆଇର ଅର୍ବପତି ବିଜ୍ଞାନୀ ଓ ବ୍ୟବସାୟୀମାନଙ୍କ କୋମଳ ଶୋଷଣର ବିକଳ ଶରବ୍ୟ ହୋଇ ନିଃଶବ୍ଦ ଆର୍ତ୍ତନାଦ ହିଁ କରି ଚାଲିବେ। ବିବ୍ରତକର ଏ ସତ୍ୟଟି ଜାଣି ମଧ୍ୟ କାହିଁକି ଯେ ଆମେ ପ୍ରତ୍ୟେକ 'ଗିନ୍ ପିଗ୍' ସାଜିବାକୁ ସଜବାଜ ହୋଇ ରହୁଛେ ଏବଂ କାହିଁକି ଏ ପ୍ରକାର ଅସହ୍ୟ ନିରବତା ଅବଲମ୍ବନ କରି ଚାଲିଛେ, ତାହା ବୁଝିବା ଦୁରୁହ।

ଏଆଇ ମଣିଷର ସାମର୍ଥ୍ୟ ଓ ଦକ୍ଷତାକୁ ବହୁଗୁଣିତ କରିଦେବ ବୋଲି ଯେଉଁ ଆଶ୍ୱାସନାଟି ଆମକୁ ଦିଆଯାଇଚାଲିଛି, ତାହା କେତେ ନିରାଧାର ଜଣାପଡ଼ିସାରିଲାଣି ଏଇ କେତୋଟି ଦିନ ମଧ୍ୟରେ। କ୍ଷମତାଧାରୀ ଓ କ୍ଷମତାହୀନ, ଥିଲା ବାଲା ଓ ନଥିଲାବାଲାମାନଙ୍କ ମଧ୍ୟରେ ଏକ ବିରାଟ ବିଭାଜନ ଏଆଇ ସୃଷ୍ଟି କରିବାର ଯଥେଷ୍ଟ ପ୍ରାକ୍-ଆଭାସ ଆମେ ପାଇ ସାରିଲେଣି। ଦୁଃଖଦ ବିଡ଼ମ୍ବନାଟି ହେଉଛି ଯେ ଆମ ବୁଦ୍ଧିଜୀବୀ ଓ ରାଜନୈତିକ କ୍ଷମତାଧାରୀମାନେ ଗୋଟିଏ ମୁହଁରେ ଗଣତାନ୍ତ୍ରିକ ସମାନତା, ସାର୍ବଜନୀନ ଅର୍ଥନୈତିକ ସମାନତା କଥା କହୁଥିବା ବେଳେ ଘୋର ବୈଷମ୍ୟ ଓ ଅସମାନତା ସୃଷ୍ଟି କରିବାକୁ ଯାଉଥିବା ଏଆଇର ପ୍ରସ୍ତୁତି ଓ ବ୍ୟାପକ ବ୍ୟବହାରକୁ ରୀତିମତ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। କାହିଁକି ଯେ ଆମେ ଏଇ ଅଲ୍‌ଟାମାନ୍, ମସ୍କମାନଙ୍କୁ କହୁନାହେଁ ଯେ ଯେତିକି ଶକ୍ତିଶାଳୀ ଏଆଇ ପ୍ରବିଧିମାନ ସେମାନେ ଦେଇ ସାରିଛନ୍ତି, ସେତିକିରେ ସେମାନେ ସନ୍ତୁଷ୍ଟ ରୁହନ୍ତୁ; ଆହୁରି ଅଧିକ ଶକ୍ତିଶାଳୀ ଓ ଚେତନାଯୁକ୍ତ (ଏଜିଆଇ) ପ୍ରବିଧିମାନ ନିର୍ମାଣ କରିବା ପାଇଁ ସେମାନେ ଚଳାଇ ରଖିଥିବା ସମସ୍ତ ପ୍ରକାର ଗବେଷଣା ଓ ପରୀକ୍ଷଣ ଉପରେ ପୂର୍ଣ୍ଣଚ୍ଛେଦଟିଏ ପକାଇ ଦିଅନ୍ତୁ; ଏହା ସହଜରେ ବୁଝି ହୁଏନା।

ନିର୍ଦ୍ଦିଷ୍ଟ ଭାବରେ ସାମ୍ ଅଲ୍‌ଟାମାନଙ୍କୁ କାହିଁକି କହୁନାହେଁ - "ଆପଣ ଚାଟ୍‌ଜିପିଟି-୫କୁ ପରମାଣୁ ବୋମା ସହ ତୁଳନା କରିଥିବାରୁ ଅଶେଷ ଧନ୍ୟବାଦ। ଅନୁରୋଧ, ଆପଣଙ୍କ 'ଓପେନ୍ ଏଆଇ' ଗବେଷଣାଗାରକୁ ଏଥର କେବଳ ଏଆଇ କିପରି ପୂରାପୂରି କଲ୍ୟାଣକର ହେବ, କିପରି ସର୍ବଜନହିତାୟ ହେବ, ସେହି କାମଟିରେ ଲଗାଇ ଦିଅନ୍ତୁ। ସତରେ ଯଦି ଆପଣ ମାନବଜାତିର ମଙ୍ଗଳ ଚାହୁଁଛନ୍ତି, ତେବେ ନିଜର ଅମିତ ଉଚ୍ଚାକାଂକ୍ଷାରେ ଲଗାମ୍ ଦେଇ ଦିଅନ୍ତୁ ଏବଂ ଆପଣଙ୍କ ସମଧର୍ମାମାନଙ୍କୁ ବି ସେମାନଙ୍କ 'ମାନ୍‌ହାଟ୍‌ନ୍ ପ୍ରୋଜେକ୍ଟ'ଗୁଡ଼ିକରୁ ଓହରି ଆସିବାକୁ ପରାମର୍ଶ ଦିଅନ୍ତୁ। ଅନୁରୋଧ, ମଣିଷକୁ ତା' ନିଜ ଜୀବନ ଓ ସଭ୍ୟତାର ମଙ୍ଗ ଧରିବାକୁ ଦିଅନ୍ତୁ, ଯେମିତି ସେ ଧରି ଆସିଛି ଦୀର୍ଘ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ବର୍ଷ ଧରି। ଏକବିଂଶ ଶତାବ୍ଦୀ ଓ ପର ଶତାବ୍ଦୀଗୁଡ଼ିକରେ ସକ୍ରେଟିସ୍, ବୁଦ୍ଧ, କଲମ୍ବସ, ଗାନ୍ଧୀ, ଆଇନ୍‌ଷ୍ଟାଇନ, ଟଲଷ୍ଟୟ, ବିଥୋଭେନ୍, କାଳିଦାସ, ଭର୍ତ୍ତୃହରି ଓ ସେକ୍ସପିୟରମାନେ ଜନ୍ମ ନିଅନ୍ତୁ; ମଣିଷର ସହଜାତ ପ୍ରତିଭା, ମଣିଷର ସହଜାତ ଚେତନା ମଣିଷର ହୋଇ ରହୁ, ଏଆଇର ନୁହେଁ। ମଣିଷକୁ କବନ୍ଧପ୍ରାୟ କରିବାର ଏ ଯେଉଁ ନିଶା ଆପଣଙ୍କୁ ଓ ଆପଣଙ୍କ ସତୀର୍ଥମାନଙ୍କୁ ଘାରିଛି, ସେ ନିଶାର ଶେଷ ହେଉ।" ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଓଡ଼ିଶାରେ ସବୁଜ ଅର୍ଥନୀତିର ଭବିଷ୍ୟତ

**ଆଦିତ୍ୟ ମାଲହୋତ୍ରା**

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜୁନ୍ ମାସରେ ଉନ୍ମୋଚିତ 'ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ'ରେ ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ ଆମେରିକୀୟ ଡଲାରର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୨୦୪୭ ସୁଦ୍ଧା ଓଡ଼ିଶାକୁ ୧୦୦ ଲକ୍ଷ କୋଟି ଟଙ୍କାର ନିବେଶ ଆବଶ୍ୟକ ହେବ ଏବଂ ଏହାର ଏକ ପ୍ରମୁଖ ଅଂଶ ସବୁଜ ଅର୍ଥନୀତି ଆଡ଼କୁ ପ୍ରବାହିତ ହେବ। ଏକ ସବୁଜ ଅର୍ଥନୀତି ଓଡ଼ିଶାର ଅର୍ଥନୀତିକୁ ଅଭିବୃଦ୍ଧି କରିବା ସହିତ ପରିବେଶକୁ ସୁରକ୍ଷିତ ରଖିବ ଏବଂ ନିଯୁକ୍ତି ସୃଷ୍ଟି କରିବ, ଯଦ୍ୱାରା ବିବିଧତା ଓ ଅଭିବୃଦ୍ଧି ଲକ୍ଷ୍ୟକୁ ପୂରଣ କରାଯାଇପାରିବ।

ସବୁଜ ଅର୍ଥନୀତି, ଏକ ନୂତନ ଅର୍ଥନୈତିକ ସଂସ୍କରଣ, ଯାହା ସ୍ୱଚ୍ଛ ଶକ୍ତି କ୍ଷେତ୍ର ଅପେକ୍ଷା ବହୁତ ବଡ଼। ଏଥିରେ ପୁନଃଚକ୍ରିକରଣ ଅର୍ଥନୀତି, ଜୈବ-ଅର୍ଥନୀତି ଓ ପ୍ରକୃତି-ଆଧାରିତ ସମାଧାନ ଭଳି ନୂତନ କ୍ଷେତ୍ର ଅନ୍ତର୍ଭୁକ୍ତ। ଶକ୍ତି, ପରିବେଶ ଓ ଜଳ ପରିଷଦ (ସିଇଇଡବ୍ଲୁ) ଦ୍ୱାରା କରାଯାଇଥିବା ଗବେଷଣା, ଯାହା ରାଜ୍ୟ ସହିତ ଏକ ନେଟ୍-ଶୂନ୍ୟ କାର୍ବନ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟ କରୁଛି, ସମ୍ପ୍ରତି ଆକଳନ କରିଛି ଯେ ଯଦି ଓଡ଼ିଶା ଏକ ସବୁଜ ଅର୍ଥନୀତିରେ ନିବେଶ କରେ, ତେବେ ଏହା ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବ। ରାଜ୍ୟର ଜିଡିପିରେ ୨ ଲକ୍ଷ କୋଟି ଟଙ୍କା ଯୋଡ଼ିପାରିବ ଏବଂ ୨୦୩୦ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କା ନିବେଶ ଆଣିପାରିବ। ଏହାର ଅର୍ଥ ହେଉଛି ଯେ ଓଡ଼ିଶାର ଜିଡିପିର ଅତିରିକ୍ତ ୨୦ ପ୍ରତିଶତରୁ ଅଧିକ ସବୁଜ କ୍ଷେତ୍ରରୁ ଆସିପାରିବ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟ କରିପାରିବ।

ରାଜ୍ୟ ସରକାର ଏହି କ୍ଷେତ୍ରର ବିକାଶ ପାଇଁ ଅନେକ ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି। ଓଡ଼ିଶାର ମହତାକାଂକ୍ଷୀ ସବୁଜ କ୍ଷେତ୍ରର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଏଠାରେ ତିନୋଟି ଉପାୟ ଅଛି। ପ୍ରଥମେ, ଓଡ଼ିଶାର ନିବେଶ ନୀତିଗୁଡ଼ିକ ସବୁଜ ଶକ୍ତି ନିବେଶକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ। ରାଜ୍ୟର ମହତାକାଂକ୍ଷୀ ଶିଳ୍ପ ନୀତି ସଂକଳ୍ପ ପୂର୍ବରୁ ସବୁଜ ଶକ୍ତି, ସବୁଜ ଉଦ୍‌ଜାନ ଓ ଜୈବିପ୍ରଯୁକ୍ତି ବିଦ୍ୟା ଭଳି ପ୍ରମୁଖ କ୍ଷେତ୍ର ପାଇଁ ୩୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜି ରିହାତି ସହିତ ଆର୍ଥିକ ଲାଭ ପ୍ରଦାନ କରେ। କିନ୍ତୁ ଉଦ୍ୟୋଗୀମାନଙ୍କୁ ଯୋଗ୍ୟ ହେବା ପାଇଁ ପୁନଃଚକ୍ରିକରଣ ଅର୍ଥନୀତି, ଜୈବ-ଅର୍ଥନୀତି ଓ ପ୍ରକୃତି-ଆଧାରିତ ଆହ୍ୱାନଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯିବା ଆବଶ୍ୟକ।

ଲିଥିୟମ୍-ଆୟନ୍ ବ୍ୟାଟେରୀ ପୁନଃଚକ୍ରଣ ଏବଂ ଜୈବ-ଆଧାରିତ ଉତ୍ପାଦନ ଭଳି ଶିଳ୍ପଗୁଡ଼ିକ ପାଇଁ ଅଧିକ ପୁଞ୍ଜି ନିବେଶ ଆବଶ୍ୟକ। ଦ୍ୱିତୀୟତଃ, ଓଡ଼ିଶା ସବୁଜ କ୍ଷେତ୍ର ପାଇଁ ଯୋଗାଣ ଶୃଙ୍ଖଳ ହେବା ନିମନ୍ତେ 'ହବ୍ ଓ ସ୍ପୋକ୍' ମଡେଲ୍ ବିକଶିତ କରିବା ଉଚିତ। ଏକ କେନ୍ଦ୍ରୀୟ ହବ୍ ନିକଟସ୍ଥ ଅଞ୍ଚଳର ଛୋଟ ଉତ୍ପାଦକଙ୍କଠାରୁ ସାମଗ୍ରୀ ସଂଗ୍ରହ ଓ ପ୍ରକ୍ରିୟାକରଣ କରେ। ସେମାନଙ୍କୁ ବଡ଼ ବଜାର ସହିତ ସଂଯୋଗ କରିବାରେ ସାହାଯ୍ୟ କରେ। ଓଡ଼ିଶାରେ ପୂର୍ବରୁ ଡେରାସରେ ସାମୁଦ୍ରିକ ଖାଦ୍ୟ ପାର୍କ ଭଳି ଉଦାହରଣ ଅଛି। କିନ୍ତୁ ଏହା ଆହୁରି ଆଗକୁ ଯାଇପାରିବ। ଉଦାହରଣ ସ୍ୱରୂପ, ତାମିଲନାଡୁରେ ଏକ ବହୁମୁଖୀ ସାମୁଦ୍ରିକ ଖାଦ୍ୟ ପାର୍କ ଏକ ହବ୍ ଭାବରେ କାର୍ଯ୍ୟ କରେ ଏବଂ ଉପକୂଳରେ ଛୋଟ ସାମୁଦ୍ରିକ ଖାଦ୍ୟ ଫାର୍ମଗୁଡ଼ିକୁ ସମର୍ଥନ କରେ। ଏହି ପାର୍କ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଏକ ଗବେଷଣା ଓ ତାଲିମ କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରେ। ଏହି ମଡେଲ୍ ଅନ୍ୟ ସ୍ଥାନରେ ଭଲ କାମ କରିଛି। ଜର୍ମାନୀରେ କଫି ବର୍ଜ୍ୟରୁ ଜୈବ-ଉତ୍ପାଦ ତିଆରି କରିବାଠାରୁ ଆରମ୍ଭ କରି କର୍ଣ୍ଣାଟକରେ କୃଷି-ଆବର୍ଜନାରୁ ଇଥାନଲ୍ ଉତ୍ପାଦନ ପର୍ଯ୍ୟନ୍ତ।

ତୃତୀୟତଃ, ରାଜ୍ୟ ସବୁଜ ଉତ୍ପାଦର ଚାହିଦା ବୃଦ୍ଧି କରିପାରିବ। ଗୋଟିଏ ଉପାୟ ହେଉଛି ସରକାରୀ ପ୍ରକଳ୍ପରେ ସବୁଜ ଶକ୍ତି ସାମଗ୍ରୀ କିଣିବା ପାଇଁ ସ୍ପଷ୍ଟ ନିୟମ ସ୍ଥିର କରିବା। ସରକାରୀ ଓ ଘରୋଇ କ୍ଷେତ୍ର ଉଭୟ ବିଭାଗକୁ ପ୍ରାକୃତିକ ଝଡ଼ ପ୍ରତିରୋଧୀ ଭାବରେ ହେନ୍ତାଳ ବନ, ଜୈବ-ସାର, ବାଉଁଶ ଫର୍ଣ୍ଣିଚର ଭଳି ଉତ୍ପାଦର ସର୍ବନିମ୍ନ ଅଂଶ ବ୍ୟବହାର କରିବାକୁ କୁହାଯାଇପାରେ। ଏହା ଭାରତର ଜାତୀୟ ପରିବେଶ ନୀତି ୨୦୦୬କୁ ଅନୁସରଣ କରେ, ଯାହା ବିଶେଷକରି ସରକାରୀ କ୍ଷେତ୍ର ଦ୍ୱାରା ପରିବେଶ ଅନୁକୂଳ ସାମଗ୍ରୀ କିଣିବାକୁ ଉତ୍ସାହିତ କରେ। ସରକାରୀ ବିଭାଗ, ଏମଏସଏମଇ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ଓଡ଼ିଶା ଏକ ସବୁଜ ଚାହିଦା ସଂଗ୍ରହକାରୀ ପ୍ଲାଟଫର୍ମ ସୃଷ୍ଟି କରିପାରିବ। ଏହି ଧାରଣା ଭାରତର ରୁଫ୍ ଟପ୍ ସୋଲାର କ୍ଷେତ୍ରରେ ଭଲ କାମ କରିଛି। ଏହା ନବୀକରଣୀୟ ଶକ୍ତି ସମାଧାନର ଚାହିଦାକୁ ମିଶ୍ରଣ କରି ଖର୍ଚ୍ଚ ହ୍ରାସ କରିବା ଏବଂ ବ୍ୟବହାର ବୃଦ୍ଧି କରିବାରେ ସାହାଯ୍ୟ କରିଛି। ଏବେ ଶୂନ୍ୟ-ନିର୍ଗମନ ପରିବହନ ଇନ୍ଧନ ଏବଂ ଇକୋସିଷ୍ଟମ ସେବା ଯୋଗାଣକାରୀ ଭଳି ସ୍ଥାୟୀ ସମାଧାନ ପାଇଁ ମଧ୍ୟ ଚାହିଦା ସଂଗ୍ରହ ବ୍ୟବହାର କରାଯାଉଛି, ବିଶେଷକରି ପ୍ରକୃତି-ଆଧାରିତ ସମାଧାନକୁ ବୃଦ୍ଧି କରିବାରେ ଏହା ଉପଯୋଗୀ ହୋଇଛି।

୨୦୩୦ ସୁଦ୍ଧା ଓଡ଼ିଶାର ଅର୍ଥନୈତିକ ଉତ୍ପାଦନର ୨୦ ପ୍ରତିଶତକୁ ସବୁଜରେ ପରିଣତ କରିବା ଏକ ସାହସିକ ଲକ୍ଷ୍ୟ। କିନ୍ତୁ ଏହା ହାସଲ କରାଯାଇପାରିବ, ଯଦି ରାଜ୍ୟ ସବୁଜ କ୍ଷେତ୍ରରେ ସଠିକ୍ ନିବେଶକୁ ଆକର୍ଷିତ କରେ। ଏହା କେବଳ ନିଯୁକ୍ତି ଓ ଅଭିବୃଦ୍ଧିକୁ ନିଶ୍ଚିତ କରିବ ନାହିଁ ବରଂ ଏକ ସ୍ୱଚ୍ଛ, ଦୃଢ଼ ଓ ସ୍ଥାୟୀ ଭବିଷ୍ୟତ ମଧ୍ୟ ନିର୍ମାଣ କରିପାରିବ। ●

(ଶକ୍ତି, ପରିବେଶ ଓ ଜଳ ପରିଷଦର ପ୍ରୋଗ୍ରାମ ଆସୋସିଏଟ୍)
ନୂଆଦିଲ୍ଲୀ, ମୋ: ୯୩୧୩୧୨୯ ୯୪୧

# ତିବ୍ବତରେ ଲାମା

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...

'ଲାମା'ବାଦ ଭାରତୀୟ ମହାଯାନ ବୌଦ୍ଧଧର୍ମର ଏକ କ୍ରମାନୁବୃତ୍ତି ପରମ୍ପରା, ଯେଉଁଥିରେ ସମସ୍ତ ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକଳାପରେ ଗୁରୁହିଁ ମୁଖ୍ୟ ତଥା କେନ୍ଦ୍ରସ୍ଥାନୀୟ। ଏହି ସମ୍ପର୍କ ରକ୍ତ ସମ୍ପର୍କଠାରୁ ଅଧିକ ଶକ୍ତିଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ମଧ୍ୟ।

**ଦଲାଇଲାମା:** ଏକାଦଶ ଶତାବ୍ଦୀରେ ତିବ୍ବତର ବୌଦ୍ଧ ଧର୍ମାନୁଷ୍ଠାନ ମୁଖ୍ୟମାନେ ଏକ ପୁରୁଷାନୁକ୍ରମିକ କର୍ତ୍ତୃତ୍ୱ ସ୍ଥାପନ କରିବାରେ ସଫଳ ହୋଇଗଲେ। ଏହାଫଳରେ ସେମାନେ ତିବ୍ବତରେ ବିଭିନ୍ନ ଅଞ୍ଚଳର ରାଜା ବା ଶାସକମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଆରମ୍ଭ କଲେ। ଦେଶର ପୁରୋହିତ ମଣ୍ଡଳୀ ତାଙ୍କ ହାତରେ ଉଭୟ ଆଧ୍ୟାତ୍ମିକ ଓ ଶାସକୀୟ ପ୍ରଭୁତ୍ୱ ଠୁଳ କରିବାରେ ସକ୍ଷମ ହୋଇଗଲେ। ଶାସନର ସୁଦୃଢ଼ତା ପାଇଁ କ୍ଷମତା ପରିବର୍ତ୍ତନ କ୍ରମରେ ନିରାପତ୍ତା ତଥା ନିୟମିତତା ପାଇଁ ସେମାନଙ୍କର ନିରବଚ୍ଛିନ୍ନ ଏକାଧିକତ୍ୟତାର ମଧ୍ୟ ଆବଶ୍ୟକତା ପଡ଼ିଲା।



ଯେହେତୁ ରକ୍ଷଣଶୀଳ ବୌଦ୍ଧଧର୍ମରେ ପୁରେହିତମାନଙ୍କ ପାଇଁ ଅନୂଢ଼ ଜୀବନ ବାଧ୍ୟବାଧକତା ଥିଲା, ଏହି ପ୍ରଥାକୁ କ୍ରମେ ଉଚ୍ଛେଦ କରାଯାଇ ପୁରୋହିତମାନେ ବିବାହ କରି ପାରିବାର ନିୟମ ଘୋଷଣା କରାଗଲା।

ଏହି ନୂତନ ପ୍ରଥା କ୍ରମେ ପୁରୋହିତ ମଣ୍ଡଳୀ ପ୍ରତି ଜନସାଧାରଣଙ୍କର ଆସ୍ଥା ଓ ସମ୍ମାନ ନଷ୍ଟ କରି ବସିଲା। ପରିବର୍ତ୍ତୀ ସମୟରେ ଏହି ଜନ ଅସନ୍ତୋଷ

## ଦ୍ୱିତୀୟ-ବୁଦ୍ଧ କଥା

ଏକ ଆନ୍ଦୋଳନରେ ପରିଣତ ହୋଇଗଲା। ପଞ୍ଚଦଶ ଶତାବ୍ଦୀରେ ବିଶିଷ୍ଟ ସମାଜ ସଂସ୍କାରକ ଓ ବୌଦ୍ଧ ସନ୍ନ୍ୟାସୀ ସଂଗ-ଖା-ପାଙ୍କର ଉଦ୍ୟମରେ ଏକ ସଂସ୍କାରିତ ଧର୍ମାନୁଷ୍ଠାନ ମଣ୍ଡଳୀ ଗଠିତ ହୋଇପାରିଥିଲା। ଏହି ନୂତନ ସଂପ୍ରଦାୟ 'ହଳଦିଆ ବା ପୀତବର୍ଣ୍ଣ ଧର୍ମଗୋଷ୍ଠୀ' ଭାବେ ନାମିତ ହେଲା। ପୁରାତନ ଗୋଷ୍ଠୀ 'ଲାଲରଙ୍ଗ ଧର୍ମଗୋଷ୍ଠୀ' ଭାବେ ନାମିତ ହୋଇଥିଲା। ଏ ଘଟଣା ଖ୍ରୀ ୧୪୫୦ କାଳର।

ସଂଗ-ଖା-ପା ଧର୍ମୀୟ ଗୋଷ୍ଠୀରେ ବିଭିନ୍ନ ପ୍ରକାର ନୂଆ ନୂଆ ନୀତିନିୟମ ପ୍ରଚଳନ କଲେ ଏବଂ ଅନେକ ପୁରାତନ ପ୍ରଥାର ଅଦଳବଦଳ କରାଇଲେ। ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ପୁରାତନ ସଂପ୍ରଦାୟକୁ କ୍ଷମତାଶୂନ୍ୟ କରି ନିଜର ନୂତନ 'ହଳଦିଆ ଗୋଷ୍ଠୀ' ହାତରେ ସମସ୍ତ ପ୍ରକାର କ୍ଷମତା ଠୁଳ କରାଇବା। ସଙ୍ଗ-ଖା-ପା ଙ୍କର ଉଦ୍ୟମ ଓ ଲକ୍ଷ୍ୟ ଜନ ସମର୍ଥନ ଓ ସହଯୋଗ ହାସଲ କରି ପାରିଥିଲା ଏବ ତାହା ଏବେ ମଧ୍ୟ ଚାଲୁ ରହିଛି। ସଂଗ-ଖା-ପା ତାଙ୍କର ଏହି ସଂସ୍କାର ଉଦ୍ୟମରେ ଚୀନ ସରକାରଙ୍କ ସମର୍ଥନ ହାସଲ କରିଥିଲେ।

ସଂଗ-ଖା-ପା ତାଙ୍କର ଦୁଇ ପ୍ରଧାନ ଶିଷ୍ୟଙ୍କୁ ସମସ୍ତ କ୍ଷମତାର କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରାଇଲେ। ଜଣେ ଶାସନ ମୁଖ୍ୟ ଓ ଅନ୍ୟଜଣକ ଧାର୍ମିକ ମୁଖ୍ୟ। ଶାସନ ମୁଖ୍ୟ ଜଣଙ୍କର ପଦବୀ ହେଲା 'ଦଲାଇ ଲାମା'। ଧାର୍ମିକ ମୁଖ୍ୟଙ୍କ ପଦବୀ ହେଲା 'ପଞ୍ଚେନ୍ ଲାମା'। ଏଇ ଦୁଇ ପଦବୀ କ୍ରମାଗତଭାବେ ଅବତାର ଭିତ୍ତିରେ ପରିବର୍ତ୍ତନ ହେବାର ନୂତନ ଘୋଷଣାନାମା ଜାରି କରାଗଲା। ଏହି ଦୁଇ ପଦବୀରୁ କେହି ଦେହ ତ୍ୟାଗ କଲେ ସେ ସଂଗେ ସଂଗେ ନୂତନ ଜନ୍ମ ଲାଭ କରିବେ। ମଣିଷଭାବେ ପିଢ଼ିକୁ ପିଢ଼ି ଏହି ଭଳି ଦେହ ତ୍ୟାଗ ପରେ ଅନ୍ୟ ଜଣେ ତୁରନ୍ତ ଗାଦିନସୀନ ହେବେ। ଦଲାଇଲାମା 'ଅବଲୋକିତେଶ୍ୱର' ଓ ପଞ୍ଚେନଲାମା 'ମଞ୍ଜୁଶ୍ରୀ'ଙ୍କ ଅବତାର ଭାବେ ପରିଚିତ ହୋଇଛନ୍ତି। ଏହି ଉତ୍ତରାଧିକାରୀ ମୃତ ଲାମାଙ୍କର ଦିବ୍ୟ ପ୍ରତିରୂପ ଭାବେ ଗୃହୀତ ହେଉଛନ୍ତି। ଏହି ପ୍ରଥା ଏପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି। ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ନକଲି ସୁନା ଇଟା କାରବାର ରାକେଟ୍‌ର ପର୍ଦ୍ଦାଫାସ୍

## ୫ ଗିରଫ; ନକଲି ସୁନା ଇଟା ସହ ୨ ବାଇକ୍, ୪ ମୋବାଇଲ, ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ନୀଳଗିରି, ୫।୯ (ସମିସ): ବାଲେଶ୍ୱର ପୁଲିସ୍ ଏକ ନକଲି ସୁନାଇଟା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ନୀଳଗିରି ଥାନା ଅନ୍ତର୍ଗତ ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତି, ଧୋବଶିଳା ଗ୍ରାମର ନଳିନୀ ମହାନ୍ତି, ସାରୁପାଳ ଗ୍ରାମର ଆଶିଷ ସ୍ୱାଇଁ, କେନ୍ଦ୍ରାପଡ଼ା ଅଞ୍ଚଳର ମୁନା। ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଗିରଫ ଯୁବକଙ୍କ ନାମ ଜଣାପଡ଼ିନାହିଁ। ସେମାନଙ୍କ ନିକଟରୁ ୨ଟି ବାଇକ୍, ୪ଟି ମୋବାଇଲ ସହ ନଗଦ ୩ଲକ୍ଷ ୭୯ହଜାର ଟଙ୍କା ଜବତ କରାଯାଇଛି। ନୀଳଗିରି ଓ ବରହମ୍ପୁର ପୁଲିସ୍ ମିଳିତ ଚଢ଼ଉ କରି ଏହି ଅଭିଯୁକ୍ତମାନଙ୍କୁ ଧରିଛନ୍ତି।

ସୂଚନାନୁଯାୟୀ, ବିଷ୍ଣୁ ଓ ତା'ର ସହଯୋଗୀ ପିତ୍ତଳ ଇଟା ତିଆରି କରି ସେଥିରେ ସୁନାପାଣି ଦେଉଥିଲେ। ତାହାକୁ ସୁନା ଇଟା ଦର୍ଶାଇ କମ୍ ଦାମରେ ଯୋଗାଇଦେବେ ବୋଲି କହି ଲୋକଙ୍କୁ ଚୂନ ମାରୁଥିଲେ। ଏହି କ୍ରମରେ ସେ ଗଞ୍ଜାମ ଜିଲ୍ଲାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସେବକନଗର ଗ୍ରାମର କୃଷ୍ଣ ନାୟକଙ୍କୁ ଫସାଇଥିଲେ। ତାଙ୍କୁ କମ୍ ଦାମରେ ସୁନାଇଟା ଦେବ ବୋଲି ବିଷ୍ଣୁ ପ୍ରଲୋଭିତ କରିଥିଲା। ସୁନାଇଟା ଦେବା ପାଇଁ ସେ ତାଙ୍କୁ ବରହମପୁର ଥାନା ଅନ୍ତର୍ଗତ ତେଲିପାଲ ଅଞ୍ଚଳକୁ ଡକାଇଥିଲା। ୧୬ ଲକ୍ଷ ଟଙ୍କାରେ ମୂଲଚାଲ ଛିଡ଼ିଥିଲା। କିନ୍ତୁ ସୁନାଇଟା ଦେବା ପରିବର୍ତ୍ତେ ବିଷ୍ଣୁ ଓ ତା'ର ସହଯୋଗୀମାନେ ସେଠାରେ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ କୃଷ୍ଣ ସେଠାରୁ ଦୌଡ଼ି ପଳାଇଥିଲେ। ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ସଂପର୍କରେ ସେ ୧ ତାରିଖରେ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ୧୧୨/୨୫ରେ ଏକ ମାମଲା ରୁଜୁ କରିଥିଲା। ପୁଲିସ୍ ଏହାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ବିଷ୍ଣୁକୁ ଗିରଫ କରିବା ପରେ ରାକେଟ୍‌ର ପର୍ଦ୍ଦାଫାସ ହୋଇଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଓ ବରହମପୁର ଆଇଆଇସି ପ୍ରେମଦା ନାୟକ ମିଳିତ ଭାବେ ଚଢ଼ଉ କରି ବିଷ୍ଣୁର ଘରୁ ନକଲି ସୁନା ଇଟା ସହ ନଗଦ ୩ଲକ୍ଷ ଟଙ୍କା ଜବତ କରିଥିଲେ। ପରେ ତା' ସୂଚନା ଆଧାରରେ କେନ୍ଦ୍ରାପଡ଼ା ଅଞ୍ଚଳର ମୁନାକୁ ଗିରଫ କରାଯାଇଥିଲା। ତା'ଠାରୁ ପୁଲିସ୍ ୧୧ହଜାର ଟଙ୍କା ଜବତ କରିଥିଲା। ସେହିପରି ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଜଣେ ଯୁବକ ଏବଂ ନୀଳଗିରି ଥାନା ଅନ୍ତର୍ଗତ ଧୋବଶିଳା ଗ୍ରାମର ନଳିନୀ ମହାନ୍ତି ଓ ସାରୁପାଳ ଗ୍ରାମର ଆଶିଷ ସ୍ୱାଇଁଙ୍କୁ ପୁଲିସ ଗିରଫ କରିଥିଲା।

## ଗୁରୁଦିବସରେ ଟଳିପଡ଼ିଲେ ଗୁରୁ

ଆନନ୍ଦପୁର, ୫।୯ (ସମିସ): ଗୁରୁ ଦିବସରେ ଟଳି ପଡ଼ିଲେ ଗୁରୁ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ



ବାଉଁଶଗଡ଼ ଗ୍ରାମରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଶିକ୍ଷକଜଣଙ୍କ ହେଲେ, ବିଜୟ ନାଇକ (୪୮)। ସେକୋଡ଼ପଡ଼ାସ୍ଥିତ ଜୋରଗାଡ଼ିଆ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଆଜି ଗୁରୁଦିବସ ଉପଲକ୍ଷେ ସେ ନିତ୍ୟକର୍ମ ସାରି ସ୍କୁଲକୁ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଆନନ୍ଦପୁର ପୁଲିସ ପ୍ରାଥମିକ ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ଓହ୍ଲାଇ ପାରିଲାନି ବିମାନ

# କୋଲକାତା ଦେଇ ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୯ (ସମିସ): ଦିଲ୍ଲୀ ଗସ୍ତ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ଫେରିଛନ୍ତି। ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ସେଠାରେ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଯୋଗଦେବା ସହ ରାଷ୍ଟ୍ରପତିଙ୍କ ସମେତ ଏକାଧିକ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ତେବେ ଆଜି ଦିଲ୍ଲୀରୁ ଫେରିବା ବେଳେ ପାଗ ଖରାପ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ବିମାନ(ଏୟାରଇଣ୍ଡିଆ ଏଆଇ-୪୭୩) ଭୁବନେଶ୍ୱରରେ ଅବତରଣ କରି ପାରିନଥିଲା। ଉକ୍ତ ବିମାନ କୋଲକାତା ପଳାଇଥିଲା। ପରେ ପାଗ ସୁଧୁରିବା ପରେ ମୁଖ୍ୟମନ୍ତ୍ରୀ ଉକ୍ତ ବିମାନରେ ଭୁବନେଶ୍ୱର ଫେରିଥିଲେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଦିଲ୍ଲୀରେ ଜିଏସ୍‌ଟି କାଉନସିଲ ବୈଠକରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା କୃଷକ ଓ ମଧ୍ୟବିତ୍ତବର୍ଗ ଉପକୃତ ହେବେ। ୪ଟି ଜିଏସ୍‌ଟି ସ୍ଲାବ୍ ବଦଳରେ ୨ଟି ସ୍ଲାବ୍ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ ପାଇବ ବୋଲି ସେ କହିଛନ୍ତି।

## ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ

ରାୟପୁର: ଶୁକ୍ରବାର ଛତିଶଗଡ଼ର ନାରାୟଣପୁର ଏବଂ ଦାନ୍ତେୱାଡା ଜିଲ୍ଲାର ସୀମାନ୍ତବର୍ତ୍ତୀ ଜଙ୍ଗଲରେ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ୬ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି।

ଅନ୍ୟପକ୍ଷରେ ସୁରକ୍ଷା କର୍ମୀମାନେ ଘଟଣାସ୍ଥଳରୁ ଏକେ-୪୭ ଏବଂ ସେଲ୍ଫ ଲୋଡିଂ ରାଇଫଲ ସମେତ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ଗୁଇନ୍ଦା ସୂଚନା ପରେ ସୁରକ୍ଷା ବାହିନୀର ଏକ ମିଳିତ ଦଳକୁ ସର୍ଚ୍ଚ ଅପରେସନରେ ପଠାଯାଇଥିଲା। ଆଜି ଅପରାହ୍ନରୁ ସୁରକ୍ଷା ବାହିନୀ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ମଝିରେ ମଝିରେ ଗୁଳି ବିନିମୟ ଜାରି ରହିଛି। ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ଛଅ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏନକାଉଣ୍ଟର ସ୍ଥଳ ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ବାହିନୀ ଦ୍ୱାରା ଘନିଷ୍ଠ ତଲାସୀ ଜାରି ରହିଛି।

# ରଥଯାତ୍ରାରେ ବଣ୍ଟା ଯାଇଥିଲା ୨୪,୭୫୦ ପାସ୍

## କେବଳ ଭିଆଇପି କର୍ଡନ ପାସ୍ ଦିଆଯାଇଥିଲା ୨,୫୦୦

ପୁରୀ, ୫।୯ (ସମିସ): ଚଳିତବର୍ଷ ରଥଯାତ୍ରାରେ ବ୍ୟାପକ ବିଭ୍ରାଟ ଦେଖାଦେଇଥିଲା। ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏବର୍ଷ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ଜଣ ଭକ୍ତଙ୍କ ମୃତ୍ୟୁ ମଧ୍ୟ ଘଟିଥିଲା। ବିଡ଼ମ୍ବନାର ବିଷୟ ଥିଲା, ଏଥର ନନ୍ଦିଘୋଷ ରଥ ସିଂହଦ୍ୱାରରୁ ରଥଯାତ୍ରା ଦିନ ଗଡ଼ି ପାରି ନଥିଲା। କର୍ଡନ ଭିତରେ ମାତ୍ରାଧିକ ପାସଧାରୀଙ୍କ ଯୋଗୁଁ ବିଶୃଙ୍ଖଳା ଏବଂ ବିଳମ୍ବ ହୋଇଥିଲା ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା। ତେବେ ଏବର୍ଷ ରଥଯାତ୍ରାରେ କେତେ ପାସ୍ ବଣ୍ଟନ କରାଯାଇଥିଲା, ଇତିମଧ୍ୟରେ ତାହାର ତଥ୍ୟ ଏବେ ପଦାକୁ ଆସିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏ ବର୍ଷ ମୋଟ୍ ୨୪,୭୫୦ ପାସ୍ ବଣ୍ଟନ କରାଯାଇଛି। ଯେଉଁଥିରେ କାର୍ ପାସ୍, ଭେଇକିଲ ପାସ୍, ନଟ୍ ଟୁ ବି ଡିଟେନ୍, ବାଇକ୍ ସମେତ କର୍ଡନ ପାସ୍ ଆଦି ରହିଥିଲା। ମୋଟ୍ ପାସ୍ ଭିତରେ କେବଳ ୨,୫୦୦ ଭିଆଇପି କର୍ଡନ ପାସ୍ ରହିଥିଲା। ଅର୍ଥାତ୍ କର୍ଡନ ଭିତରେ ଅଢ଼େଇ ହଜାର ଲୋକଙ୍କୁ ରହିବା ପାଇଁ ପାସ୍ ବଣ୍ଟନ ହୋଇଥିଲା।

## ସ୍କୁଲ ଛାତରୁ ପଲସ୍ତରା ଖସି ୩ ଛାତ୍ରୀ ଆହତ

ଭଦ୍ରକ/ବାସୁଦେବପୁର, ୫।୯ (ସମିସ): ଗୁରୁଦିବସରେ ଅଘଟଣ। ଗୁରୁପୂଜା ପାଇଁ ଯାଇଥିବା ଛାତ୍ରୀଙ୍କ ଉପରେ ଖସି ପଡ଼ିଲା ଛାତ ପଲସ୍ତରା। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ କିସ୍ମତ କୃଷ୍ଣପୁର ପଞ୍ଚାୟତ ବହୁମାଘେରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଏହି ଘଟଣା ଘଟିଛି। ଏଥିରେ ୩ଜଣ ଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ସ୍କୁଲରେ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଆହତ ଛାତ୍ରୀମାନେ ହେଲେ, ବାଲବାଟିକାର ଶକୁନ୍ତଳା ମଣ୍ଡଳ, ଶୁଭଶ୍ରୀ କଳା ଓ ତୃତୀୟଶ୍ରେଣୀ ଛାତ୍ରୀ ଶ୍ରାବଣୀ କଳା। ଶୁଭଶ୍ରୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଶକୁନ୍ତଳାଙ୍କ ମୁଣ୍ଡ ଫୁଲିଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମାଝୀ ଆହତ ଛାତ୍ରୀଙ୍କୁ ତୁରନ୍ତ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଆଘାତ ଲାଗି ଥିବାରୁ ଆବଶ୍ୟକ ସ୍ଥଳେ ସିଟି ସ୍କାନ୍ କରାଯାଇପାରେ ବୋଲି ଡାକ୍ତର କହିଛନ୍ତି।

# କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗରେ କର୍ମଚାରୀ ମରୁଡ଼ି

ଭୁବନେଶ୍ୱର, ୫।୯ (ସମିସ): ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)କୁ କୃଷି କ୍ଷେତ୍ରରୁ ପାଖାପାଖି ୨୧ ପ୍ରତିଶତ ଅବଦାନ। ମାତ୍ର ସଂପୂର୍ଣ୍ଣ ସରକାରୀ ଅଣଦେଖାର ଶିକାର କୃଷି ବିଭାଗ। ବର୍ଷ ବର୍ଷ ଧରି ଏହି ବିଭାଗରେ ଶତାଧିକ ସଂଖ୍ୟାରେ ପଦବୀ ଖାଲି ପଡ଼ିଛି। ପଦବୀ ପୂରଣ ଦିଗରେ ସରକାର ସାମାନ୍ୟତମ ପଦକ୍ଷେପ ନେଉନାହାନ୍ତି। ଫଳସ୍ୱରୂପ ତୃଣମୂଳସ୍ତରରେ ଚାଷୀମାନେ ସଚେତନ ହୋଇପାରୁନାହାନ୍ତି। ଚାଷୀମାନଙ୍କ ପାଇଁ ସରକାର କରୁଥିବା ଯୋଜନାର ଲାଭ ବି ପାଉନାହାନ୍ତି। ଅଧିକାରୀ ନଥିବା କାରଣରୁ କୃଷକଙ୍କ ପାଖରେ କୃଷି ସୂଚନା ବି ଠିକ୍ ଭାବେ ପହଞ୍ଚିପାରୁନି। ତେଣୁ ଧାନ ସମେତ ଅନ୍ୟାନ୍ୟ ଫସଲ ଆଦି କରି ଚାଷୀର ଆର୍ଥିକ ଉନ୍ନତି ହୋଇପାରୁନଥିବା ଅଭିଯୋଗ ହେଉଛି।

ସୂଚନାନୁସାରେ, ରାଜ୍ୟରେ ମୋଟ ୭୮୯ ମଞ୍ଜୁର ପ୍ରାପ୍ତ ସହକାରୀ କୃଷି ଅଧିକାରୀ ପଦବୀ ରହିଛି। ମାତ୍ର ଏଥିରୁ ୩୬୬ ପଦବୀ ଖାଲିପଡ଼ିଛି। ପାଖାପାଖି ୪୬ ପ୍ରତିଶତ ପଦବୀ ଫାଙ୍କା ପଡ଼ିଥିବାରୁ ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ କୃଷି ବିଭାଗର କାମ ସବୁ ଠପ୍ ହୋଇଯାଇଛି। ଚାଷୀଙ୍କୁ ସାର ଯୋଗାଣଠାରୁ ଆରମ୍ଭ କରି ଫସଲର ବିବିଧ ସୂଚନା ଚାଷୀ ପାଖରେ ପହଞ୍ଚୁନି। ଏଭଳି ସମସ୍ୟାର ପ୍ରତିକାର ପାଇଁ ସରକାର ଦୃଷ୍ଟିଦେଉ ନାହାନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। କୃଷି ବିଭାଗର ବୈଜ୍ଞାନିକ ପରାମର୍ଶକୁ ଆଧାର କରି ଅଧିକ ଅମଳ କରି ଶସ୍ୟ ଯୋଗାଇବ। ହେଲେ କୃଷି ବିଭାଗରେ କର୍ମଚାରୀ ମରୁଡ଼ି ଯୋଗୁ ଚାଷୀ ବୈଜ୍ଞାନିକ ପରାମର୍ଶ ପାଇବା ତ ଦୂରର କଥା ଆବଶ୍ୟକ ସୂଚନା ବି ପାଇପାରୁନି। ଏଭଳି ଅଚଳାବସ୍ଥା ଚାଷୀଙ୍କୁ ବିମୁଖ କରିଛି। ଅଧିକାରୀଙ୍କ ସଙ୍କଟ ଯୋଗୁଁ ସରକାରଙ୍କ ବିଭାଗର ବିଭିନ୍ନ ଜନହିତକର ଯୋଜନା ସଫଳ କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି। କର୍ମଚାରୀ ସଙ୍କଟ ଯୋଗୁଁ କୃଷି ବିଭାଗର ଜଳନିଧି ଯୋଜନା, ଏନ୍‌ଏଫ୍‌ଏସ୍‌ଏମ୍, ମୁଗ ଯୋଜନା ଓ ଅଏଲସିଡ୍ ଚିନାବାଦାମ, ବିହନ ଯୋଗାଣ ଆଦି ଏକାଧିକ ଯୋଜନା କାର୍ଯ୍ୟକାରୀ କରିବାରେ ଅସୁବିଧା ସୃଷ୍ଟି ହେଉଛି।

### ମାଳ ମାଳ ପଦବୀ ଖାଲି; ସରକାର ନିଦାବିଷ୍ଟ

### ସରକାରୀ ଯୋଜନାର ଲାଭ ପାଉନାହାନ୍ତି ଚାଷୀ

ଅନୁରୂପ ଭାବେ ରାଜ୍ୟରେ ସହକାରୀ ମୃତ୍ତିକା ସଂରକ୍ଷଣ ପଦବୀ ଗୁଡ଼ିକ ଖାଲି ପଡ଼ିଛି। ମୋଟାମୋଟି ଭାବେ ଦେଖିବାକୁ ଗଲେ, ଏହି ବିଭାଗରେ କର୍ମଚାରୀଙ୍କ ମରୁଡ଼ି ହୋଇଯାଇଛି। ମୋଟ ଉପରେ ୨୦୪ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ପଦବୀ ରହିଛି। ଏଥିରୁ ୧୯୧ଟି ପଦବୀ ଖାଲିପଡ଼ିଛି। ୯୩ ପ୍ରତିଶତ ପଦବୀ ଖାଲିପଡ଼ିଥିବାରୁ ବିଭାଗର କୌଣସି କାମ ହୋଇପାରୁନଥିବା ଅଭିଯୋଗ ହେଉଛି। କୃଷିକ୍ଷେତ୍ର ସହ ଜଙ୍ଗଲ ସମ୍ପଦ ଭଳି ମୃତ୍ତିକାକୁ ସଂରକ୍ଷଣକୁ ଗୁରୁତ୍ୱ ଦେବା ପାଇଁ ମୃତ୍ତିକା ସଂରକ୍ଷଣ ବିଭାଗ ଖୋଲାଯାଇଛି। ମାତ୍ର କର୍ମଚାରୀ ଅଭାବ କାରଣରୁ ବିଭାଗର କୌଣସି କାମ ହୋଇପାରୁନି। ଏହି ବିଭାଗ ବୃକ୍ଷରୋପଣଠାରୁ ଆରମ୍ଭ କରି ଜମିକୁ ଜଳସେଚନ କରିବା, ଚେକ୍ ଡ୍ୟାମ୍ ନିର୍ମାଣ ଆଦି କରୁଥିଲା। ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଔଷଧୀୟ ଚାରାବଣ୍ଟନ ସହ କୁକୁଡ଼ା ପାଳନ ପାଇଁ ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ଏଥିସହ ଗୋପାଳନ, ପୋଖରୀ ଖନନ, ଜଳ ସଂରକ୍ଷଣ ଆଦି କାର୍ଯ୍ୟ ଏହି ବିଭାଗ ଦାୟତ୍ୱରେ ରହିଛି। ମାତ୍ର କୌଣସି କାର୍ଯ୍ୟ ସଠିକ ଭାବେ ହୋଇପାରୁନି।

ଏ ସମ୍ପର୍କରେ କୃଷି ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ଆର୍ଥିକ ଉନ୍ନତିରେ ସବୁବେଳେ କୃଷିକ୍ଷେତ୍ରର ଭାଗିଦାରୀ ରହିଆସିଛି। ହରିୟାଣା, ପଞ୍ଜାବ, କେରଳ, ତାମିଲନାଡୁ ଆଦି ରାଜ୍ୟରେ ସରକାର କୃଷି କ୍ଷେତ୍ରକୁ ଫୋକସ୍ କରି ରାଜ୍ୟର ଅର୍ଥନୀତି ସୁଦୃଢ଼ କରିପାରିଛନ୍ତି। ମାତ୍ର ଆମ ରାଜ୍ୟରେ କୃଷି କ୍ଷେତ୍ରକୁ ଅବହେଳା କରାଯାଉଛି। ଫଳସ୍ୱରୂପ କୃଷକମାନେ କୃଷିରୁ ମୁହଁ ଫେରାଇ ନେଉଛନ୍ତି। ସରକାର ଏ ଦିଗରେ ଯଦି ଦୃଷ୍ଟି ନ ଦିଅନ୍ତି, ତେବେ ଭବିଷ୍ୟତରେ ଆମକୁ ଚାଉଳ ପାଇଁ ମଧ୍ୟ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ। ଏଥିସହ ଧାନ ସହ ବିବିଧ ଫସଲ କରିବା ନେଇ ଚାଷୀମାନଙ୍କୁ ସଚେତନ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ଦେବା ଜରୁରୀ। ତେଣୁ କୃଷି ବିଭାଗର ସମସ୍ତ ପଦବୀ ପୂରଣ ଦିଗରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।


**AFFIDAVIT**

By virtue of an affidavit sworn before Excutive Magistrate, Soro on 02.09.2025 I, Manga Prasad Behera, S/o Hadibandhu Behera, At/ Po-Gud, Ps-Soro, Balasore, declare that I have changed my name from Mangala Prasad Behera to Manga Prasada Behera. Henceforth, I shall be known as **Manga Prasad Behera** for all purposes.

**AFFIDAVIT**

I, Prince Shah, aged about 25 years, S/o- Gudra Prasad Saha, resident of At- Ward No-21, Near Kala Talav, Ps-Jharsuguda, Dist-Jharsuguda, Odisha, Pin-768201 declare by this affidavit No.1807, dtd. 05.09.2025, that now onwards I shall be known as **PRINCE KUMAR SAHA** for all future purposes.

**AFFIDAVIT**

I, Bhagaban Natha, aged about 43 years, S/o- Late Bhabagrahi Nath, resident of At-Bhagabanpur, Kankadapal, Ps- Town, Dist- Dhenkanal, Odisha, Pin- 759013 declare by this affidavit No. 4996, dtd- 03/08/2023, that now onwards I shall be known as **BHAGABAN NATH** for all future purposes.

**DOCUMENT LOST**

I, **Prasnta Kumar Patra,** aged about 48 years, S/o Late Balabhadra Patra, resident of Somanath Nagar, 2nd lane, PS-B.Bazar, Dist- Ganjam, Odisha do hereby declare that, Original link document of Berhampur 1 registration office, (Mayuree Majestic Apartment) vide No. 1009/2010 which is purchased from J Venketeswar have been lost on 02.09.2025 while I was returning from Nimakhandi village to my home near Nimakhandi School in somewhere. If anyone finds it kindly contact to my address or my number: 9861222111.

**Prasnta Kumar Patra**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCVSKP-RGDA NewDiv-OT115, ତା.30.08.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ନିୟନ୍ତ୍ରଣ (Control) କାର୍ଯ୍ୟାଳୟ, ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସହିତ ନୂତନ ରାୟଗଡ଼ା ମଣ୍ଡଳ ମୁଖ୍ୟାଳୟର ସଂସ୍ଥାପନ ସମ୍ବନ୍ଧୀୟ ଦୂରସଂଗର କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,26,77,199.88, **EMD :** ₹ 6,13,400/-, **କାର୍ଯ୍ୟ ଶେଷ ହେବା ଅବଧି :** 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଭଲ୍ୟୁମ୍‌ର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଂଗର ଯନ୍ତ୍ରୀ, (ନିର୍ମାଣ)/କୋରାପୁଟ

PR-98/CI/25-26

Infosys Navigate your next | SGI Foundation | INFINITE SOLUTIONS | Gold Standard Climate Security & Sustainable Development

**ଖବରକାଗଜ ବିଜ୍ଞାପନ**

ଇନଫୋସିସ୍ ଲିମିଟେଡ୍, ସସ୍ଟେନେବଲ୍ ଗ୍ରିନ୍ ଇନିସିଆଟିଭ୍ (SGI) ଫାଉଣ୍ଡେସନ୍ ସହିତ ସହଯୋଗରେ ଏବଂ କାର୍ବନ୍ ପରାମର୍ଶଦାତା *ଇନଫିନିଟ୍ ଇନଭାଇରନ୍‌ମେଣ୍ଟାଲ୍ ସୋଲୁସନ୍ସ ଲିମିଟେଡ୍*‌ଙ୍କ ପ୍ରାୟୋଗିକ ସହାୟତାରେ, "ଭାରତରେ ଜୀବିକା ଏବଂ ଜଳବାୟୁ ସହନଶୀଳତା ପାଇଁ କୃଷିବନୀକରଣ: ଇନଫୋସିସ୍ ଏବଂ SGI ଫାଉଣ୍ଡେସନ୍‌ର ସଂଯୁକ୍ତ ପ୍ରୟାସ" (GS23373) ଶୀର୍ଷକରେ ଗୋଟିଏ କାର୍ଯ୍ୟକ୍ରମ (PoA) ଗଠନର ପ୍ରସ୍ତାବ ରଖିଛି।

ଏହି PoA ଅଧୀନରେ, "ଓଡ଼ିଶାରେ ଜୀବିକା ଏବଂ ଜଳବାୟୁ ସହନଶୀଳତା ପାଇଁ କୃଷିବନୀକରଣ: ଇନଫୋସିସ୍ ଏବଂ SGI ଫାଉଣ୍ଡେସନ୍‌ର ସଂଯୁକ୍ତ ପ୍ରୟାସ" (GS23374) ନାମରେ ଗୋଟିଏ ସ୍ୱଇଚ୍ଛିକ ପ୍ରକଳ୍ପ କାର୍ଯ୍ୟକଳାପ (VPA), ଲକ୍ଷ୍ୟଭିତ୍ତିକ କୃଷିବନୀକରଣ ଚାଷିବାଡ଼ି ପ୍ରତିଷ୍ଠାପନା କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟାନ୍ୱିତ କରାଯିବ। ଏହି ପ୍ରକଳ୍ପଟି ଗୋଲ୍ଡ୍ ସ୍ଟାଣ୍ଡାର୍ଡ୍ ପ୍ରାଟିକାଳାରେ ସ୍ୱଇଚ୍ଛିକ କାର୍ବନ୍ ପ୍ରକଳ୍ପ ଭାବେ ନିବନ୍ଧିତ କରାଯିବାକୁ ଉଦ୍ଦିଷ୍ଟ।

ଏହି ପ୍ରୟାସଟି ବହୁ ସସ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍ସ (SDGs) ପ୍ରାପ୍ତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଆଶା କରାଯାଉଛି। ଗୋଲ୍ଡ୍ ସ୍ଟାଣ୍ଡାର୍ଡ୍ ନୀତିମାଳା ଅନୁସାରେ ଏବଂ ପ୍ରକଳ୍ପର ଦୀର୍ଘମିୟାଦୀ ସଫଳତା ସୁନିଶ୍ଚିତ କରିବାରେ ସ୍ଥାନୀୟ କୃଷକ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି, ତାଙ୍କର ମତାମତ ସଂଗ୍ରହ କରିବା ଏବଂ ବର୍ତ୍ତମାନର ସ୍ୱଇଚ୍ଛିକ ପ୍ରକଳ୍ପ କାର୍ଯ୍ୟକଳାପ ସହିତ ସମ୍ପର୍କିତ କୌଣସି ଚିନ୍ତା ବିଷୟରେ ସ୍ୱଷ୍ଟତା ପ୍ରଦାନ କରିବା ଅତ୍ୟନ୍ତ ଆବଶ୍ୟକ।

ସେହିପାଇଁ, ସାର୍ବଜନୀନ ପରାମର୍ଶ (ସାର୍ବଜନୀନ ସଭା) ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଘୋଷଣା କରାଯାଉଛି —

ସଭାର ବିବରଣୀ:

1. ସ୍ଥାନ: କ୍ଷତ୍ରିୟ ସମାଜ ଭବନ, ୱାର୍ଡ଼ ନଂ-1, ଖରିଆର ସ୍ୱାୟତ୍ତଶାସିତ କଲେଜ୍ ସାମ୍ନାରେ, ରାଜଖରିଆର, ନୁଆପଡ଼ା, ଓଡ଼ିଶା, ଭାରତ
2. ତାରିଖ: ୦୬/୧୦/୨୦୨୫
3. ସମୟ: ପୂର୍ବାହ୍ନ ୧୧:୦୦

ସମସ୍ତ ସମ୍ପର୍କିତ କୃଷକମାନେ ଏବଂ ସ୍ଥାନୀୟ ଲୋକମାନଙ୍କୁ ସଭାରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଉଛି।

ପ୍ରକଳ୍ପ କାର୍ଯ୍ୟକଳାପ ବିଷୟରେ ଅଧିକ ସୂଚନା କିମ୍ବା ସ୍ୱଷ୍ଟତା ପାଇଁ, ନିମ୍ନୋଲ୍ଲେଖିତ ଆମର ପ୍ରତିନିଧିଙ୍କ ସହିତ ସଂଯୋଗ ସ୍ଥାପନ କରନ୍ତୁ। ଯେଉଁମାନେ ବ୍ୟକ୍ତିଗତଭାବେ ସଭାରେ ଯୋଗଦେଇପାରିବେ ନାହିଁ, ସେମାନେ ତାଙ୍କର ସୁଚନା, ପ୍ରସ୍ତାବ କିମ୍ବା ଚିନ୍ତାବୋଧଗୁଡ଼ିକୁ ନିମ୍ନୋଲ୍ଲେଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।

ଯୋଗାଯୋଗ ବିବରଣୀ:
ନାମ: ଶ୍ରୀଦୁର୍ଗେଶ୍ ରତୁରୀ
ସଂସ୍ଥା:SGIFoundation
ଇ-ମେଲ୍:info@sgi.foundation
ଫୋନ୍: +91 917848969985


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷା ପରେ...

ହେଉଥିବାରୁ ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ ଆଦି ବ୍ଲକ୍ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାରେ ମଧ୍ୟ ଜଳ ଭରି ରହିଛି। ଫଳରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବନ୍ୟା ବିପଦ ଜାରି ରହିଛି। ମହାନଦୀ ସ୍ଥିତି ଏବେ ସବୁଠୁ ଜଟିଳ ହୋଇଛି।

ଗତ ଲଘୁଚାପ ପ୍ରଭାବରେ ମହାନଦୀ ତଳମୁଣ୍ଡରେ ୫୬ ମିମି ବର୍ଷା ହୋଇଥିବା ବେଳେ ଉପମୁଣ୍ଡରେ ୮୭ ମିମି ବର୍ଷା ରେକର୍ଡ ହୋଇଛି। ତେଣୁ ମହାନଦୀ ପୂର୍ଣ୍ଣ ଅବସ୍ଥାରେ ଥିବା ବେଳେ ଡ୍ୟାମ୍‌ରୁ ନିଷ୍କାସିତ ହେଉଥିବା ଜଳ ନଦୀକୁ ଆହୁରି ଫୁଲାଉଛି। ବର୍ତ୍ତମାନ ସମ୍ବଲପୁର-ସୁବର୍ଣ୍ଣପୁର ୧୫ ନଂ ରାଜ୍ୟ ରାଜପଥରେ ବର୍ତ୍ତମାନ ବନ୍ୟା ପାଣି ପ୍ରବାହିତ ହେଉଛି। ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ସମୁଦ୍ର ଭଲ ପାଣି ନ ନେବାର ଆଶଙ୍କା ରହିଥିବାରୁ ମହାନଦୀକୂଳିଆ କିଛି ଜିଲ୍ଲାରେ ସ୍ଥିତି ଚିନ୍ତାଜନକ ହେବାର ମଧ୍ୟ ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଛତିଶଗଡ଼ ଅତିକ୍ରମ କରି ମଧ୍ୟପ୍ରଦେଶ ଉପରେ ରହିଛି। ତେବେ ଓଡ଼ିଶା ଉପରେ ବର୍ତ୍ତମାନ ମୌସୁମୀ ଟ୍ରଫ୍ ଥିବାରୁ ଏହାର ପ୍ରଭାବରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଛି। ସକାଳେ ଭୁବନେଶ୍ୱରରେ ୩୨ମିମି ଓ କଟକରେ ୫୦ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଶନିବାର ଉପକୂଳବର୍ତ୍ତୀ ବିଭିନ୍ନ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେବେ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ବର୍ଷାର ପ୍ରଭାବ ବଢ଼ିପାରେ ବୋଲି ଆକଳନ କରାଯାଉଛି।

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମହାନଦୀ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଅଧିକ ଗେଟ୍ ଖୋଲାଯାଇଛି। ଆସନ୍ତା ୭ ତାରିଖ ବେଳକୁ ମୁଣ୍ଡଳୀରେ ସାଢ଼େ ୪ ଲକ୍ଷରୁ ୫ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପହଞ୍ଚିବ। ଏବେ ଜଳକାକୁ ଛାଡ଼ି ଦେଲେ ଅନ୍ୟ କୌଣସି ନଦୀ ଏବେ ବିପଦ ସଙ୍କେତ ଉପରେ ନାହିଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

### ୨୪ ଗେଟ୍‌ରେ ହୀରାକୁଦରୁ...

ଗେଟ୍ ଖୋଲା ରହିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୨୬.୫୮ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାରକୁ ବର୍ତ୍ତମାନ ସେକେଣ୍ଡ ପ୍ରତି ୩,୯୯,୨୯୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିକ୍ଷାନୁଷ୍ଠାନ, କେନାଲ ଆଦି ଦେଇ ୪,୨୪,୭୦୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩,୮୮,୩୬୮ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୨,୦୮୯ ଘନଫୁଟ, ଶିକ୍ଷାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୩୭୦୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଳଠାରେ ୪୧୮୦୦୦ କ୍ୟୁସେକ୍, ବାରମୁଲଠାରେ ୩୧୧୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧୯୬୦୨୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଅପରପକ୍ଷେ, ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୧.୧୮ ମିମି ଏବଂ ତଳମୁଣ୍ଡରେ ୬.୮୦ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

### ଆତଙ୍କୀ ଧମକ ପରେ...

ସାମଗ୍ରୀ, ଗାଡ଼ି ବା ସନ୍ଦିଗ୍ଧ ଗତିବିଧି ଦୃଷ୍ଟିଗୋଚର ହୁଏ; ତେବେ ଏ ସମ୍ପର୍କରେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ବିଭିନ୍ନ ସମୟରେ ମୁମ୍ବାଇରେ ଏକାଧିକ ବାର ସିରିଜ ବୋମା ବିସ୍ଫୋରଣ ହୋଇଛି। ତେଣୁ ପୁଲିସ ଏହାକୁ ଦୃଷ୍ଟିରେ ରଖି ଅତିମାତ୍ରାରେ ସତର୍କ ହୋଇଛି। ୧୯୯୩ ମାର୍ଚ୍ଚ ୧୨ରେ ମୁମ୍ବାଇରେ ସବୁଠାରୁ ବଡ଼ ବିସ୍ଫୋରଣ ହୋଇଥିଲା। ଏଥିରେ ୨୫୭ ଲୋକ ମୃତ୍ୟୁବରଣ କରିଥିବା ବେଳେ ୭୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

### ବୁଢ଼ା ହେଉଛି...

ଇନ୍ଧନ ଯୋଗାଉଥିବାବେଳେ ଅଧିକ ବୃଦ୍ଧ ଥିବା ରାଜ୍ୟଗୁଡ଼ିକରେ ଶ୍ରମ ଶକ୍ତି ସଙ୍କୁଚିତ ହୋଇପାରେ ବୋଲି ମଧ୍ୟ କିଛି ଆଶଙ୍କା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯଦି ବର୍ତ୍ତମାନର ଧାରା ଜାରି ରହେ, ତେବେ ଭାରତ ଖୁବ୍ ଶୀଘ୍ର ଚୀନ୍, ଜାପାନ ଏବଂ ୟୁରୋପ ପରି ସମାନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ଅନେକ ଆଶଙ୍କା କରୁଛନ୍ତି।

### ଗୁରୁ ଦିବସରେ...

ପ୍ରଦାନ ଓ ସ୍ଥାୟୀ ନିଯୁକ୍ତି ପାଇଁ ଦୀର୍ଘ ଦିନରୁ ଦାବି ହେଉଛି। ଗତ ଅଗଷ୍ଟ ୧୬ ତାରିଖ ଶିକ୍ଷକ ଦାବି ଦିବସରେ ସମାନ ଦାବି ନେଇ ଗାନ୍ଧୀ ମାର୍ଗରେ ଏକ ଶିକ୍ଷକ ସମାବେଶ କରାଯାଇଥିଲା। ଅଗଷ୍ଟ ୩୦ ଏବଂ ସେପ୍ଟେମ୍ବର ୧ ଓ ୨ରେ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ)ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଣୁ ନ୍ୟାଯ୍ୟ ଦାବି ପାଇଁ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବାକୁ ଶିକ୍ଷକ ଓ କର୍ମଚାରୀମାନେ ମନସ୍ଥ କରି ରାଜରାସ୍ତାକୁ ଓହ୍ଲାଇଥିବା ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ବିରୋଧୀ ଦଳରେ ଥିବା ବେଳେ ଶିକ୍ଷକଙ୍କ ଆନ୍ଦୋଳନସ୍ଥଳକୁ ଯାଇ ସେମାନଙ୍କୁ ସମର୍ଥନ କରିବା ସହ ସେମାନଙ୍କ ଦାବି ଯୁକ୍ତିଯୁକ୍ତ ବୋଲି କହିଥିଲେ। ଏବେ ସରକାରକୁ ଆସିବା ପରେ ଶିକ୍ଷକଙ୍କ ଅସୁବିଧା କିପରି ତାଙ୍କୁ ଦେଖାଯାଉନାହିଁ ବୋଲି ବିକ୍ଷୋଭରତ ଶିକ୍ଷକ ଓ କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। ତେଣୁ, ମୁଖ୍ୟମନ୍ତ୍ରୀ ନିଜ କଥା ରଖି ଶିକ୍ଷକମାନଙ୍କ ଦାବି ଅବିଳମ୍ବେ ପୂରଣ କରନ୍ତୁ ବୋଲି ସେମାନେ କହିଛନ୍ତି। ସରକାର ତ୍ୱରିତ ପଦକ୍ଷେପ ନ ନେଲେ ଆସନ୍ତା ୨୫ ତାରିଖରେ ଜେଲ୍‌ଭରୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଶିକ୍ଷକମାନେ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଶୋଇ ବିକ୍ଷୋଭ ଜାରି ରଖିଛନ୍ତି।

ଏହି ଅହୋରାତ୍ର ଧାରଣାରେ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ମଧୁସୂଦନ ଦେ'ଙ୍କ ସମେତ ବହୁ ଶିକ୍ଷକ ଯୋଗ ଦେଇଛନ୍ତି।

### ମାରି ଫିଙ୍ଗିଦେଲା...

ଫେବୃୟାରୀ ମାସରୁ ପାତ୍ରପଡ଼ା ଶ୍ରୀକ୍ଷେତ୍ର ଗ୍ରୀନଉଡ୍ ଆପାର୍ଟମେଣ୍ଟରେ ରହୁଥିବା ସମରଜିତ ଜେନାଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ। ମିତା ଓ ମଝିଆଖଣ୍ଡର ଦେବାଶିଷ ମଧ୍ୟରେ ପୂର୍ବରୁ ବନ୍ଧୁତା ରହିଥିଲା। ଗତ ଜାନୁୟାରୀ ୨୪ ତାରିଖ ସକାଳେ ସମରଜିତଙ୍କ ପରିବାର ଭଞ୍ଜନଗର ଯାଇଥିବା ବେଳେ ମିତା ଏକାକୀ ଫ୍ଲାଟରେ ଥିଲେ। ମିତା ଦିନ ପ୍ରାୟ ୧୦ଟା ବେଳେ ସମରଜିତଙ୍କ ପତ୍ନୀଙ୍କୁ ଫୋନ୍ କରି ଘରକୁ ଯାଉଥିବା କହିଥିଲେ। ସହିଦ ନଗରରେ ଫୋନ୍ ମରାମତି କରିବା ପରେ ଦେବାଶିଷ ସହ ଖୋର୍ଦ୍ଧା ଆଡ଼କୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪ଟା ବେଳେ ଖୋର୍ଦ୍ଧା ଅତିକ୍ରମ କରୁଥିବା ନେଇ ଘର ଲୋକଙ୍କୁ ଜଣାଇଥିଲେ ମଧ୍ୟ ଆଉ ଘରେ ପହଞ୍ଚି ନ ଥିଲେ। ଦେବାଶିଷ ଓ ମିତା ମିଶି ଖୋର୍ଦ୍ଧା ତାପଙ୍ଗ ଅଞ୍ଚଳକୁ ଯାଇଥିଲେ। ସେଠାରେ କଥାବାର୍ତ୍ତା ହେବା ବେଳେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେଠାରେ ଦେବାଶିଷ ମିତାଙ୍କୁ ହତ୍ୟା କରିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ମିତାଙ୍କ ମୃତଦେହରେ ପଥର ବାନ୍ଧି କଳିଙ୍ଗ ମୁଣ୍ଡିଆକୁ ଫୋପାଡ଼ି ଦେଇଥିଲା। ହେଲେ ମୃତଦେହ ପାଣିରେ ପଡ଼ିବା ବଦଳରେ ନଟିରେ ଲାଗି ଯାଇଥିଲା। ମିତାଙ୍କୁ ହତ୍ୟା କରିବା ପରେ ଦେବାଶିଷ ତାଙ୍କ ଏଟିଏମ୍ କାର୍ଡ ନେଇ ଫେରାର ହୋଇ ଯାଇଥିଲା। ସେହି ଏଟିଏମ୍ କାର୍ଡ ଦ୍ୱାରା ମିତାଙ୍କ ଆକାଉଣ୍ଟରୁ ଜାନୁୟାରୀ ୨୫ ତାରିଖ ସନ୍ଧ୍ୟାରେ ୧୦ ହଜାର ଓ ୨୬ ତାରିଖ ୬୦ ହଜାର ଟଙ୍କା ଉଠାଇଥିଲା।

ମିତାଙ୍କର ଖୋଜଖବର ନମିଳିବାରୁ ସମରଜିତ ଜେନା ଜାନୁୟାରୀ ୨୭ ତାରିଖରେ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରି ଦାୟିତ୍ୱ ସାରି ଦେଇଥିଲା। ସେପଟେ ଝିଅକୁ ନ ପାଇ ପରିବାର ଲୋକେ ବାର ଦୁଆର ହୋଇଥିଲେ। ଭରତପୁର, ରଣପୁର ଥାନା ଠାରୁ ଆରମ୍ଭ କରି ନୟାଗଡ଼ ଏସପି ଓ ଭୁବନେଶ୍ୱର ଡିସିପିଙ୍କ ନିକଟରେ ମଧ୍ୟ ଦ୍ୱାରସ୍ଥ ହୋଇଥିଲେ। ଦେବାଶିଷ ଉପରେ ସନ୍ଦେହ କରୁଥିବା ନେଇ ଅଭିଯୋଗ କରିଥିଲେ ପରିବାର ଲୋକେ। ଏମିତିକି ଦୁଇ ମିସ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା।

ନିଖୋଜ ହେବାର ପରଦିନ ମିତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ଟି ପର୍ଯ୍ୟାୟରେ ୭୦ ହଜାର ଟଙ୍କା ଉଠା ଯାଇଥିବା ପୁଲିସ ଜାଣିବାକୁ ପାଇଛି। ଦେବାଶିଷ ସେହି ଟଙ୍କା ଉଠାଇଥିବା ଜଣାପଡ଼ିବା ପରେ ଗତ ୩ ଦିନ ତଳେ ଭରତପୁର ଥାନା ପୁଲିସ ତାକୁ ଉଠାଇ ଆଣିଥିଲା। ନିଖୋଜ ଦିନ ମିତା ଓ ଦେବାଶିଷ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିବାର ପ୍ରମାଣ ପୁଲିସ ହାତରେ ଲାଗିଥିଲା। ପୁଲିସର ଅଡୁଆ ପ୍ରଶ୍ନରେ ଦେବାଶିଷ ଫସି ଯାଇଥିଲା। ହତ୍ୟାକାଣ୍ଡ ଠାରୁ ଆରମ୍ଭ କରି ପ୍ରମାଣ ନଷ୍ଟ ପର୍ଯ୍ୟନ୍ତ ସବୁକଥା ପୁଲିସ ଆଗରେ ଓଗାଳିଥିଲା। ଆଜି ଭରତପୁର ଥାନା ପୁଲିସ ଦେବାଶିଷକୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ସେଠାରୁ ମିତାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏମସ ଡାକ୍ତରଖାନାରେ ଭର୍ତ୍ତି କରିଛି। ତେବେ ୭ ମାସ ପୂର୍ବରୁ ନିଖୋଜ ଏତଲା ଦିଆଯାଇଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତା ଯୋଗୁଁ ମିତାଙ୍କ ପତ୍ତା ମିଳିନଥିଲା। ଫଳରେ ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେପଟେ ହତ୍ୟାକାଣ୍ଡରେ ଦେବାଶିଷ ସହ ଆଉ ଜଣେ ସହଯୋଗୀ ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# 'ମଣିଷ ଗଠନ ପାଇଁ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ବରଗଡ଼, ୫।୯ (ସମିସ)

ବରଗଡ଼ ବିଜ୍ଞାନ କେନ୍ଦ୍ର, ଟୁକ୍ଲାଠାରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଡିଏମ ମଧୁଛନ୍ଦା ସାହୁ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ବିନୟ ପ୍ରକାଶ ସଏ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ, ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଅଜନ ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ମନୋନୀତ ହୋଇଥିବା ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ମଧ୍ୟରେ ଉଚ୍ଚ ବିଦ୍ୟାଳୟରୁ ୧୧ ଜଣ, ପ୍ରାଥମିକ ବିଦ୍ୟାଳୟସ୍ତରରୁ ୧୦ ଜଣ ଓ ଦୁଇ ଜଣ ସିଆରସିସିଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧାରୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ବିଜ୍ଞାନ ନିରୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାପିତ ହୋଇଥିବା ବେଳେ ପି.ଏସ୍.ଏସ୍ ସଂଯୋଜକ ପ୍ରିୟବ୍ରତ ସାହୁ, ବିଜ୍ଞାନ କେନ୍ଦ୍ରର ପରିଚାଳକ ଗୋପୀନାଥ ସାହୁଙ୍କ ସମେତ ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ଗୋବିନ୍ଦ ସେଠ୍ ମଞ୍ଚ ପରିଚାଳନା କରିଥିଲେ।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘ



ବିଜେପୁର, ୫।୯ (ସମିସ): ଉଚ୍ଚ ଶିକ୍ଷିତ କିମ୍ବା ଉଚ୍ଚ ପଦ ପଦବୀରେ ଅବସ୍ଥାପିତ କରାଇବା ବଡ କଥା ନୁହେଁ ବର୍ତ୍ତ ସାମ୍ପ୍ରତିକ ପରିସ୍ଥିତିରେ ସୁମଣିଷଟିଏ ତିଆରି କରିବା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଏ ଦିଗରେ ଗୁରୁଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ବୋଲି ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ଗୁରୁ ଦିବସ ସମାରୋହରେ ମତପ୍ରକାଶ ପାଇଛି। ସ୍ଥାନୀୟ ଶିକ୍ଷକ ଭବନରେ ଆୟୋଜିତ ଏହି ସମାରୋହକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଜ୍ରଭୂଷଣ ନେହେରୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସଭାପତି ସନ୍ତୋଷ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଜିକାର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସାହୁ ସମ୍ମାନୀୟ ଅତିଥି, ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଶିକ୍ଷକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୌଦାମିନୀ ମାଝୀ, ଜୟନ୍ତୀ ସାହୁ, ହରିନାରାୟଣ ମେହେର, ମୋହନ ସାହୁ, ଅମୂଲ୍ୟ ପ୍ରଧାନ, ଜଗବନ୍ଧୁ ମେହେର, ଭାସ୍କର ସାହୁ, ପୁରନ୍ଦର ମହାନନ୍ଦ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମାନପତ୍ର, ଉପଢୌକୋନ, ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଅକ୍ଷୟ ସାହୁ ଗୁରୁ ବନ୍ଦନା ପରିବେଷଣ କରିଥିଲେ। ସମ୍ପାଦକ ସୌମ୍ୟରଞ୍ଜନ ପଧାନ ବାର୍ଷିକ ବିବରଣୀ, ଶଶିଭୂଷଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ, ବିଜୟ ରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପଦ୍ମନାଭ ଦାଶ ସଙ୍ଗୀତରେ ତଥା ଶିକ୍ଷକ ରାମପ୍ରସାଦ ବାଗ କବିତା ମାଧ୍ୟମରେ ଗୁରୁଙ୍କୁ ଭକ୍ତିପୂତ ଅର୍ଘ୍ୟ ଜଣାଇଥିଲେ। ଶିକ୍ଷକ ଅମୀୟ ପ୍ରସାଦ ଭୋଇ ସଭାକୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ରାଜେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍ସ୍ତରୀୟ ଗୁରୁଦିବସ ପାଳନର ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ଅତାବିରା:** ଅତାବିରା ପ୍ରାଥମିକ ଶିକ୍ଷା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ସରସ୍ୱତୀ ମଣ୍ଡପ ଅତାବିରାଠାରେ ବ୍ଲକସ୍ତରୀୟ ଗୁରୁଦିବସ ପାଳନର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅତାବିରା ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରଶ୍ମିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବରଗଡ଼ ସରୋଜ ଭୁଏ, ମୁଖ୍ୟବକ୍ତା ରୂପେ ଟାଇମ୍ସ ଅଫ୍ ଇଣ୍ଡିଆ ଇଂରାଜୀ ପତ୍ରିକାର ବରିଷ୍ଠ ସାମ୍ବାଦିକ ଅଶୋକ ପ୍ରଧାନ, ସମ୍ମାନିତ ଅତିଥି ରୂପେ ଭେଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକ, ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର, ଅତାବିରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ଅବସରପ୍ରାପ୍ତ



ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦାସ ମଞ୍ଚାସୀନ ଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସଂଘର ସହ ସମ୍ପାଦକ ଲୋକନାଥ ମହାନନ୍ଦ। ବାର୍ଷିକ ବିବରଣୀ ପଠନ କରିଥିଲେ ଉପ ସଭାପତି ସୁଜାତା ପଧାନୀ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ମନୋରଞ୍ଜନ ମିଶ୍ର। ସହଯୋଗ କରିଥିଲେ ସନ୍ତୋଷ କର, ନୃପ ଭୋଇ, ନନ୍ଦିଘୋଷ ଭୁଏ, ଅବସର ପ୍ରାପ୍ତ ଶିକ୍ଷକ ସଂଘର ସଭାପତି ନିଶିକାନ୍ତ ପଣ୍ଡା, ସମ୍ପାଦକ ପଞ୍ଚାନନ ନାଥ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସରକାରଙ୍କ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ବିଭିନ୍ନ ପ୍ରକାର ଶିକ୍ଷକଙ୍କୁ ଗୋଟିଏ ପ୍ରକାର ଶିକ୍ଷକ କରି ଗୋଟିଏ କ୍ୟାଡ଼ର ଭୁକ୍ତ କରି ସମାନ କାମକୁ ସମାନ ଦରମା କରିବା ପାଇଁ ଓଡ଼ିଶା ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭାରତୀୟ ଜନତା ଦଳର ବରିଷ୍ଠ ନେତା ସୁରେଶ୍ୱର ଶତପଥୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରଗଡ଼ର ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ଯୋଗଦେଇଥିଲେ। ସଂଘର ସହ ସମ୍ପାଦକ ଲୋକନାଥ ମହାନନ୍ଦ ପଚାଶ ବର୍ଷ ଜୟଯାତ୍ରାର ସ୍ୱର୍ଣ୍ଣୀମ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଗତବର୍ଷ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୀତା, ମାନପତ୍ର, ଉପଢୌକୋନ ଏବଂ ପୁଷ୍ପ ମାଳ ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବ ବର୍ଷ ମାନଙ୍କରେ ଅବସର ଗ୍ରହଣ କରିଥିବା ତିନିଶହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଫୁଲ ଚନ୍ଦନ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ପତ୍ରିକା ଉନ୍ମୋଚିତ ହୋଇଥିଲା। ଶିକ୍ଷୟିତ୍ରୀ ରଶ୍ମିରାଣୀ ନନ୍ଦଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଭଉଣୀମାନେ ସ୍ୱାଗତ ତଥା ଉଦ୍ଯାପନୀ ସଙ୍ଗୀତ ଗାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର। ସହଯୋଗ କରିଥିଲେ ଅର୍ଜୁନ ଚନ୍ଦ୍ର ପରିଡ଼ା, ଭବାନୀ ଶଙ୍କର ପ୍ରଧାନ, ପିଙ୍କୁ ସାହୁ, ସୁଶାନ୍ତ ତ୍ରିପାଠୀ, ସୁଦାମ ଭୋଇ ଏବଂ ଝରଣା ସେଠ୍।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

**ପଦ୍ମପୁର:** ପଦ୍ମପୁର ଶାନ୍ତିନଗର ଅଦିତି ବିହାର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗୁରୁଦିବସ ପାଳିତ ହୋଇଯାଇଛି। ସଭାପତି ପ୍ରୀତିରଞ୍ଜନ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ରର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୌକିଲାଲ ସାହୁ, ପୂର୍ବତନ



ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ରାଧାବଲ୍ଲଭ ପାଣିଗ୍ରାହୀଙ୍କୁ ଅଧ୍ୟକ୍ଷା ଆହ୍ଲାଦିନୀ ଦଲାଇ ଓ ପ୍ରଶାସକ ଭରତ ଚନ୍ଦ୍ର ସାହୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଶେଷରେ ସମ୍ପାଦକ ଆଦିତ୍ୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିସିବି ବ୍ୟାଙ୍କ୍

**ପଦ୍ମପୁର:** ଡିସିବି ବ୍ୟାଙ୍କ ପଦ୍ମପୁର ଶାଖା ତରଫରୁ ଗୁରୁଦିବସ ଅବସରରେ ବରିଷ୍ଠ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ୟାଙ୍କର ଶାଖା ପ୍ରବନ୍ଧକ ଏମ୍ ରାଜେଶ ଓ ଅନ୍ୟ ଷ୍ଟାଫ୍ମାନେ ଉପସ୍ଥିତ ବରିଷ୍ଠ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ପିଲାଙ୍କ ଭବିଷ୍ୟ ଗଢ଼ିବାରେ ଶିକ୍ଷକମାନଙ୍କର ଅବଦାନ, ପରିଣତ ଶିକ୍ଷା ପ୍ରଣାଳୀ ବିଷୟରେ ଚର୍ଚ୍ଚା କରିଥିଲେ। ବ୍ୟାଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ସୁବିଧା ବିଷୟରେ ଅବଗତ କରାଯାଇଥିଲା।

## କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନ

**ବରଗଡ଼:** ବରଗଡ଼ ବରାହଗୁଡ଼ାସ୍ଥିତ କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡେରୀ ଅଧ୍ୟକ୍ଷ ଚିତରଞ୍ଜନ ପତି ଚଳିତ ବର୍ଷ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରରେ ହୋଇଥିବା ଜେଇଇ, ନିଟ୍, ସିୟୁଇଟି ପରୀକ୍ଷାର ସଫଳତା ଉପରେ ଆଲୋକପାତ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ




ନାରାୟଣ ରଥ ଦେଶ ପ୍ରଗତିରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ବିକାଶ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କର କଠିନ ପରିଶ୍ରମ, କର୍ତ୍ତବ୍ୟନିଷ୍ଠା, ସାଧୁତା ଯୋଗୁଁ ଆଜି ବିକାଶ ଶିକ୍ଷାନୁଷ୍ଠାନ ଭାରତର ତିନୋଟି ରାଜ୍ୟରେ ତା'ର ଶାଖା ପରିବର୍ଦ୍ଧିତ ହୋଇପାରିଛି ବୋଲି କହିଥିଲେ। ଏଡ୍ମିନିଷ୍ଟ୍ରେଟିଭ୍ ଅଫିସର୍ ଏସ୍. କାନ୍ତା ରାଓଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ଏକାଡେମିକ୍ସ) ଡ. ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଉପାଧ୍ୟକ୍ଷ (ସିବିଏସ୍ଇ ଏଫେୟାସ୍ର୍) ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକର ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟକ୍ଷ ଗଙ୍ଗାଧର ରଣାଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଯାଇଛି। ଉପାଧ୍ୟକ୍ଷ ମଳୟ ହଂସ ସଭା ପରିଚାଳନା କରିଥିଲେ। ହରିପ୍ରିୟା ସାହୁ, ଭିଏସନନ୍ଦ ବରିହା, ଟିକେଶ୍ୱରୀ ବିଶ୍ୱାଳ, ତପସ୍ୱିନୀ ଭୋଇ, ଜଗନ୍ନାଥ



ରଣା, କରୁଣାକର ପ୍ରଧାନ, ବବିତା ପ୍ରଧାନଙ୍କ ସମେତ ସମସ୍ତ ଅପା ଭାଇ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ମାଣ୍ଡୋସଲ ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ଡନସନା, ମୁଖ୍ୟବକ୍ତା ଭାବରେ ଆମେରିକାରେ ଗବେଷଣାରତ ତଥା ବିଦ୍ୟାଳୟର ପୁରାତନ ଛାତ୍ର ଭୁବନାନନ୍ଦ ସାହୁ ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥିଲେ। ନୀଳମଣି ବରିହା ଧନ୍ୟବାଦ ଦେଇଥିଲେ। ସେହିପରି ଜାମସେଠ ପଞ୍ଚାୟତ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଗୋପାଳ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ, ଜାମସେଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟବତୀ ରଣାଙ୍କ ସଭାପତିତ୍ୱରେ, ଭେରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲିଙ୍ଗେଶ୍ୱର ମୁଟୁକିଆଙ୍କ ସଭାପତିତ୍ୱରେ, ଡୁମ୍ବେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗଙ୍କ ସଭାପତିତ୍ୱରେ, ଛେଡଗାଁ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାଜ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଆରସିସି ଚିତ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଶିକ୍ଷକ ସୁବୋଧ ପୁରୋହିତ, ଲିଙ୍ଗରାଜ ସାହୁ ଓ ନାରାୟଣ ସାହୁ ମଞ୍ଚାସୀନ ଥିଲେ। ଛାତ୍ରୀ ଗିତାଞ୍ଜଳୀ ନାୟକ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। (୧୧)

## 'ଶିକ୍ଷାର୍ଥୀ ଓ ଗୁରୁଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ରହିବା ଉଚିତ'

**ଭଟଲି:** ଗୁରୁ ସର୍ବଦା ନମସ୍ୟ। ତାଙ୍କ ସ୍ଥାନ ସ୍ୱତନ୍ତ୍ର ଓ ସର୍ବାଗ୍ରେ। ତେଣୁ ପିଲାଙ୍କ ପାଠପଢ଼ାରେ ଗୁରୁମାନେ ସମୟ ଦେଇ ଉତ୍ତମ ଶିକ୍ଷାର୍ଥୀ ଗଠନରେ ସହାୟକ ହେଲେ ଦୁନିଆ ଆଗେଇବ। ସେଥିପାଇଁ ଉଭୟ ଶିକ୍ଷାର୍ଥୀ ଓ ଗୁରୁମାନଙ୍କ ମଧ୍ୟରେ ଏକ ବନ୍ଧୁତା ପୂର୍ଣ୍ଣ ସମ୍ପର୍କ ରହିବା ଉଚିତ ବୋଲି ବରଗଡ଼ ଜିଲ୍ଲା ଭଟଲି ସତୀହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ଗୁରୁ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ବ୍ଲକ




ପ୍ରାଥମିକ ଶିକ୍ଷକ ଫୋରମ୍ ଆନୁକୂଲ୍ୟରେ ଅନୁଷ୍ଠିତ ତଥା ସଭାପତି ଯୋଗେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଭଟଲି ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ତହସିଲଦାର ରାମକୃଷ୍ଣ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜୟଶ୍ରୀ ମହାନ୍ତି, ଅସର୍ପି ବନଛୋର, ପ୍ରମୋଦିନି ତାଣ୍ଡି, ଅନୀମା ପୂଜାରୀ, ଜୟନ୍ତୀ ପାତ୍ର, ଶିକ୍ଷକ ଜିବର୍ଦ୍ଧନ ଭୁଏ, ପରେଶ ଭୋଇ, ନିରଞ୍ଜନ ପ୍ରଧାନ, ସୁବୋଧ ଚନ୍ଦ୍ର ସାହୁ, ଅଭୟ ସାହୁ, ନିଳାକାର ଭୁଏ ପ୍ରମୁଖ ୧୧ ଜଣଙ୍କୁ ଫୁଲ ଚନ୍ଦନ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଗୁରୁ ପୂଜନ କରାଯାଇଥିଲା। ପରେ ଶିକ୍ଷୟିତ୍ରୀ ନଳିନୀ କୁଅଁର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ସ୍ୱରଚିତ କବିତା ପାଠ କରିଥିଲେ। କୈଳାସ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ସ୍ଥାନୀୟ ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶେଷରେ ଶିକ୍ଷକ ଗଜରାଜ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁଙ୍କ ଚିତ୍ର ଆଙ୍କି ଉପହାର ଦେଲେ ଛାତ୍ରଛାତ୍ରୀ

**ବରଗଡ଼:** ସ୍ଥାନୀୟ ରାଣା ପ୍ରତାପ ସ୍କୁଲଠାରେ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଶିକ୍ଷକ ଡ. ଡୋଳାମଣି ଶତପଥି ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନ ଶୀଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜ ନିଜ ପ୍ରିୟ ଗୁରୁ ଗୁରୁ ମା'ମାନଙ୍କ ଚିତ୍ର ଆଙ୍କି ଗୁରୁମାନଙ୍କୁ ଉପହାର ଦେଇଥିଲେ। ଯାହା ଗୁରୁ ଓ ଶିଷ୍ୟମାନଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତରେ ପରିଣତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, କବିତା ପାଠ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ, ନିଳିମା ପ୍ରଧାନ, ଜ୍ୟୋତି ବେହେରା, ମିତା ସାହୁ, ଗୀତା ଜାଲ, ସୁନୀତା ମିଶ୍ର, ସୀମା ଭୋଇ, ତପସ୍ୱିନୀ ତ୍ରିପାଠୀ, ଭାରତୀ ସେଟ୍, ବବିତା ନାଏକ, ନନ୍ଦିତା ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଗୁରୁ ପୂଜନ ପରେ ସୀମା ସାହୁ ଗୁରୁବନ୍ଦନା ଗାନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ।



## ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

**ବରଗଡ଼:** ଶୁକ୍ରବାର ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ 'ଗୁରୁ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ କାଳିଚରଣ ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମୁକୁନ୍ଦ ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ହିମାଦ୍ରି ନାଗ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଶିଶୁମାନେ ଗୁରୁ ପୂଜନ କରିଥିଲେ। କାର୍ଯ୍ୟକ୍ରମକୁ କୁନ୍ତୀ ପ୍ରଧାନ ପରିଚାଳନା କରିଥିଲେ। ପରିଶେଷରେ ସୁଶ୍ରୀ ରଶ୍ମିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋହେଲା ପବ୍ଲିକ ସ୍କୁଲ

**ସୋହେଲା:** ସୋହେଲା ପବ୍ଲିକ ସ୍କୁଲରେ ଗୁରୁ ଦିବସ ପାଳିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷକ ସଞ୍ଜୟ ସେନାପତି, ଶିକ୍ଷାବିତ୍ ଶାନ୍ତନୁ ଗୁରୁ, ଭାଇସ ପ୍ରିନ୍ସିପାଲ ବିରେନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟରେ ୧୦ ବର୍ଷରୁ ଅଧିକ




ଶିକ୍ଷକତା କରିଥିବା ଶିକ୍ଷକ ଶେଷଦେବ ସାହୁ, ଶିକ୍ଷୟିତ୍ରୀ ରେଣୁକା ଭୋଇ, ଶିକ୍ଷୟିତ୍ରୀ ମେହଜବିନ ମେମନ୍ ଓ ପ୍ରିନ୍ସିପାଲ୍ ଲକ୍ଷ୍ମୀକାନ୍ତ ସାହୁଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ସଭାପତି ଅନିଲ ପଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉପଢୌକୋନ, ପୁଷ୍ପଗୁଚ୍ଛ ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ସମ୍ପାଦକ ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ, ଲିଳାମୟ ବେହେରା ଓ ରିନୁ ତିୱାରୀ ଉପସ୍ଥିତ ଥିଲେ।

## ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ

**ଦହିତା:** ସ୍ଥାନୀୟ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଛି। ଏଥିରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଉପେନ୍ଦ୍ର ପଟେଲ ଯୋଗଦେଇଥିଲେ। ଅତିଥି ଉପେନ୍ଦ୍ର ପଟେଲ ଏକଲବ୍ୟ ଉପାଖ୍ୟାନରୁ ନେଇ ପୁରାଣ ଅନୁସାରେ ଗୁରୁ ପରଂପରା ଓ ଆଜିର ଛାତ୍ରଛାତ୍ରୀ କିପରି ବିପଥଗାମୀ ନହେବେ ସେ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ ଗୁରୁଦିବସ



ତାତ୍ପର୍ଯ୍ୟ ଉପରେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ପ୍ରଧାନଙ୍କ ରଚିତ ଗୁରୁ ବନ୍ଦନା ଗାନ କରାଯାଇଥିଲା। ଲିଜୁତା ଛତ୍ରିଆ 'ଗୁରୁ ନିମକୁ ଅମୃତ କରିପାରେ' ଗୁରୁବନ୍ଦନା ଗାଇଥିଲେ। ଛାତ୍ରଛାତ୍ରୀମାନେ ଗୁରୁମାନଙ୍କ ପଦ ବନ୍ଦନା କରିଥିଲେ। ଗଣିତ ଶିକ୍ଷକ ଦୀପକ ସିଂ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ପୁରନ୍ଦର ଭୋଇ, କିଶୋର କୁମ୍ଭାର, ତ୍ରିଲୋକେଶ ବରିହା, ତୁଷାର ରଞ୍ଜନ ପାଣିଗ୍ରାହୀ, ସୋନାଲିକା ଶବର, ରେବତୀ ବିଶି, ଭାନୁମତୀ କଳାହାରୀ, ପୂଜା ସାହୁ, ମନୀଷା ବେଶ୍ରା ଓ ପୂରନ୍ ବାଗ ସହଯୋଗ କରିଥିଲେ।

## ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

**ପଦ୍ମପୁର:** ସ୍ଥାନୀୟ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଛି। ମାନସ ରଞ୍ଜନ ଶତପଥୀ ସଭା ପରିଚାଳନା



କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରବୀନା ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜ୍ୟୋତ୍ସ୍ନା ରାଣୀ ସାହୁ, ପୂଜାରାଣୀ ନାୟକ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ପ୍ରଭାତୀ ପଟ୍ଟନାୟକ ଗୁରୁ ଶିଷ୍ୟ ପରମ୍ପରାର ମହାନତା ଆଲୋକପାତ କରିଥିଲେ। ମମତା ମିଶ୍ର ଗୀତ ମାଧ୍ୟମରେ ଗୁରୁଙ୍କ ଗୁଣଗାନ କରିଥିଲେ। ଶିକ୍ଷୟିତ୍ରୀ ଖୁସବୁ ବରିହା ଧନ୍ୟବାଦ ଜ୍ଞାପନ କରିଥିଲେ। ସଂଯୁକ୍ତା ଭୋଇ, ଜ୍ୟୋତି ରେଖା ମହାନନ୍ଦ, ଅମନ୍ କୁମାର ପଣ୍ଡା, ନିଳୀମା ରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, ପ୍ରଭାସିନୀ ସାହୁ ସହଯୋଗ କରିଥିଲେ।

## ପୁରେନା ପଞ୍ଚାୟତ ଉଚ୍ଚବିଦ୍ୟାଳୟ

**ପଦ୍ମପୁର:** ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ଇଂରାଜୀ ଶିକ୍ଷକ ଟିକେଲାଲ ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ପରିଚାଳନା କମିଟିର ସଦସ୍ୟ ରଣଜିତ ବୁଡେକ୍, ଅତିଥି ଶିକ୍ଷକ ଅକ୍ଷୟ କୁମାର ବେହେରା, ଶିକ୍ଷୟିତ୍ରୀ ଚଞ୍ଚଳା ସାହୁ, ଯତୀନ୍ଦ୍ର ଦୀପ ପ୍ରମୁଖ ଗୁରୁ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଖେଳଶିକ୍ଷକ ବୁଲୁ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସୁରେଶ ପଟେଲ ସହଯୋଗ କରିଥିଲେ।

## ରେଡିଏନ୍ସ ଶିକ୍ଷାନୁଷ୍ଠାନ

**ବିଜେପୁର :** ବରଗଡ଼ ଜିଲ୍ଲା ବିଜେପୁର ସ୍ଥିତ ରେଡିଏନ୍ସ ଶିକ୍ଷାନୁଷ୍ଠାନ ଠାରେ ପ୍ରାଚୀନ ପରମ୍ପରା ଅନୁସାରେ ଗୁରୁଦିବସ ପାଳିତ ହୋଇଯାଇଛି। ସର୍ବପଲ୍ଲୀ ରାଧାକ୍ରିଷ୍ଣନ, କବି ଗଙ୍ଗାଧର ମେହେର ଓ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତଃ ଠାକୁର



ଚରଣ ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସମସ୍ତ ଗୁରୁ ମାନଙ୍କର ପାଦଧୌତ ସହ ଉତ୍ତରୀୟ ଦେଇ ଭକ୍ତିପୂତ ଭାବରେ ପୂଜାର୍ଚ୍ଚନା କରିଥିଲେ। ଗୁରୁ ବନ୍ଦନା କରିଥିଲେ। ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଅଜିତ କୁମାର ମେହେର, ଅଧ୍ୟକ୍ଷ ପ୍ରଫେସର ଘନଶ୍ୟାମ ମେହେର, ଏକାଡେମିକ ଡାଇରେକ୍ଟର ଗୋବିନ୍ଦ ମେହେର, ଏଡମିଷ୍ଟେଟିଭ ଡାଇରେକ୍ଟର ନେତ୍ରମଣୀ ମେହେର, ପ୍ରଫେସର ରେବନ୍ତ କୁମାର ମେହେର, ସ୍କୁଲ ଅଧ୍ୟକ୍ଷା ମୋହିନୀ ମେହେର, ଉପାଧ୍ୟକ୍ଷ ସଞ୍ଜୟ ବାରିକ, ପ୍ରଫୁଲ୍ଲ ପ୍ରଧାନ, ଉପଦେଷ୍ଟା ରାଜେଶ୍ରୀ ମେହେରଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଶ୍ରେଷ୍ଠ ଜୀବ ମନୁଷ୍ୟଙ୍କୁ ଅଧିକ ଶ୍ରେଷ୍ଠ କରନ୍ତି ଗୁରୁ'



ଝାରସୁଗୁଡ଼ା,୫।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର -୨୦୨୪ ସମାରୋହ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲା ରାଜ୍ୟରେ ସର୍ବଶ୍ରେଷ୍ଠ ଶିକ୍ଷା ଜିଲ୍ଲା ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର - ୨୦୨୪ରେ ପୁରସ୍କୃତ ହୋଇଛି। ଯାହା ସମଗ୍ର ଝାରସୁଗୁଡ଼ା ଜିଲ୍ଲାର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କଠିନ ପରିଶ୍ରମର ଫଳଶ୍ରୁତି ବୋଲି ବିଧାୟକ ଓ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାନ କହିଥିଲେ। ଆସନ୍ତା ଶିକ୍ଷାବର୍ଷରୁ ପାଞ୍ଚଜଣ ଚୟନିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ବିଧାୟକ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ଓ ରବୀନ୍ଦ୍ର ମାଝୀ, ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ଓ କିର୍ମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ସମାରୋହରେ ପ୍ରାଥମିକ ସ୍ତରରେ ଦେବେଶ ଉର୍ମା, ଗିରିଧାରୀ ପଟେଲ, ରିଙ୍କି ମହାନନ୍ଦ, ପରମେଶ୍ୱର ପଟେଲ, ସୁଲୋଚନା ପଟେଲ ଏବଂ ମାଧ୍ୟମିକସ୍ତରରେ ପ୍ରଥମ ଭାଷାରେ ପ୍ରତିଭା ମହାପାତ୍ର, ଦ୍ୱିତୀୟ ଭାଷାରେ କୁଶ ସା, ତୃତୀୟ ଭାଷାରେ ତନ୍ମୟ ଗଡ଼ନାୟକ, ଗଣିତରେ ପୂର୍ଣଚନ୍ଦ୍ର ସାହୁ, ବିଜ୍ଞାନରେ ଜିତେନ୍ଦ୍ର କଂସାରି, ସାମାଜିକ ବିଜ୍ଞାନରେ ଅଜିତ ଭୋଇ, ଶାରୀରିକ ଶିକ୍ଷାରେ ଜିତେନ୍ଦ୍ର ନାଥ ମହନ୍ତ ଓ ତାଳପଟିଆ ସିଆରସିସି ଯଦୁମଣି ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଦେବଗଡ଼:** ଦେବଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ପାଳନ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ



ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ଉତ୍ସବ ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥିଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ବର୍ତ୍ତମାନ ବିଦ୍ୟାଳୟସ୍ତରରେ ଗୁରୁ ଶିଷ୍ୟ ପରମ୍ପରା ଦିନକୁ ଦିନ କମିବାରେ ଲାଗିଛି, ଯାହା ଫଳରେ ତାହା ଛାତ୍ରଛାତ୍ରୀମାନଙ୍କ ଶିକ୍ଷା କ୍ଷେତ୍ରକୁ ପ୍ରଭାବିତ କରିଛି। ଆଗାମୀ ଦିନରେ ଏଥିପ୍ରତି ସୁଧାର ଆଣିବା ସହ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଢ଼ିତୋଳିବାରେ ସହାୟକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରତିଜ କୁମାର ଭୋଜ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ମଞ୍ଚାସିନ ଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବା ୭ ଜଣ ବିଷୟ ଭିତ୍ତିକ ମାଧ୍ୟମିକ ଶିକ୍ଷକ ଯଥା ପ୍ରଥମ ଭାଷା ଓଡ଼ିଆରେ ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନମିତା ମାଝୀ, ଇଂରାଜୀରେ ନାଉଲିପଡା ଉଚ୍ଚ ବିଦ୍ୟାଳୟର ନିର୍ମଳ ରଣା, ତୃତୀୟ ଭାଷା ହିନ୍ଦୀରେ ଦେବଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟର ସଦାନନ୍ଦ ମହାନ୍ତ, ଗଣିତରେ ଧୋବାଲିପଥର ଉଚ୍ଚ ବିଦ୍ୟାଳୟର ପ୍ରଦୀପ କୁମାର ବିଶ୍ୱାଳ, ବିଜ୍ଞାନରେ ତାରଙ୍ଗ ଉଚ୍ଚ ବିଦ୍ୟାଳୟର ସଞ୍ଜୟ କୁମାର ପ୍ରଧାନ , ସାମାଜିକ ବିଜ୍ଞାନରେ ନାଉଲିପଡା ଉଚ୍ଚ ବିଦ୍ୟାଳୟ ପ୍ରଶାନ୍ତ କୁମାର ସାହୁ , ଶାରୀରିକ ଶିକ୍ଷାରେ ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରଞ୍ଜିତା ମିଶ୍ର, ୩ ଜଣ ପ୍ରାଥମିକ ଶିକ୍ଷକ ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାଦମ୍ବିନୀ ମିଶ୍ର , ବସାଲଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଭାସ୍କର ବିଶ୍ୱାଳ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଡ଼ଁଲିର ଉଦୟନାଥ ବେହେରା ଓ ଜଣେ ଆଞ୍ଚଳିକ ସାଧନ ସଂଯୋଜକ ଟାଇଁସର ଭେନସ କୁମାର ପ୍ରଧାନଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିବା ବେଳେ ଢଂରା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ମାଧବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଝସକେତନ ସାହୁ, ଗୌରଚରଣ ସାହୁ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ପୌରାଞ୍ଚଳ ସିଆର୍‌ସିସି ଚୂଡ଼ାମଣି ସାହୁଙ୍କ ସମେତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

**ଇବଥର୍ମାଲ:** ଲଖନପୁର ବ୍ଲକ ପଞ୍ଚଗାଁ ମହିମାପୁରମ ବୈଷ୍ଣବ ବାବା ଏଜୁକେସନ୍, ସେସିଆଲ ସର୍ଭିସ୍ ଓ ରିସର୍ଚ୍ଚ ଟ୍ରଷ୍ଟ ପକ୍ଷରୁ ବନ୍ଧବାହାଲ ସ୍ଥିତ ଲଖନପୁର କୋଇଲା କ୍ଷେତ୍ର ଇନ୍ଦ୍ରଧନୁ କ୍ଲବ ପରିସରରେ ଲଖନପୁର ବ୍ଲକ୍‌ସ୍ତରୀୟ ଗୁରୁଦିବସ ପାଳିତ ହୋଇ ଯାଇଛି। ଟ୍ରଷ୍ଟ ସଭାପତି ତଥା ଲଖନପୁର ବ୍ଲକ ପ୍ରଥମ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ସନତ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ଜିଏମ୍ ମାଇନିଙ୍ଗ ସତ୍ୟ ଭୂଷଣ ବାରିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହିମା ଜୁନିୟର କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ସା, ଜିଲ୍ଲାପରିଷଦ ଜୋନ୍-୩ ସଭ୍ୟା ପୁଷ୍ପଲତା ସେଟ୍, ନାଗରିକ ପରିଷଦ ସଭାପତି ପିତାମ୍ବର ମିଶ୍ର, ସମାଜସେବୀ ତଥା ଯୁବନେତା ବିଶ୍ୱଜିତ ଭାଙ୍ଗି, ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା, ସମିତି ସଭ୍ୟା ପଦ୍ମିନୀ ସିଂ, ଗଙ୍ଗାଧର ସାହିତ୍ୟ ବକ୍ତା ସୁରେଶ ପ୍ରଧାନ, ଡିଏଭି ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା, ସମାଜସେବୀ ବିରଞ୍ଚି ସାହୁ ପ୍ରମୁଖ ଯୋଗଦେଇଥିଲେ। ମନୋଜ ପାଢ଼ୀ ହାଇସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ସମାଜ ସଂସ୍କାରକ; ଶ୍ରେଷ୍ଠ ଜୀବ ମଣିଷକୁ ଗୁରୁ ହିଁ ଆହୁରି ଶ୍ରେଷ୍ଠତ୍ୱ ପ୍ରଦାନ କରୁଥିବାରୁ ସେ ସବୁବେଳେ ସର୍ବାଗ୍ରେ ବୋଲି ମତ ରଖିଥିଲେ। ଏହି ଅବସରରେ ଶିକ୍ଷା ବ୍ଲକ୍ ଅନ୍ତର୍ଗତ ପତ୍ରାପାଲି ପିଏମ୍ ଶିକ୍ଷକ ଇନ୍ଦ୍ରଜିତ କିଶାନ,



ପଞ୍ଚଗାଁ ପିଏସ୍ ଶିକ୍ଷୟିତ୍ରୀ ସାବିତ୍ରୀ ବାଗ୍, କୁମ୍ଭାରବନ୍ଧ ପିଏସ୍ ଶିକ୍ଷକ ଚନ୍ଦ୍ର ଶେଖର ଛଞ୍ଚାଣ, ମାଉଲିବେର୍ଣ୍ଣା ୟୁପିଏସ୍ ଶିକ୍ଷକ ଉମାକାନ୍ତ ନେଟି, ବାଉଁସେନପାଲି ୟୁପିଏସ୍ ଶିକ୍ଷକ ଶିବ କାଲୋ, ସିଂହେଇପାଲି ୟୁପିଏସ୍ ଶିକ୍ଷକ ଶିବାନନ୍ଦ ଭୋଇ, ପିଏମ୍‌ଶ୍ରୀ ଗାଲ୍‌ର୍ ହାଇସ୍କୁଲ ଶିକ୍ଷକ କୁଶ ସା, ଭିଖମପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ମନୋଜ ପାଢ଼ୀ ହାଇସ୍କୁଲ ପ୍ରଧାନ ଶିକ୍ଷକ କେଶବ ମାଁଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ବ୍ଲକରେ ସେପ୍ଟେମ୍ବର ୨୦୨୪ରୁ ଅଗଷ୍ଟ ୨୦୨୫ ଭିତରେ ଅବସର ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପଢ଼ୌକୋନ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ମୃତ୍ୟୁଞ୍ଜୟ ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିବା ବେଳେ ବନ୍ଧବାହାଲ କ୍ଲଷ୍ଟର ଓ ସରଣ୍ଡାମାଲ କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଝାରସୁଗୁଡା:** ଶୁକ୍ରବାର ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏହି ଦିବସ ପାଳନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ଦିଗାମ୍ବର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗୁରୁଦିବସରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ସ୍ୱାଗତ ଅଭିଭାଷଣରେ ସମସ୍ତ ଶିଶୁଙ୍କ ମଙ୍ଗଳ କାମନା କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ମନ୍ଦାକିନୀ ମାକର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଚନ୍ଦ୍ରିକା କିସାନ, ରଞ୍ଜିତା ନାଏକ, ଝରଣା ସାହୁ, ବୀଣା ପାଣି ପ୍ରଧାନ, ମୈଥିଳି ସାହୁ, କୁସୁମ ନଇ ଓ ଅମୟ କୁମାର ନାଏକ ଆଦି ଗୁରୁମା /ଗୁରୁଜୀ ମଞ୍ଚରେ ପୂଜିତ ହୋଇଥିଲେ। ପରିଶେଷରେ ପରିଚାଳନା



କମିଟିର କୋଷାଧ୍ୟକ୍ଷା ପ୍ରିୟଙ୍କା ସାହୁ ସମସ୍ତ ଗୁରୁଜୀଗୁରୁମାଙ୍କୁ ବିଦ୍ୟାଳୟରୁ କିଛି ଉପହାର ପ୍ରଦାନ କରିଥିଲେ।

**କୋଲାବିରା:** କୋଲାବିରା ବ୍ଲକ୍‌ର ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଗୁରୁଦିବସ ପାଳନ କାର୍ଯ୍ୟକ୍ରମରେ ସଂସଦର ସଭାପତି ଶାଭା ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଦେବାଶିଷ ସିଂହ ଠାକୁର, ଲଳିନ୍ଦ୍ର ଗୋଖରା, ତୁଲାରାମ ସେନାପତି, ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, ଅଶୋକ କୁମାର ବେହେରା, ଭିଷ୍ମଦେବ ପଟେଲ ପ୍ରମୁଖ ଯୋଗଦେଇଥିଲେ।

**ବନ୍ଧବାହାଲ/ଝାରସୁଗୁଡ଼ା:** ବନ୍ଧବାହାଲ ଡିଏଭି ପବ୍ଲିକ୍ ସ୍କୁଲରେ "ଗୁରୁ ଦିବସ' ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କଠାରୁ ଅଶୀର୍ବାଦ ଗ୍ରହଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁବନ୍ଦନା, ରାଧାକ୍ରୀଷ୍ଣନ୍‌ଙ୍କ ସ୍ମୃତିଚାରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ହୋତା ଡଃ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍‌ଙ୍କ ପଦାଙ୍କ ଅନୁସରଣ ପୂର୍ବକ ନିଜକୁ ଚରିତ୍ରବାନ୍ କରି ଗଢ଼ି ତୋଳିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

**ଝାରସୁଗୁଡା:** ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ପକ୍ଷରୁ ଝାରସୁଗୁଡ଼ା ବ୍ରଜରାଜନଗରରେ ଜିଲ୍ଲାସ୍ତରୀୟ ଗୁରୁଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବାବେଳେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଗୁରୁ ବିନା ଜ୍ଞାନ ସମ୍ଭବ ନୁହେଁ, ଜଣେ ମଣିଷ ସୁ ମଣିଷ, ସୁନାଗୀରକ ହେବା ପଛରେ ଗୁରୁଙ୍କ ଅବାଦନ, ଅକ୍ଳାନ୍ତ ପରିଶ୍ରମ ଏବଂ ଆଶୀର୍ବାଦ ରହିଥାଏ, ଗୁରୁମାନେ ଚିର ବନ୍ଦନୀୟ, ତାଙ୍କ ମାର୍ଗଦର୍ଶନରେ ଆମ ସମସ୍ତେ ସୁମଣିଷ ସୁନାଗରିକ ହୋଇ ଦେଶ



ବିଦେଶରେ ଆମର ପରିଚୟ ସୃଷ୍ଟି କରିବା ସହ ଭାରତ ବର୍ଷକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ନିଜର ଯୋଗଦାନ ଦେବାକୁ ସୁରେଶ ପୂଜାରୀ ଆହ୍ୱାନ ଦେଇଥିଲେ।

**ଝାରସୁଗୁଡ଼ା:** ଡିଏଭି ପବ୍ଲିକ ସ୍କୁଲ ପରିସରରେ ଗୁରୁ ଦିବସ ପାଳିତ ହୋଇଛି। ଡିଏଭିର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ତଥା ବରିଷ୍ଠ ଆଇନଜ୍ଞ ତାପସ ରାୟ ଚୌଧୁରୀ ଓ ସହଧର୍ମିଣୀ ରେଖାରାୟ ଚୌଧୁରୀ, ଅଧ୍ୟକ୍ଷ ଶ୍ରୀ ଦେବତା ଓ ସହଧର୍ମିଣୀ ସୀମା ଦେବତା ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ପ୍ରମୋଦ କୁମାର ନାଥ, ନମିତା ପାଣ୍ଡେ, ମଧୁସ୍ମିତା ପଲେଇ, ଡ. ମଞ୍ଜୁଶ୍ରୀ ବେହୁଲା ଗୁରୁ ଦିବସ ସନ୍ଦର୍ଭରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱରଞ୍ଜନ ପାଢ଼ୀ, ରଶ୍ମିରେଖା ଶର୍ମା, ଆଲୋକ ପଣ୍ଡିତ, ସତ୍ୟ ନାରାୟଣ ଜେନା କବିତା ପାଠ ଓ ରାହାସ ବିହାରୀ ଦାଶ, ଦେବାଶିଷ ଶ୍ୟାମଲ, ବିଜୟକୃଷ୍ଣ ଛତ୍ରିଆ, ବିଷ୍ଣୁପ୍ରିୟା ସାହୁ, ନୀଳିମା ପଟେଲ ସଙ୍ଗୀତ ପରିବେଷଣ କରିଥିଲେ। ଇପ୍‌ସିତା ରଣା, ମୋନିକା ଶ୍ରୀବାସ୍ତବ ଓ ସବିତା ଧଳ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଲାଗି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ କରାଇଥିଲେ। ଅଞ୍ଜଳି ବାଲ ସୁବ୍ରମନ୍ୟନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ଅତିଥିମାନଙ୍କଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପହାର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ତିନିଦିନ ଧରି ଚାଲିଥିବା ଗୁରୁ ଦିବସ ପାଳନର ପ୍ରଥମ ଦିବସରେ ଛାତ୍ରଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପୂଜନ, ଦ୍ୱିତୀୟ ଦିବସରେ ଘରେ ଘରେ ପିତୃମାତୃ ପୂଜନ ଓ ତୃତୀୟ ଦିବସରେ ପ୍ରକୃତି ପୂଜନ କରିଥିଲେ।

**ରିଆମାଳ:** ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବରିଷ୍ଠ ଆଚାର୍ଯ୍ୟ ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ଆଚାର୍ଯ୍ୟ ରାଜେନ୍ ବେହେରାଙ୍କ ତତ୍ତ୍ୱାବଧାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଠଣ ସୁନ୍ଦର ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର କୋଷାଧ୍ୟକ୍ଷ କୁମର ମଣି ପ୍ରଧାନ ଯୋଗଦେଇଥିଲେ। ଆଚାର୍ଯ୍ୟ ପ୍ରତାପ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ଗୁରୁ ପୂଜନ ପର୍ବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ତଥା ସେବକ ସେବିକା ମାନଙ୍କୁ ସମ୍ପାଦକ ଉପଢୌକୋନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଚୀର ପତ୍ରିକା "ଶାରଦା'ର ଉନ୍ମୋଚନ କରାଯାଇଥିଲା।

## ସଙ୍ଘବଦ୍ଧ ଭାବେ ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା; ୬ ଗିରଫ



ଦେବଗଡ଼,୫।୯ (ସମିସ): ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ କେନ୍ଦେଇଝୁରି ଗ୍ରାମରେ ଗତ ବୁଧବାର ଅପରାହ୍ନରେ ଗୋ ହତ୍ୟା ସନ୍ଦେହରେ କେତେକ ଯୁବକଙ୍କ ସଙ୍ଘବଦ୍ଧ ଆକ୍ରମଣରେ ନିକଟସ୍ଥ କାଉଁସିଢ଼ୀପ ଗ୍ରାମର କିଶୋର ଚମାର (୪୨)ଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଆଜି ରିଆମାଳ ଥାନା ପୁଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ କେନ୍ଦେଇଝୁରୀ ଗ୍ରାମର ପ୍ରଭାତ କୁମାର ସାହୁ, ଘନଶ୍ୟାମ ପ୍ରଧାନ, ଗଜାନନ କଲେଟ୍, କୁମରମଣି କାଲୋ, ସୁରେଶ କିଶାନ୍ ଓ ମହେନ୍ଦ୍ରପୁର ଗ୍ରାମର ଦୀପକ କୁମାର ବେହେରା ବୋଲି ଜଣାପଡିଛି। ମିଳିଥିବା ସୂଚନାନୁଯାୟୀ, ଗତ ବୁଧବାର ଅପରାହ୍ନରେ କାଉଁସିଢ଼ୀପ ଗ୍ରାମର କିଶୋର କେନ୍ଦେଇଝୁରି ଗ୍ରାମରେ ଥିବା ନିଜ ସମ୍ପର୍କୀୟଙ୍କୁ ଦେଇଥିବା ଏକ ଗୋରୁର ମୃତ୍ୟୁ ଘଟିଥିଲା। ଗୋରୁକୁ ହତ୍ୟା କରିଥିବା ସନ୍ଦେହ କରି କେନ୍ଦେଇଯୁରି ଗ୍ରାମର ୩୦ରୁ ୪୦ ଜଣ ଯୁବକ କିଶୋରଙ୍କ ନିକଟରେ ପହଞ୍ଚି ଯୁକ୍ତିତର୍କ କରିବା ସହ କିଶୋରଙ୍କ ବାଇକକୁ ଜାଳି ଦେଇଥିଲେ। ପରେ କିଶୋରଙ୍କୁ ସଙ୍ଘବଦ୍ଧ ଭାବେ ଠେଙ୍ଗାରେ ପିଟି ପିଟି ଗାଁ ଦାଣ୍ଡକୁ ଆଣିଥିଲେ। ଘଟଣା ସ୍ଥଳରେ କିଶୋରଙ୍କ ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତ ଯୁବକମାନେ ଫେରାର ହୋଇଯାଇଥିଲେ। ମୃତ କିଶୋରଙ୍କ ପତ୍ନୀ ମାନସୀ ଚମାର ସନ୍ଧ୍ୟାରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ରିଆମାଳ ଥାନା ପୁଲିସ ହତ୍ୟା ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିଥିଲା। ଘଟଣାରେ ସ୍ଥାନୀୟ ଅଞ୍ଚଳର ୬ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ଗତକାଲି ସାଇଣ୍ଟିଫିକ ଟିମ୍ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଆଜି ଉକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଗଞ୍ଜେଇ ଜବତ; ଜଣେ ଗିରଫ

ଝାରସୁଗୁଡ଼ା,୫।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଞ୍ଚଳର ଜବାହାରନଗରରେ ଚୋରା ଗଞ୍ଜେଇ ବିକ୍ରି ବେଳେ ପୁଲିସ ଚଢ଼ଉ କରିଛି। ଗତକାଲି ଏହି ଗଞ୍ଜେଇ ଚୋରା ଚାଲାଣ ହେଉଥିବାନେଇ ପୁଲିସ ସୂଚନା ପାଇ ଚଢ଼ଉ କରି ୭୧୬ ଗ୍ରାମ ଚୋରା ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କାଳିନଗରର ଗୁଡ୍ଡୁ ହରିଜନ। ଗୁଡ୍ଡୁକୁ ପୁଲିସ ଗିରଫ କରି କେସ ନମ୍ବର ୧୫୭ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଆଜି କୋର୍ଟ ଚାଲାଣ କରିଥିବା ବ୍ରଜରାଜନଗର ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ସୁରେଶଙ୍କୁ ପ୍ରଶନ୍ନ ପଣ୍ଡା କୃତୀ ଶିକ୍ଷକ ସମ୍ମାନ

କୋଲାବିରା,୫।୯ (ସମିସ): ଆଜି ଗୁରୁଦିବସ ଅବସରରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରବୀନ୍ଦ୍ର ଭବନଠାରେ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ପ୍ରଶନ୍ନ ପଣ୍ଡା ସ୍ମୃତି ସମିତି




ତରଫରୁ ଜିଲ୍ଲାର ସମସ୍ତ ବ୍ଲକର କୃତି ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ କୋଲାବିରା ବ୍ଲକ୍‌ର ସାମାସିଂହା ସ୍ଥିତ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କୁ ମଧ୍ୟ କୃତି ଶିକ୍ଷକ ଭାବରେ ପ୍ରଶନ୍ନ ପଣ୍ଡା କୃତି ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ




ଝାରସୁଗୁଡା,୫।୯ (ସମିସ): ଶୁକ୍ରବାର ଭାସ୍କର ପ୍ରାଥମିକ ବିଦ୍ୟାଳୟ ପରିସରରେ ଝାରସୁଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଅନୀଲ ପଟେଲଙ୍କ ତତ୍ତ୍ୱାବଧାନରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟସ୍ତରରେ ଥିବା ୨୧ ପ୍ରକାର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ୪ ଜଣ ଡାକ୍ତରଙ୍କ ଉପସ୍ଥିତିରେ ପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ସିବି ଚେୟାର, ଦୁଇ ଓ ତିନି ଚକିଆ ହ୍ୱିଲ ଚେୟାର, ଶ୍ରବଣ ଯନ୍ତ୍ର, କିଟ୍‌ବ୍ୟାଗ ଆଦି ଉପକରଣ ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ଉପକରଣ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଝାରସୁଗୁଡ଼ା ଜିଲ୍ଲା ସହ ସଂଯୋଜିକା ସସ୍ମିତା ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ମଞ୍ଚରେ ମୁଖ୍ୟ ଅତିଥିଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଓ ପଞ୍ଚପଡା ସିଆରସିସି ସୁରଜ ପଟେଲ ଉପସ୍ଥିତ ଥିଲେ। ଶିକ୍ଷକ ଅଶୋକ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଏଥିରେ ସହଯୋଗ କରିଥିଲେ।

## ୨ ଲକ୍ଷ ୧୧ ହଜାର ୧୧ ଟଙ୍କାରେ ଲଡୁ ନିଲାମ




ଦେବଗଡ଼,୫।୯ (ସମିସ): ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ଦେବଗଡ଼ ସାର୍ବଜନୀନ ଗଣେଷ ମେଳାର ଭଷାଣି ପୂର୍ବ ସନ୍ଧ୍ୟା ଅର୍ଥାତ୍ ଗୁରୁବାର ଦିନ ଶ୍ରୀ ଗଣେଷଙ୍କ ଲଡ୍ଡୁ ନିଲାମ ହୋଇଯାଇଛି। ୧୦ ଦିନ ବ୍ୟାପି ଆୟୋଜିତ ଏହି ମେଳାର ଲଡ୍ଡୁ ନିଲାମ ପର୍ବ ସାଂସ୍କୃତିକ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୬୫ ହଜାର ଟଙ୍କାରୁ ଲଡ୍ଡୁ ନିଲାମ ଡାକ ଆରମ୍ଭ ହୋଇ ୨ ଲକ୍ଷ ୧୧ ହଜାର ଟଙ୍କାରେ ସମାପ୍ତ ହୋଇଥିଲା। ଚଳିତ ବର୍ଷ ଦେବଗଡ଼ ସାର୍ବଜନୀନ ଗଣେଷ ମେଳାର ୭୭ ବର୍ଷ ପୂର୍ତ୍ତି ଉପଲକ୍ଷେ ୭୭ କିଲୋଗ୍ରାମ ଓଜନର ଶୁଦ୍ଧ ଲଡ୍ଡୁ ପ୍ରସ୍ତୁତ କରାଯାଇ ଶ୍ରୀ ଗଣେଷଙ୍କ ସମ୍ମୁଖରେ ରଖାଯାଇ ନିତ୍ୟ ପୂଜାର୍ଚ୍ଚନା ପରେ ଆଜି ଏହି ଲଡ୍ଡୁକୁ ନିଲାମ କରାଯାଇଥିଲା। କମିଟି ସଭାପତି ରାଜକିଶୋର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲଡୁ ନିଲାମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି ଓ ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ଜିଲ୍ଲାରେ ଶିକ୍ଷା, କ୍ରୀଡ଼ା, ସମାଜସେବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କମିଟି ସଭାପତି ରାଜକିଶୋର ଦାଶ ପ୍ରଭୁ ଶ୍ରୀ ଗଣେଷଙ୍କ ଲଡ୍ଡୁକୁ ନିଜ ଦୁଇମାସର ନାତି ଶୁଭ ପାଣିଙ୍କ ଉଦ୍ଦେଶ୍ୟରେ ନିଲାମରେ ସର୍ବାଧିକ ୨ ଲକ୍ଷ ୧୧ ହଜାର ଟଙ୍କା ଡାକ ଦେଇଥିବା ରାଜ୍ୟ ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି ଓ ତାଙ୍କ ଧର୍ମପତ୍ନୀ ବାରକୋଟ ଜୋନ୍-୩ ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣିଙ୍କୁ ପ୍ରଦାନ କରିଥିଲେ।

## ଏନ୍‌ଆଇ ସିଷ୍ଟମ କାର୍ଯ୍ୟ ପାଇଁ ୭ରେ ବନ୍ଦ ରହିବ ରେଳ ଫାଟକ



ଝାରସୁଗୁଡା/କିର୍ମିରା,୫।୯ (ସମିସ): ଦକ୍ଷିଣ ପୂର୍ବ ହାଓଡ଼ା-ବମ୍ବେ ମୁଖ୍ୟ ରେଳପଥ ଝାରସୁଗୁଡା ଓ ଧୁତରା ମଝିରେ ଥିବା ବାଲିଯୋରୀ ନିକଟରେ ନନ୍ ଇଣ୍ଟରଲକିଙ୍ଗ ତଥା ଏନ୍‌ଆଇ କାର୍ଯ୍ୟ ସହ ମରାମତି କାର୍ଯ୍ୟ ପାଇଁ ବାଲିଯୋରୀ ରେଲ୍‌ୱେ ଫାଟକ ୨୫୬ଟି ଅସ୍ଥାୟୀ ରୂପେ ସକାଳ ୯ ଟାରୁ ଅପରାହ୍ନ ୪ ପର୍ଯ୍ୟନ୍ତ ସଂପୂର୍ଣ୍ଣ ବନ୍ଦ ରହିବ। ରେଳ ବିଭାଗୀୟ ଚିଠି ନଂ.ଡିସିଇ/ କନ /ରାଉରକେଲା / ଆରଓବି/୨୫୬/ଏସ୍‌ପିଏଲ୍ ଜରିଆରେ ଡେପୁଟି ଚିଫ୍ ଇଞ୍ଜିନିୟର ରାଉରକେଲା (କନଷ୍ଟ୍ରକସନ) ବୋମବୋମ ପାଣ୍ଡେ ସୂଚନା ଦେଇଛନ୍ତି। ଯାହା ଫଳରେ ନିକଟରେ ଦୈନନ୍ଦନ ଯାତାୟାତ କରୁଥିବା ବେଦାନ୍ତ, ଭୁଷଣ, ଅଲଟ୍ରାଟେକ ସିମେଣ୍ଟ, ସ୍ୱଞ୍ଜ ଆଇରନ୍, କେମିକାଲ୍ ରସାୟନ, ଅପାର ଗ୍ରୁପ୍ ବିଦ୍ୟୁତ ତାର କାରଖାନା ସହ ସ୍କୁଲ କଲେଜ, ଚିକିତ୍ସା, ସରକାରୀ ବେସରକାରୀ କାର୍ଯ୍ୟରତ କର୍ମଚାରୀ, ପେଟପାଟଣା ପାଇଁ ଯାତାୟାତ କରୁଥିବା କୁଲିମଜୁରିଆ ଯେପରି ପ୍ରଭାବିତ ନ ହୁଅନ୍ତି, ସେଥିପାଇଁ ପୂର୍ବସୂଚନା ରୂପେ ସୂଚିତ କରାଯାଇଛି।

# ସବୁଠି ଗୁରୁଙ୍କୁ ସମ୍ମାନ, ପୂଜାର୍ଚ୍ଚନା

## ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ୪୪ ଶିକ୍ଷକ, ଶିକ୍ଷୟିତ୍ରୀ ପୁରସ୍କୃତ





ବଲାଙ୍ଗିର,୫।୯(ସମିସ): ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିନିଧି ରାଜେନ୍ଦ୍ର ବିଜୟ ସାହୁ, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ବିଧୂଭୂଷଣ ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ସ୍ଥାନୀୟ ଡିଆଇଇଟି ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାରୁ ମନୋନୀତ ହୋଇଥିବା ୪୪ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ହେଲେ ମାଧ୍ୟମିକ ଶିକ୍ଷା ବର୍ଗରେ ଭାଗ୍ୟବାନ ବାଗ, ଶକ୍ତିବାଇ ପଣ୍ଡା, ଶନିଶ୍ଚର ଭୋଇ, ଧ୍ରୁବ ଚରଣ ସାହୁ, ବିକାଶ ରଞ୍ଜନ ସାହୁ, ପିତାମ୍ବର ପଧାନ, ମିନାକ୍ଷୀ ରାଣୀ ମିଶ୍ର, ଅଶୁତୋଷ ପୂଝାରୀ, ଭକ୍ତ ଚରଣ ନାଏକ, ଉମାକାନ୍ତ ପଟେଲ, ଅମର ସାହୁ, ଅମିତ ବାଗ, ଶରତ ଚନ୍ଦ୍ର ମେହେର, ମାନସ ରଞ୍ଜନ ପଧାନ, ଶର୍ମିଷ୍ଠାରାଣୀ ହୋତା, ନୃସିଂହ ଶିକା, ଦିଲ୍ଲୀପ ଧଳ, ଜଗଦୀଶ ଚନ୍ଦ୍ର ମିଶ୍ର, ଅମ୍ବୁଜ ପଟେଲ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ଜ୍ୟୋତିଷ ମେହେର, ରମାଇ ରଞ୍ଜନ ସା, ରାମ ନାରାୟଣ ଦାସ, ଅନାକର ସାହୁ, ପୁରନ୍ଦର ସେଠ, ସସ୍ମିତା ଗଡତ୍ୟା, ସନ୍ତୋଷ ମେହେର, ସଞ୍ଜିବ ସାହୁ। ସେହିପରି ଏଲିମେଣ୍ଟାରୀ ଶିକ୍ଷା ବର୍ଗରେ ଦେବକାନ୍ତ ମେହେର, ନିରୁପମା ତ୍ରିପାଠୀ, ସୁଶୀଲ ମହଲା, ଫଣିନ୍ଦ୍ର ମୋହନ ଥନାପତି, ଅମରକାନ୍ତ ବେହେରା, ମୁକେଶ ବାରିକ, ଛନ୍ଦଧ୍ୱଜ ମେହେର, ଭାସ୍କର ଭୋଇ, ସଂଯୁକ୍ତା ପାଢୀ, ଗୌରୀ ମହାକୁର, ପ୍ରକାଶ ପ୍ରଧାନ, ବଳଦେବ ପାଢୀ, ଅନୁସୟା ପଧାନ। ସିଆରସିସି ରଞ୍ଜିତ ମିଶ୍ର, ଶାଳିନୀ ଶତପଥୀ ଓ ଚିନ୍ତାମଣୀ ପାଢୀଙ୍କୁ ମଧ୍ୟ ଏହି ପୁରସ୍କାର ପ୍ରଦାନ କରାଯାଇଛି।

### • ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ

ବଲାଙ୍ଗିର,୫।୯(ସମିସ): ଦି ନ୍ୟୁ ଲାଇଫ୍ ଏସେମ୍ବ୍ଲି ହଲ୍, ମିଶନ କମ୍ପାଉଣ୍ଡଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବଦ ପାଳିତ ହୋଇଛି। ବଲାଙ୍ଗିର ଜିଲ୍ଲା ସଂଘର ସାଧାରଣ ସଭାପତି ତୁଷାର କର୍ମୀଙ୍କ ଆହ୍ୱାନକ୍ରମେ ଶାନ୍ତିଲତା ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ଉପଦେଷ୍ଟା ଆ.ର୍ଯ୍ୟ ସୁଚିତ୍ର ସୁନା, ଆନନ୍ଦ ଯୋଷୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ ଯୋଷୀ, ଶ୍ୟାମ ସୁନ୍ଦର ଦାଶ, ସଚ୍ଚିଦାନନନ୍ଦ ହନୁମାନ, ଦିଲୀପ ବୈଦାର, ସନ୍ତୋଷ ସାହୁ, ବବ୍ରୁ ବାହନ ଭୋଇ, ନୂଆପଡାରୁ ସନ୍ତୋଷ ପାଢୀ, ଦେବଗଡରୁ ଘନଶ୍ୟାମ ସାହୁ, ସମ୍ବଲପୁରରୁ ଭୁବନେଶ୍ୱର ଦ୍ୱିବେଦୀ, ବଉଦରୁ ଶିଶିର ଖଟୁଆ, ସୁବର୍ଣ୍ଣପୁରରୁ ଦିଗାମ୍ବର ବିଶି, ନବରଙ୍ଗପୁରରୁ ନିରୁପମା ସ୍ୱାଇଁ, ପ୍ରମୋଦା ଦାସ, କଳାହାଣ୍ଡିରୁ ପ୍ରଦୀପ ସାହୁ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ଶିକ୍ଷକ ଓମ୍‌ପ୍ରକାଶ ସାହୁ, ଅନ୍ନପୂର୍ଣ୍ଣା ନନ୍ଦ, ମନମୋହନ ଲିମା, ଅବସରପ୍ରାପ୍ତ ଶିକ୍ଷକ ଆଦିତ୍ୟ ଦାନୀ, ବିପିନ ବୁଡେକ, ଅଜିତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### • ଖପ୍ରାଖୋଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ

ଖପ୍ରାଖୋଲ,୫।୯(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଛି। ୱାର୍ଡେନ୍ ଅନିତା ମହାପାତ୍ର, ଶିକ୍ଷୟିତ୍ରୀ ରୀତା ବେହେରା, ରୀତା ସାହୁ, ଆଟେଣ୍ଡେଣ୍ଟ ଲିଲିଜା ବନଛୋର, ନୀଳ ମାଧବ ସାହୁ, ଶ୍ରଦ୍ଧାଞ୍ଜଳି ରାଉତ, ରାଜକୁମାରୀ ବରିହା, ଗୀତା ବାଗ ପ୍ରମୁଖ ଉପସ୍ଥିତ ଥିଲେ।



### • ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ

ବେଲପଡା,୫।୯(ସମିସ): ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଗୁରୁ ପୂଜନ ଓ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷକରତ୍ନ ତ୍ରିବିକ୍ରମ ମହାଖୁଡ଼ ଉଦ୍‌ଘାଟନ କରିଥିଲେ। ଏଥିରେ ବେଲପଡା



ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ରାଜନାରାୟଣ ମେହେର, ବାଗ୍ମୀ ରାଜମଣୀ ସାହୁ, ଡକ୍ଟର ଗୋବର୍ଦ୍ଧନ ନାୟକ, ପ୍ରଧାପକ ଦୁର୍ବଳତା ଘିଭେଲା, ଡକ୍ଟର ଝସକେତନ ଗୁରୁ, ଡକ୍ଟର ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପଣ୍ଡିତ ମୋହନ ଦାସ ଠାକୁର, ବନମାଳୀ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସଦାସିବ ମେହେର, ନିରଞ୍ଜନ ବେହେରା, ଗୋବର୍ଦ୍ଧନ ନାୟକ, କୁଞ୍ଜମଣୀ ମେହେର, ଚାଣକ୍ୟ ସାହୁ, ନବୀନ ମେହେର, ସୁରେଶ ଚନ୍ଦ୍ର ମେହେର ଓ ରାଜମଣୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ। ନବକିଶୋର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅମ୍ବରିଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### • କଣ୍ଟାବାଞ୍ଜି ନୋଡାଲ ସ୍କୁଲ

କଣ୍ଟାବାଞ୍ଜି,୫।୯(ସମିସ): କଣ୍ଟାବାଞ୍ଜି ନୋଡାଲ ସ୍କୁଲ୍‌ରେ ଗୁରୁଦିବସ ଓ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘନଶ୍ୟାମ ଗହିର ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ରମେଶ ସାହୁ, ଶିକ୍ଷୟିତ୍ରୀ ସୁନନ୍ଦା ପୁରୋହିତ, ଦୀପାଞ୍ଜଳି ଭୋଇ, ପୂଜା ଜାଲ, ମୁକ୍ତା ବେଜ, କାନ୍ତିଲତା ବର୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

### ଗୁରୁଦିବସକୁ କଳାଦିବସ ଭାବେ ପାଳିଲେ ଗୁରୁ

ବଙ୍ଗୋମୁଣ୍ଡା,୫।୯(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ଦିବସକୁ କଳା ଦିବସ ଭାବେ ପାଳନ କରାଯାଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟର ୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀ ସରକାରୀ ଅନୁଦାନରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ସେମାନେ ଗୁରୁ ଦିବସକୁ କଳା ଦିବସ ଭାବେ ପାଳନ କରିଛନ୍ତି। ଲକ୍ଷ୍ମଣ ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେକେଲା, ସିନ୍ଦେକେଲା, ଭାଲୁମୁଣ୍ଡାଠାରେ ୪୪ କର୍ମଚାରୀ ଧାରଣାରେ ବସିଥିଲେ। ଦୀର୍ଘଦିନ ଧରି ସରକାରଙ୍କ ନିକଟରେ ଏହି କର୍ମଚାରୀ ଅନୁଦାନ ପରିସରଭୁକ୍ତ ହେବାପାଇଁ ଦାବି କରିଆସୁଥିଲେ ସୁଦ୍ଧା ସରକାର ଏମାନଙ୍କ ଦାବି ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି।





ରୋଟାରି ଏଲିଟର ଉଡାନ (୫୨୨)

ବଲାଙ୍ଗିର,୫।୯(ସମିସ): ସ୍ଥାନୀୟ ପିପି ଏକାଡେମୀରେ ରୋଟାରି ଏଲିଟର ଉଡାନ ତରଫରୁ ଗୁରୁ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ଡ. ସଦାଶିବ ମଲ୍ଲିକ ଯୋଗ ଦେଇଥିଲେ। ଉଡାନର ବରିଷ୍ଠ ଶିକ୍ଷକ ନବୀନ ନାୟକ, ଦିଗାମ୍ବର ତ୍ରିପାଠୀ, ପୀତବାସ ପଣ୍ଡା, ବୃଷକେତୁ ସାହୁ, ଗୋପଭୂଷଣ ନାଥ, ସିନୁ ସୁନ୍ଦର ପାଢ଼ୀ, ବିକାଶ ସାହୁ, ନୂତନ ନାୟକ, ଜୟନ୍ତ ମେହେର, ଅଭୟ ମିଶ୍ର, ଗନ୍ଧର୍ବ ପାତ୍ର, ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କୁ ଫୁଲ ଚନ୍ଦନ ଦେଇ ସମ୍ମାନିତ କରାଯାଇଥିଲା। ଛାତ୍ରୀ ଦମୟନ୍ତୀ ଖୁଆସ, ସ୍ୱସ୍ତିକା କୁମାର, ଶ୍ରିୟଙ୍କା ସୁନା, ଝଲସି କୁମ୍ଭାର, ମାନସିରାଣୀ ଦାଶ, ସ୍ମୃତିପ୍ରିୟା ସାହୁ, ତୃପ୍ତି ତମନ୍ନା ସାହୁ ଓ ମନୀଷା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମେନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାପତି ଦର୍ଶନ ଭମର ଧନ୍ୟବାଦ ଅର୍ପଣ କରିଥିଲେ।

### • ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁରିବାହାଲ ଗୋପବନ୍ଧୁ ଯୁବକ ସଂଘ

ମୁରିବାହାଲ, ୫।୯(ସମିସ): ତେନ୍ତୁଲୀଖୁଣ୍ଟି ପଞ୍ଚାୟତ ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷୟତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ଶିକ୍ଷକ ଶିକ୍ଷୟିତ୍ରୀ ସଫଳା ମିଶ୍ର, ଜୟମାଳିନୀ ପଟ୍ଟନାୟକ, ସରୋଜିନୀ ମିଶ୍ର, ପ୍ରିୟଦର୍ଶିନୀ ସ୍ୱାଇଁ, ନୀଳମଣି ଦୀପଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ମୁରିବାହାଲ ଗୋପବନ୍ଧୁ ଯୁବକ ସଂଘରେ ମଧ୍ୟ ଗୁରୁ ଦିବସ ପାଳନ କରାଯାଇଛି। ଅଜିତ ତରିଆ, ବରିଷ୍ଠ ଶିକ୍ଷାବିତ୍ ଜିତେନ୍ଦ୍ରୀୟ ଭୋଇ, ଅକ୍ଷୟ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। କେଦାର ବଡ଼ଜେନା, ଅବିନାଶ ଭୋଇ, ରୁପେଶ ଷାଣ୍ଡ, ଅନ୍ତରାମ ପଧାନ, ତ୍ରିଲୋଚନ ବାଗ, ଯୁଧିଷ୍ଠୀର ବଘାର, ନିରାକାର ବଘାର ପ୍ରମୁଖ ଉପସ୍ଥିତ ଥିଲେ।



---

### ପ୍ରଫେଟ ମହମ୍ମଦଙ୍କ ଜନ୍ମଦିନ ଉପଲକ୍ଷେ ଶୋଭାଯାତ୍ରା




ଟିଟିଲାଗଡ଼,୫।୯(ସମିସ): ମୁସଲିମ ସମ୍ପ୍ରଦାୟର ଧର୍ମ ଗୁରୁ ପ୍ରଫେଟ ମହମ୍ମଦଙ୍କ ୧୫ଶହ ତମ ଜୟନ୍ତୀ ପାଳିତ ହୋଇଛି। ଏହି ଜୟନ୍ତୀ ପାଳନ ଅବସରରେ ସକାଳୁ ସମସ୍ତ ମୁସଲିମ ସମ୍ପ୍ରଦାୟର ଭାଇମାନେ ପ୍ରଥମେ ମସଜିଦକୁ ଆସି ନମାଜ ପାଠ କରିଥିଲେ। ପରେ ସେଠାରୁ ଏକ ବିରାଟ ଶାନ୍ତି ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରୀ ଦଳକୁ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଶୁଭେଚ୍ଛା ଜଣାଇଥିଲେ। ଏହି ଶୋଭାଯାତ୍ରାରେ ମୁସଲିମ ସମ୍ପ୍ରଦାୟର ବରିଷ୍ଠ ସଦସ୍ୟ ତଥା ସହରର ବରିଷ୍ଠ ଆଇନଜୀବୀ ହାଜି ମହମ୍ମଦ ମୁସ୍ତାକ ଖାଁ, ଶେଖ୍ ପିରୁ, ସେଖ ସଫିକ, ଆତା ଉଲାହ ଖାଁ, ରଫିକ ଉଲ୍ଲା ଖାଁ, ରିୟାଜ ମହମ୍ମଦ, ଇଞ୍ଜିନିୟର ମହମ୍ମଦ ଆବାସ ଖାଁ, ହିଫ ଜୁଲ ରେହେମାନ, ଜାଫର ଖାଁ, ଘୁଫ୍ରାନ ବେଜ, ଅଜମଲ ଖାଁ, ଫାରୁଖ ଖାଁ, ନଜିର ମହମ୍ମଦ, ଇଞ୍ଜିନିୟର ମହମ୍ମଦ ମୁକ୍ତାର ଖାଁ, ଅସ୍ୱାକ ଖାଁ, ମହମ୍ମଦ ଅଜମତ ଖାଁ, ଖ୍ୱାଜ ମହମ୍ମଦ, ଖଲିଦ ଖାଁ, ଶୋହେଲ ଖାଁ, ମହମ୍ମଦ ମୋସିନ ଖାଁ, ମହମ୍ମଦ ତୋଷିଫ ଖାଁ, ଇମ୍ରାନ ଖାଁ, କମରୁଦ୍ଦିନ ଅଲି ଅହମଦ, ଏହେମଦ ମେମନଙ୍କ ସମେତ ପ୍ରାୟ ୧୫୦୦ରୁ ଅଧିକ ଲୋକ ସାମିଲ ହୋଇଥିଲେ।

### ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ସଇଁନ୍ତଲା, ୫।୯(ସମିସ): ସଇଁନ୍ତଲାରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ମାଟି ପୂଜା ପରେ ସଂଗ୍ରହ କରି ମଣ୍ଡପକୁ ଅଣାଯାଇଥିଲା। ପରେ ପୂଜା ମଣ୍ଡପ ସମ୍ମୁଖରେ ପୂଜାର୍ଚ୍ଚନା ପରେ ମଣ୍ଡପ ସମ୍ମୁଖରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୂଜକ କିରଣ ମିଶ୍ର ଓ ନବଘନ ଷଡଙ୍ଗୀ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ପାଦକ ତଥା ଆଇନଜୀବୀ ସୁବୋଧ ମିଶ୍ର, ଝସ ମନହିରା, ଶେଷଦେବ ଯାନୀ, ଭୀମସେନ ସ୍ୱାଇଁ, ନିମାଇଁ ସ୍ୱାଇଁ, ବିନୟ ଭୋଇ, ଦୁର୍ଗେଶ ସାହୁ, ପ୍ରଶାନ୍ତ ପୃସେଠ, ଲଲାଟ ପୃସେଠ, ସମ୍ପଦ ମହାକୁର, କିଷାନ ପଟ୍ଟନାୟକ, ଅମିତ ରଥ, ପବନ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହେଇଥିଲେ।

### ବିଶ୍ରାମ୍ ଚେତନା ପରିଷଦର ରକ୍ତଦାନ ଶିବିର




ବଲାଙ୍ଗିର, ୫।୯(ସମିସ): ଖୁଜେନପାଲି ବିଶ୍ରାମ୍ ଚେତନା ପରିଷଦ ଆନୁକୂଲ୍ୟରେ ଆନନ୍ଦ ନିକେତନ ବିଦ୍ୟା ମନ୍ଦିରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୂଜ୍ୟପାଦ ସଦ ଗୁରୁଦେବ ପରମହଂସ ସ୍ୱାମୀ ଶ୍ରୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ୭୦ତମ ଜନ୍ମ ଦିବସ ଉପଲକ୍ଷେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଅତିଥି ଭାବେ ଯୋଗଦେଇ ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ପୂଜ୍ୟ ସ୍ୱାମୀ ସତ୍ୟଦେବାନନ୍ଦ ସରସ୍ୱତୀଜୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ପୂଜ୍ୟ ସ୍ୱାମୀ ସତ୍ୟପ୍ରେମାନନ୍ଦ ସରସ୍ୱତୀଜୀ, ଡ. ପ୍ରକାଶ ଦାସ, ଗୋପାଳଜୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ତରୁଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବିତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

### ଲୋକ କଳାକାର ଇନ୍ଦ୍ର ଧରୁଆଙ୍କ ପରଲୋକ



ବଲାଙ୍ଗିର, ୫।୯(ସମିସ): ବଲାଙ୍ଗିର ଜିଲ୍ଲା ଚନ୍ଦନଭାଟୀ ପଞ୍ଚାୟତ ସାଲେପାଲି ଗ୍ରାମର ଲୋକ କଳାକାର ଇନ୍ଦ୍ର ଧରୁଆଙ୍କ ଶୁକ୍ରବାର ୪୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ହେବ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଥିଲେ। ଗାଁକୁ ମରଶରୀର ଆସିବାପରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା।

### ଯୋଗୀସର୍ଡା ଶୈବପୀଠରୁ ମୂର୍ତ୍ତି ଚୋରି

ଲୋଇସିଂହା,୫।୯(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ପ୍ରସିଦ୍ଧ ଶୈବପୀଠ ଯୋଗୀସର୍ଡା ମନ୍ଦିରରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ମନ୍ଦିରରେ ଥିବା ବହୁ ପୁରୁଣା ତଥା ମୂଲ୍ୟବାନ ଧାତୁରେ ତିଆରି ହୋଇଥିବା ଶିବ ଓ ପାର୍ବତୀଙ୍କ ମୂର୍ତ୍ତି ଚୋରି ହୋଇଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ରାତିରେ ଏହି ଚୋରି ହୋଇଛି। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ମନ୍ଦିରକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

### କାର୍‌ରୁ ୩୦ କେଜି ଗଞ୍ଜେଇ ଜବତ

ଦେଓଗାଁ,୫।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ନାଇକେନସିରା ଛକରେ ଶୁକ୍ରବାର ସକାଳେ ଏକ କାରରୁ ୩୦କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ସଂପୃକ୍ତି ୨ଜଣକୁ ପୁଲିସ ଗିରଫ କରଚି। ଅଭିଯୁକ୍ତ ଦ୍ୱୟ ହେଲେ ଅଭିଯୁକ୍ତ ଛତିଶଗଡ ରାଜ୍ୟ କୋର୍ବା ଜିଲ୍ଲା କାନବା ଗାଁର ପ୍ରବୀଣ ମହାପାତ୍ର(୨୭) ଓ ବିଳାସପୁର ଜିଲ୍ଲା ତଖଟପୁର ଗାଁର ପରମେଶ୍ୱର ଦାଶ। ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ଯେ, କାରଟି ଗଞ୍ଜେଇ ନେଇ ତୁଷୁରାପଟରୁ ଛତିଶଗଡ ଅଭିମୁଖେ ଯାଉଥିଲା। ଦେଓଗାଁ ପୁଲିସ ଖବର ପାଇ ନାଇକେନସିରା ଛକରେ ଜଗି ରହିଥିଲା। ଯାଞ୍ଚବେଳେ ଗଞ୍ଜେଇ ମିଳିଥିଲା। ଏହାସହ କାରରେ ୨ଟି ନମ୍ବର (ଓଡି୦୩ବିୱାଇ୭୬୮୯ ଏବଂ ସିଜି୧୨ବିଆର୦୨୫୩) ଲାଗିଥିଲା।



---

## ତୃଣମୂଳରୁ ସଙ୍ଗଠନ ସଙ୍ଗଠିତ କରିବ କଂଗ୍ରେସ

ବଲାଙ୍ଗିର,୫।୯(ସମିସ)




ବଲାଙ୍ଗିର ସାମ୍ବାଦିକ ଭବନରେ କଂଗ୍ରେସ ପକ୍ଷରୁ ସଙ୍ଗଠନ ସୃଜନୀ ସଂପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସଙ୍ଗଠିତ କରିବା ପାଇଁ ଦଳ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଅଭିଯାନର ରୂପରେଖ ଉପରେ ପର୍ଯ୍ୟବେକ୍ଷକମାନେ ସ୍ପଷ୍ଟ କରିଥିଲେ। ଜିଲ୍ଲା କଂଗ୍ରେସ ଷ୍ଟିଅରିଂ କମିଟି ସଂଯୋଜକ ଅନିଲ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ସିଡି ମୟପ୍ପନ ଜିଲ୍ଲା କଂଗ୍ରେସ ସଭାପତି ମନୋନୟନ ପାଇଁ କଂଗ୍ରେସ ପକ୍ଷରୁ ନିଆଯାଇଥିବା ଅଭିନବ କାର୍ଯ୍ୟକ୍ରମ ବିଷୟରେ ପ୍ରକାଶ କରିଥିଲେ। ପର୍ଯ୍ୟବେକ୍ଷକ ଟିମ୍ ବଲାଙ୍ଗିରର ସମସ୍ତ ନିର୍ବାଚନମଣ୍ଡଳୀ, ବ୍ଲକ୍ ବୁଲି କଂଗ୍ରେସ କର୍ମୀ ତଥା ବିଭିନ୍ନ ବର୍ଗର ଲୋକଙ୍କ ଭେଟି ଜିଲ୍ଲା କଂଗ୍ରେସ ସଭାପତି ପଦବୀ ପାଇଁ ଆଲୋଚନା କରିବେ। ଏହି ଅଭିଯାନ ପ୍ରଥମେ ଗୁଜୁରାଟରେ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡଗେ ଓ କେନ୍ଦ୍ର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଓଡିଶାରେ ମଧ୍ୟ କରାଯାଉଥିବା ସେ ପ୍ରକାଶ କରିଥିଲେ। ପ୍ରଥମେ ଜିଲ୍ଲା କଂଗ୍ରେସ ସଭାପତି ଓ ପରେ ବ୍ଲକ ଓ ଅନ୍ୟ କମିଟି ସଭାପତି ମଧ୍ୟ ଚୟନ କରାଯିବ। ଏହି ସାମ୍ବାଦିକ ସମ୍ମଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପିସିସି ପର୍ଯ୍ୟବେକ୍ଷକ ନିମାଇଁ ସରକାର, ଅମିତା ବିଶ୍ୱାଳ, ସମରେନ୍ଦ୍ର ମିଶ୍ର, ମନୋଜ ମିଶ୍ର, ରାଜ୍ୟ ମୁଖପାତ୍ର ଅଭିଷେକ ମହାନନ୍ଦ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ସ୍ଥାନୀୟ ବରିଷ୍ଠ ନେତାମାନଙ୍କ ସହଯୋଗ ଓ ପରାମର୍ଶକ୍ରମେ କଂଗ୍ରେସ ଦଳକୁ ପୁଣି ଥରେ ଜିଲ୍ଲାରେ ସଙ୍ଗଠିତ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ଶରତ ରାଉତ କହିଥିଲେ।

## ଆଦି କର୍ମଯୋଗୀ ଅଭିଯାନର ପ୍ରଶିକ୍ଷଣ କର୍ମଶାଳା

ବଲାଙ୍ଗିର,୫।୯(ସମିସ): ବଲାଙ୍ଗିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଜିଲ୍ଲା ପ୍ରଶାସନ ଦ୍ୱାରା 'ଆଦି କର୍ମଯୋଗୀ ଅଭିଯାନ'ର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଆରମ୍ଭ ହୋଇଛି। ଏହ ୩ ଦିନିଆ କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଉଦ୍‌ଘାଟନ କରିଥିଲେ। ଜିଲ୍ଲାର ୨୫୮ଟି ଜନଜାତି ବହୁଳ ଗ୍ରାମ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ୭ଟି ପ୍ରମୁଖ ବିଭାଗ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗଣଶିକ୍ଷା, ମହିଳା ଓ ଶିଶୁବିକାଶ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ୭୬ଜଣ ଅଧିକାରୀ ବା ଆଦି କର୍ମଯୋଗୀ ଶିବିରରେ ପ୍ରଶିକ୍ଷଣ ନେଉଛନ୍ତି। ଗ୍ରାମୀଣ ଜନଭାଗି ଦ୍ୱାରା ଜନଜାତି ବହୁଳ ଗ୍ରାମଗୁଡିକରେ ଏହି ଯୋଜନା ମାଧ୍ୟମରେ ସମୂହ ବିକାଶ କରାଯିବ। ବଲାଙ୍ଗିର ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ତୁରେକେଲା ବିଡିଓ ପୂର୍ଣ୍ଣଚନ୍ଦ୍ର ପଟେଲ, ଗୁଡଭେଲା ଅତିରିକ୍ତ ବିଡିଓ ରାମଦତ୍ତ ଭୋଇ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଆନନ୍ଦ ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ପାନୀୟ ଜଳ ବିଭାଗର ସହକାରୀ ଯନ୍ତ୍ରୀ ଖଗେନ୍ଦ୍ର ବାରିକ, ସମାଜିକ କଲ୍ୟାଣ ଅଧିକାରୀ ଏସ୍. ଗୀତା ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରୁଛନ୍ତି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରାଳୟ ଓ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



## ଆଜିର ରାଶିଫଳ

**ମେଷ:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ପରିଶ୍ରମ ଅନୁସାରେ ଫଳ ମିଳିବ । ମାନସମ୍ମାନ ବୃଦ୍ଧି ପାଇବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**ବୃଷ:** ଦୂର ଯାତ୍ରା ଯୋଗ ଅଛି । ଯାନବାହନ କିଣିପାରନ୍ତି । ନିବେଶରୁ ଦୂରେଇ ରୁହନ୍ତୁ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** କ୍ୟାରିୟରକୁ ଗୁରୁତ୍ୱ ଦେବେ । ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଅତିବାହିତ କରିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ । ଆୟ ଅନୁସାରେ ବ୍ୟୟ ହେବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ନୂତନ ଜମି କ୍ରୟ କରିପାରନ୍ତି । ପରିବାର ସହିତ ହସଖୁସିର ସମୟ ବିତାଇବେ । ଜୀବନସାଥୀଙ୍କ ସହଯୋଗ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ । ଘରେ ପୂଜାପାଠ ଆୟୋଜନ କରିବେ । ଆୟର ନୂଆ ଅବସର ପ୍ରାପ୍ତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିପାରେ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଦୀର୍ଘ ଦିନର ଆଶା ପୂରଣ ହେବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଉଧାର ଟଙ୍କା ଫେରି ପାଇବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ରାଜନେତାଙ୍କ ପାଇଁ ଦିନଟି ଭଲ । ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି ।

## ଆଜିର ଇତିହାସ

- ୧୯୧୬- ପ୍ରଥମ ସୁପର୍ ମାର୍କେଟ୍ ଆମେରିକାର ଟେନେସିରେ ଖୋଲିଲା ।
- ୧୯୪୮ - ଜୁଲିଆନା ନେଦରଲ୍ୟାଣ୍ଡର ମହାରାଣୀ ହେଲେ ।
- ୧୯୭୫: ତୁର୍କୀରେ ହୋଇଥିବା ଭୂମିକମ୍ପରେ ୨୦୦୦ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା ।
- ୧୯୯୭- ସପ୍ତାହେ ଧରି ଶୋକ ପାଳନ ପରେ ଯୁବରାଣୀ ଡାଏନାଙ୍କୁ ବ୍ରିଟେନ୍ ସହ ବିଶ୍ୱବାସୀ ଶେଷ ବିଦାୟ ଦେଇଥିଲେ ।



### ଭିନ୍ନ ଜଣେ ବ୍ୟକ୍ତି

## କଳରେ ଜାକିଛନ୍ତି ୧୫୦ରୁ ଅଧିକ ପିନ୍

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦଭ୍ୟାସ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି । ସେମିତି ଜଣେ ବ୍ୟକ୍ତି ହେଲେ, ମଧ୍ୟପ୍ରଦେଶ ସତନାର ସଞ୍ଜୟ ବିଶ୍ୱକର୍ମା । ୪୫ ବର୍ଷୀୟ ସଞ୍ଜୟ ପାଟିକଳରେ ୧୫୦ରୁ ଅଧିକ ପିନ୍ ଜାକି ରଖିଥାନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏପରି କରିବା ସତ୍ତ୍ୱେ ତାଙ୍କର ଖାଦ୍ୟପେୟରେ କୌଣସି ସମସ୍ୟା ହୋଇନାହିଁ କି ତାଙ୍କର ଦନ୍ତଜନିତ ସମସ୍ୟା ମଧ୍ୟ ନାହିଁ । ତେବେ ଏନେଇ ସଞ୍ଜୟଙ୍କ କହିବା କଥା, 'ପାନରେ ଚୂନ ଅଧିକ ହୋଇଗଲେ କଳ ଖାଇଯିବା ଆଶଙ୍କା ଥାଏ । ପିନ୍ ଥିଲେ ପାଟି ଭିତରେ ଏଭଳି ସମସ୍ୟା ଉପୁଜେ ନାହିଁ ।' ସଞ୍ଜୟ ୧୨ ବର୍ଷ ବୟସରୁ ପାନ ଖାଇବା ଆରମ୍ଭ କରିଥିଲେ । ପାନ ଖାଇବା ସମୟରେ ସେ ଦାନ୍ତରେ ଲାଖି ରହୁଥିବା ଗୁଆକୁ କାଢ଼ିବା ପାଇଁ ଦିଆସିଲି କିମ୍ବା ଧୂପକାଠିକୁ ବ୍ୟବହାର କରୁଥିଲେ । ହେଲେ ଏହା ଜଲଦି ଭାଙ୍ଗିଯାଉଥିଲା । ଏହାର ବିକଳ୍ପ ଭାବେ ସେ ପିନ୍‌କୁ ବାଛିଥିଲେ । ଧୀରେ ଧୀରେ ସେ ପିନ୍‌କୁ ପାଟିରେ ଜାକି ରଖିବା ଆରମ୍ଭ କଲେ । ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଥିଲା । ଦିନକୁ ଦିନ ଏହି ପିନ୍ ସଂଖ୍ୟା ବଢ଼ିଲା । ତାଙ୍କ କହିବାନୁଯାୟୀ, ସେ ଏଥିପାଇଁ କେବେହେଲେ ପିନ୍ କିଣି ନାହାନ୍ତି । ସେ ଡ୍ରେସ୍ ଦୋକାନ, ଅଫିସ୍‌ଗୁଡ଼ିକରୁ ପିନ୍ ଲୁଚାଇ ନେଇ ଆସନ୍ତି । ସମୟକ୍ରମେ ତାଙ୍କ ପାଖରେ ପିତ୍ତଳ, ଷ୍ଟିଲ୍, ଲୁହା ସମେତ ବିଭିନ୍ନ ଡିଜାଇନ୍‌ର ପିନ୍ ବଢ଼ିବାକୁ ଲାଗିଲା । ଲୋକେ ତାଙ୍କୁ ଏବେ ତାଙ୍କର ଏହି ସ୍ୱଭାବ ପାଇଁ ଜାଣୁଛନ୍ତି । ତାଙ୍କର ଏହି ନିଆରା ଅଭ୍ୟାସ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଦାନ୍ତଘଷିବା, ଭୋଜନ ଏପରିକି ଗାଧୋଇବା ସମୟରେ ମଧ୍ୟ କଳରେ ସେ ପିନ୍ ଜାକିଥାନ୍ତି । କିଛି ବର୍ଷ ପୂର୍ବେ କିଛି ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଜବଲପୁର ଚିକିତ୍ସାଳୟକୁ ନେଇ ତାଙ୍କ ପାଟିର ଯାଞ୍ଚ କରାଇଥିଲେ । ଡାକ୍ତରମାନେ ତାଙ୍କୁ ଦେଖି ବିସ୍ମିତ ହୋଇଥିଲେ । ସେ ଯେଉଁ କଳରେ ପାନ ଖାଉଥିଲେ ସେହି କଳ ତାଙ୍କର ଖାଇ ଯାଇଥିଲା । ହେଲେ ଯେଉଁ କଳରେ ସେ ପିନ୍ ଜାକିଥିଲେ ସେଥିରେ କୌଣସି ସମସ୍ୟା ନ ଥିଲା । ତାହା ସମ୍ପୂର୍ଣ୍ଣ ସୁରକ୍ଷିତ ଥିଲା । ପ୍ରଥମେ ପ୍ରଥମେ ତାଙ୍କର ଏପରି ଅଭ୍ୟାସ ଦେଖି ସଞ୍ଜୟଙ୍କ ପିତାମାତା ବିରକ୍ତ ହେଉଥିଲେ । ଧୀରେ ଧୀରେ ସେମାନେ ଏହାକୁ ଅଣଦେଖା କରି ଦେଇଥିଲେ । ସେହିପରି ସଞ୍ଜୟଙ୍କ କହିବାନୁଯାୟୀ ସ୍କୁଲ୍, କଲେଜ ସମୟରେ ସେ ତାଙ୍କର ଏହି ଅଭ୍ୟାସକୁ କାହାରିକୁ ଜଣାଇ ନ ଥିଲେ । ଏବେ କିନ୍ତୁ ଲୋକେ ତାଙ୍କୁ ଏବାବଦରେ ଖୁଲମ୍‌ଖୁଲ୍ଲା ପଚାରୁଛନ୍ତି ।

## ଆସିବ 'ଫୋର୍ସ ୩'



ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍‌ଙ୍କ ଆକ୍ସନ୍‌ଭିତ୍ତିକ ଚଳଚ୍ଚିତ୍ର 'ଫୋର୍ସ' ଓ 'ଫୋର୍ସ ୨' ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହୋଇଛି । ଏହି ଦୁଇଟି ଫିଲ୍ମରେ ଜନ୍ ଦମ୍‌ଦାର୍ ଅବତାରରେ ନଜର ଆସିଥିଲେ । ଏହାର ଦ୍ୱିତୀୟ ପାର୍ଟ ୨୦୧୬ରେ ଆସିଥିଲା । ସେବେଠାରୁ ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅପେକ୍ଷା କରିଛନ୍ତି । ଖୁବ୍‌ଶୀଘ୍ର ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ଦେଖିବାକୁ ପାଇବେ ବୋଲି ଜଣାପଡ଼ିଛି । ଏହି ଫିଲ୍ମ ମାଧ୍ୟମରେ ଜନ୍ ଏସିପି ଯଶବର୍ଦ୍ଧନ ସିଂହ ଭୂମିକାରେ ପୁଣିଥରେ ଦର୍ଶକଙ୍କ ନିକଟକୁ ଫେରିବେ । 'ଖାକି- ଦ ବିହାର ଚାପ୍ଟର' ୱେବ୍ ସିରିଜ୍ ନିର୍ଦ୍ଦେଶନା ଦେଇଥିବା ଭବ୍ୟ ଧୂଲିଆଙ୍କ ସହ ଜନ୍ ଏହି ଫିଲ୍ମର କାମ ମଧ୍ୟ ଆରମ୍ଭ କରିଦେଇଛନ୍ତି । ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ । 'ଫୋର୍ସ' ସିରିଜ୍‌ର ଅନ୍ୟ ଦୁଇଟି ଫିଲ୍ମ ଭଳି ଜନ୍ ଏଥିରେ ହିରୋ ଭୂମିକାରେ ଦେଖାଯିବେ । ତେବେ ଏଥିରେ ଖଳନାୟକ ଭୂମିକା ପାଇଁ ସେ ଜଣେ ଭଲ କଳାକାର ସନ୍ଧାନରେ ଅଛନ୍ତି । ଜନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ତେହରାନ୍' ଫିଲ୍ମରେ ନଜର ଆସିଥିଲେ । ଏହା ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିଲା ।

## ବିଶ୍ୱର ସବୁଠୁ ବଡ଼ ବାଇଗଣ

ବାଇଗଣକୁ କେବଳ ଭାରତ ନୁହେଁ, ବିଶ୍ୱର ବିଭିନ୍ନ ଦେଶର ଲୋକେ ଖାଆନ୍ତି । ଏହି କ୍ରମରେ ଆମେରିକାର ଜଣେ ବ୍ୟକ୍ତି ଏକ ବିଶାଳକାୟ ବାଇଗଣ ଫଳାଇ ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି । ଏରିକ୍ ଗନସ୍ଟ୍ରୋମ ନାମକ ଏହି ଚାଷୀ ଜଣକ ଆମେରିକାର ପେନସିଲଭାନିଆରେ ରୁହନ୍ତି । ସେ ଏକ ବିଲେଇ ଓଜନର ବାଇଗଣ ଫଳାଇଛନ୍ତି । ଏହାର ଓଜନ ୩.୯୬୯ କେଜି ରହିଛି । ଗତ ଅଗଷ୍ଟ ୧୯ରେ ଗନସ୍ଟ୍ରୋମ ଏହି ରେକର୍ଡ କରିଥିଲେ । ଗ୍ରେଟ୍ ପମ୍ପକିନ୍ କମନୱେଲଥର ବିଶାଳ ଫଳ ଓ ପନିପରିବା ବିଶେଷଜ୍ଞ ଏହି ବାଇଗଣକୁ ଓଜନ କରି ଏହାକୁ ବିଶ୍ୱର ସବୁଠୁ ଓଜନଦାର ବାଇଗଣ ବୋଲି ଘୋଷଣା କରିଛନ୍ତି । ଗନସ୍ଟ୍ରୋମ ବିଗତ ତିନିବର୍ଷ ହେଲାଣି ତାଙ୍କ ଜମିରେ ଏଭଳି ବିଶାଳକାୟ ପନିପରିବା ଓ ଫଳ ଚାଷ କରି ଆସୁଛନ୍ତି । ଏହା ଏବେ ତାଙ୍କର ଏକ ନିଶା ପାଲଟିଛି । ଦୁଇ ଦଶନ୍ଧି ପୂର୍ବରୁ ସେ ପ୍ରଥମେ ବିଶାଳକାୟ କଖାରୁ ଫଳାଇବା ଆରମ୍ଭ କରିଥିଲେ । ଏହି ସମୟରେ ସେ ଅନେକଗୁଡ଼ିଏ ବିଶାଳକାୟ କଖାରୁ ତାଙ୍କ ଜମିରେ ଫଳାଇଥିଲେ । ତେବେ ଗନସ୍ଟ୍ରୋମ ବିଶ୍ୱ ରେକର୍ଡ ପାଇଁ ଦୁଇଟି ବାଇଗଣ ନେଇଥିଲେ । ଗୋଟିକର ଓଜନ ୩.୯୦୦ କେଜି ହୋଇଥିବାବେଳେ ଅନ୍ୟଟି ୩.୯୬୯ ଓଜନର ଥିଲା । ତେବେ ଚଳିତବର୍ଷ ବାରମ୍ବାର ପାଗ ବଦଳିବାରୁ ଗନସ୍ଟ୍ରୋମଙ୍କୁ ଏହି ବାଇଗଣ ଫଳାଇବାକୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି ।



## ସହଜେ ଶରତ କାଳ

ନିରଞ୍ଜନ ସାହୁ

ଶରତ ଆସିଲା ମରତ ପୁରକୁ
ସୁଷମା ଭଣ୍ଡାର ଧରି
ଶୋଭାପଣେ କିଏ ଶରତ ସହିତ
କଦାପି ହେବନି ସରି ।
ବରଷାର ଭାଉ ରହିବନି ଆଉ
ବାଟ ଭାଙ୍ଗିଯିବ ଚାଲି
ପଚରପଚର ଗାଁ ଦାଣ୍ଡ ଆଉ
ହୋଇବନି ଆଜିକାଲି ।
ବଉଦର ରଙ୍ଗ କଳା ବଦଳରେ
ଧୀରେ ହୋଇଯିବ ଧଳା
ସରସୀର ଜଳ କାଚକେନ୍ଦୁ ପରି
ଦିଶିବ ଘୁମର କଳା ।
ସୁନୀଳ ଆକାଶ ସୁନ୍ଦର ଦିଶିବ
ଧଳା ମେଘ ଭାସୁଥିବ
ତୋଫା ଜହ୍ନ ତହିଁ ବାଦଲ ଉହାଡ଼ୁ
ଉଙ୍କି ମାରି ଲୁଚିଯିବ ।
ନଈର ପଠାରେ କାଶତଣ୍ଡୀ ଫୁଟି
ଦିଶିବ ଅପୂର୍ବ ଶୋଭା
ଶ୍ୟାମଳିମା ପାଟ ପିନ୍ଧି ବସୁନ୍ଧରା
ସାଜିଥିବ ମନଲୋଭା ।
ସରସୀରେ କଇଁ, ପଦ୍ମ ଫୁଟିଥିବେ
ଦେଖାଇ ଅପୂର୍ବ ଠାଣି
ଦେବୀ ଆଗମନ କରିବେ ଏକାଳେ
ଭକତଙ୍କ ମନ ଜାଣି ।
ଶରତ କାଳୀନ କୁସୁମ ଫୁଟିବେ
ସୁନ୍ଦର ଦିଶିବ ଧରା
ବାଡ଼ି ବଗିଚା ଯେ ପନିପରିବାରେ
ହୋଇଯାଇଥିବେ ଭରା ।
ଶରତ କାଳୀନ ପ୍ରାକୃତିକ ଶୋଭା
ସଭିଙ୍କର ଜିଣେ ମନ
ଶରତ ସୁଷମା ବଡ଼ ଅନୁପମା
ଯୁଗେଯୁଗେ ପ୍ରତି ସନ ।■

ନିହଲ ପ୍ରସାଦ, ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩



## ଦେଖାନ୍ତି ଆମକୁ ଆଲୋକ ପଥ

ସୁଜିତ କୁମାର ମିଶ୍ର

ଦେଖାନ୍ତି ଆମକୁ ଆଲୋକ ପଥ ଯେ
ଅନ୍ଧକାର କରି ଦୂର,
ସିଏ ଆମ ଗୁରୁ ଶିକ୍ଷାରେ ତାଙ୍କର
ଥାଏ ସମାଜର ସ୍ୱର ।
ହାତ ଧରି ଗୁରୁ ଶିଖାନ୍ତି ସଂସାରେ
ଶିକ୍ଷଣୀୟ କଥା ବହୁ,
ବଚନ ତାଙ୍କର କୋମଳ ଆଦର
ଭରିରହିଥାଏ ମହୁ ।
ଆକଟ କରନ୍ତି ପାଶେ ପାଶେ ରହି
ଆମ ହିତ ପାଇଁ ନିତି,
ଭୁଲ ଠିକ ସବୁ ବୁଝାଇ ଦିଅନ୍ତି
ଜାଳି ତାଙ୍କ ଜ୍ଞାନବତୀ ।
ଚଗଲା ହୋଇଲେ ଶ୍ରେଣୀ କକ୍ଷେ ଆମେ
ପିଠିରେ ବସାନ୍ତି ଛାଟ,
ଆମେ ଅରଜିଲେ ଯଶ ଓ କୀରତି
ଛାତି ତାଙ୍କ କୁଣ୍ଢେ ମୋଟ ।
ଆଶିଷ ଦିଅନ୍ତି ହୃଦୟରୁ ତାଙ୍କ
ଆପଣା ସନ୍ତାନ ପରି,
ଆମ ନାଆର ସେ ପରା ସେ ନାଉରୀ
ବିପଦକୁ ନିଜେ ବରି ।
ତୁମେ ପ୍ରେରଣାର ବାରିଧାରା ଆମ
ରହି ତୁମ ତପୋବନେ,
ତୁମ ଚରଣରେ ଗୁହାରି ମୋହର
ଘେନ ଭକ୍ତି ପ୍ରତିକ୍ଷଣେ ।■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ସକାଳ ଶିଶୁ କୁଇଜ୍-୧୭୫

(୧) କ୍ଷେତ୍ରଫଳ ଦୃଷ୍ଟିରୁ ବିଶ୍ୱର ସବୁଠୁ ବଡ଼ ଦେଶର ନାମ କ'ଣ?
ଉତ୍ତର: ____

(୨) କୋଟା ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର: ____

(୩) ଦୁଇ ଥର ନୋବେଲ ପୁରସ୍କାର ଜିତିଥିବା ପ୍ରଥମ ବ୍ୟକ୍ତି କିଏ ଥିଲେ?
ଉତ୍ତର: ____

(୪) ଅୟପ୍ପା ମନ୍ଦିର ଭାରତର କେଉଁ ରାଜ୍ୟରେ ଅଛି?
ଉତ୍ତର: ____

(୫) ମାନବ ଶରୀରର ସବୁ ଛୋଟ ଗ୍ରନ୍ଥିର ନାମ କ'ଣ?
ଉତ୍ତର: ____

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଦେବାଶିଷ ବଡ୍ଡୁ, ବସ୍ତା, ବାଲେଶ୍ୱର
- ସୁନୀତା ସାହୁ, ମଞ୍ଚେଶ୍ୱର, ଭୁବନେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ସୁମନ

## ଏକତା ହିଁ ବଳ



ଲଳିତ ମୋହନ ମିଶ୍ର

ଲଖାରି ଜଙ୍ଗଲରେ ଟୁମ୍ପୁ ପେଚା ରହୁଥିଲା । ରାତି ହେଲେ ଖାଦ୍ୟ ଖୋଜିବାକୁ ଯାଉଥିଲା । ହଠାତ୍ ଦିନେ ସେ ଜଙ୍ଗଲରେ ତମ୍ବୁ ଟଣା ହୋଇଥିବାର ଦେଖିଲା । ତମ୍ବୁ ପାଖରେ ଗୋଟିଏ ଗାଡ଼ି । ଟୁମ୍ପୁ ତମ୍ବୁକୁ ଦେଖି ଡରିଗଲା । ଭାବିଲା ଏହା ଆମ ପାଇଁ ବିପଦ । ସକାଳ ହେବା ପୂର୍ବରୁ, ସେ ଶବ୍ଦ କରି ସମସ୍ତଙ୍କୁ ଉଠାଇଲା । ଗାଡ଼ି ବିଷୟରେ ଅବଗତ କରାଇଲା । ବ୍ଲାକି ଭାଲୁ ମନୁଷ୍ୟମାନଙ୍କ ଆଚରଣ ବିଷୟରେ ପରିଚିତ । କାରଣ ସେ ଏକ ସର୍କସ ଦଳରୁ ଖସି ଆସି ଜଙ୍ଗଲରେ ରହୁଛି । ସେ ଦେଖିଲା କିଛି ଲୋକ ତମ୍ବୁ ଭିତରେ ଶୋଇଛନ୍ତି । ସେମାନଙ୍କ ପାଖରେ ବିଭିନ୍ନ ପ୍ରକାରର ହତିଆର ରହିଛି । ସେମାନେ ଗଛ କାଟିବାକୁ ଜଙ୍ଗଲକୁ ଆସିଛନ୍ତି । ଜ୍ୟାକି ହରିଣ ଏକଥା ଶୁଣି ଥରି ଉଠିଲା । କହିଲା - ଯଦି ଗଛ କଟାଯାଏ, ତେବେ ଆମେ କେଉଁଠି ରହିବା? 'ମଣିଷ ବଡ଼ ସ୍ୱାର୍ଥପର । ତା'ର ଜଙ୍ଗଲି କାଠ ପ୍ରତି ଭାରି ଲୋଭ । ମନୁଷ୍ୟ ଗଛ କାଟି ନିଜକୁ କ୍ଷତି ପହଞ୍ଚାଉଛି । ଗଛରୁ ଜଙ୍ଗଲ ସୃଷ୍ଟି ହୁଏ, ଆମେ ପଶୁ ପକ୍ଷୀମାନଙ୍କ ରହିବା ପାଇଁ ସ୍ଥାନ ମିଳେ । ଗଛ ଦ୍ୱାରା ବର୍ଷା ହୁଏ । ବୃକ୍ଷର ମୂଳ ଉର୍ବର ମାଟିକୁ ଧରି ରଖେ । ବର୍ଷାରେ ଏହାକୁ ଧୋଇ ହେବାକୁ ଦିଏ ନାହିଁ । କେବଳ ଗଛରୁ ହିଁ ସ୍ୱଚ୍ଛ ବାୟୁ ମିଳିଥାଏ', ଚିକୁ ଠେକୁଆ କହିଲା । 'ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଜିନିଷ ବୃକ୍ଷରୁ ହିଁ ମିଳିଥାଏ' ବୋଲି ଜମ୍ପି ମାଙ୍କଡ଼ କହିଲା । "ମଣିଷ କ'ଣ ଏସବୁ ବୁଝି ପାରୁନାହିଁ କି ଜାଣି ପାରୁନାହିଁ । ଆମେ ସେମାନଙ୍କୁ ଗଛ କାଟିବାକୁ ଦେବା ନାହିଁ" ଜମ୍ବୋ ହାତୀ ରାଗି କରି କହିଲା । "ସେମାନଙ୍କ ପାଖରେ ବନ୍ଧୁକ ଅଛି । ସେମାନେ ଆମକୁ ମାରି ଦେଇ ପାରିବେ" ବୋଲି ବ୍ଲାକି ଭାଲୁ କହିଲା । ଜମ୍ପି ମାଙ୍କଡ଼ ବହୁତ ସାହସୀ । ସେ ସମସ୍ତଙ୍କୁ କହିଲା, ଯଦି ଆମେ ଏପରି ଭୟଭୀତ ହୋଇ ପଡ଼ିବା ତେବେ କାମ କିଛି ହେବନାହିଁ । ଆମକୁ ଏକାଠି ଯୋଜନା କରିବାକୁ ପଡ଼ିବ । ଆମେ ଜଙ୍ଗଲକୁ ସୁରକ୍ଷିତ ରଖିବା । "ଯାହା କରୁଛ ଶୀଘ୍ର କର, ସେମାନେ ଉଠିଲେ ଗଛ କାଟିବା ଆରମ୍ଭ କରିଦେବେ" ବୋଲି ଜମ୍ବୋ କହିଲା । ଚିକୁ ଠେକୁଆ ମନରେ ଏକ ଯୋଜନା କଲା, ଯଦି ଏହି ହାତ-ହତିଆର ଆମର କରାୟତ ହୋଇଯିବ, ତେବେ ସେମାନେ କିଛି କରି ପାରିବେ ନାହିଁ । ସମସ୍ତଙ୍କୁ ଏହି କଥାଟି ପସନ୍ଦ ଆସିଲା । ସେହି ଅନୁସାରେ ସମସ୍ତେ କାମ କଲେ । ମଣ୍ଟୁ ମୂଷା ଓ କାନ୍ଦୁରୀ ବିରାଡ଼ି ନିଜ ଦାନ୍ତରେ ତମ୍ବୁକୁ ଟିକ୍ ଟିକ୍ କରି କାଟିଦେଲେ । ତମ୍ବୁଟି କଣା ହୋଇଯିବା ପରେ ବ୍ଲାକି ଭାଲୁ ଓ ଜମ୍ପି ମାଙ୍କଡ଼ ଭିତରେ ପଶି ବନ୍ଧୁକ ଏବଂ ହତିଆରଗୁଡ଼ିକୁ ଗୋଟି ଗୋଟି କରି ଜ୍ୟାକି ହରିଣକୁ ବଢ଼ାଇ ଦେଲେ । ଜମ୍ବୋ ହାତୀ ତା'ର ଶୁଣ୍ଢରେ ସେଗୁଡ଼ିକୁ ନେଇ ନଦୀକୁ ଫିଙ୍ଗି ଦେଲା । କିଛି ସମୟ ପରେ ମଣିଷମାନଙ୍କର ନିଦ ଭାଙ୍ଗିଲା । ସମସ୍ତ ପଶୁ ତମ୍ବୁ ଚାରିପାଖରେ ଘେରି ରହିଥିବାର ଦେଖି ସେମାନେ ଭୟଭୀତ ହୋଇଗଲେ । ସେଥିରୁ ଜଣେ ବ୍ୟକ୍ତି କହିଲେ, ଶୀଘ୍ର ବନ୍ଧୁକ ଆଣ । କିନ୍ତୁ ବନ୍ଧୁକ ଏଠାରେ ନାହିଁ । ସେଗୁଡ଼ିକ ଗାଡିରେ । ପଶୁମାନଙ୍କୁ ଦେଖି ସେମାନେ ଭୟରେ ଥରୁଥିଲେ । ତା'ପରେ ବ୍ଲାକିର ଇଶାରାରେ ସମସ୍ତେ ମିଶି ମଣିଷମାନଙ୍କୁ ଆକ୍ରମଣ କଲେ । ମାଙ୍କଡ଼ମାନେ ସେମାନଙ୍କ ହାତ ଏବଂ ଗୋଡ଼ କାମୁଡ଼ି ଦେଲେ । ବିରାଡ଼ି ସେମାନଙ୍କ ନଖରେ ସେମାନଙ୍କୁ ରାମ୍ପି ପକାଇଲେ । ପକ୍ଷୀମାନେ ସବୁଠାରୁ ଅଧିକ ରାଗିଥିଲେ । କାରଣ ଗଛ କାଟିବା ଦ୍ୱାରା ସେମାନଙ୍କ ବସା ନଷ୍ଟ ହୋଇଯାଉଥିଲା । ସେମାନେ ସେମାନଙ୍କର ଥଣ୍ଟରେ ଆଖିକୁ ଆକ୍ରମଣ କଲେ । ମଣିଷମାନେ ଭୟରେ ଚିତ୍କାର କରିବାକୁ ଲାଗିଲେ । ତା'ପରେ ଜମ୍ବୋ ହାତୀ ସମସ୍ତଙ୍କୁ ଅଟକାଇଲା । ଆମେ ସେମାନଙ୍କୁ ମାରିବା ନାହିଁ । ସେମାନଙ୍କୁ ଏଠାରୁ ପଳାଇ ଯିବାକୁ ଦିଅ । ଯାହା ଫଳରେ ସେମାନଙ୍କର ଏହିପରି ଅବସ୍ଥା ଦେଖି ଆଉ କେହି ଏଠାକୁ ଆସିବାକୁ ସାହସ କରିବେ ନାହିଁ । ସମସ୍ତ ପଶୁ ଏବଂ ପକ୍ଷୀ ଏକ ସ୍ଥାନକୁ ଚାଲିଗଲେ । ମଣିଷମାନେ ଗାଡ଼ିରେ କୌଣସି ପ୍ରକାରେ ବସି ପଳାଇଗଲେ । ବ୍ଲାକି ଭାଲୁ କହିଲା, ଆମେ ଏକାଠି ହୋଇ ବୁଦ୍ଧିର ସହିତ କାର୍ଯ୍ୟ କରିବା ଦ୍ୱାରା ଶକ୍ତିଶାଳୀ ହୋଇପାରିଲେ ଏବଂ ସେମାନଙ୍କୁ ପରାସ୍ତ କଲେ । ଆମ ଜଙ୍ଗଲକୁ ଆମେ ସୁରକ୍ଷିତ ରଖି ପାରିଲେ । ତେଣୁ ଏକତା ହିଁ ବଳ ।■

ନୟାଗଡ଼
ମୋ- ୯୪୩୭୯୮୫୮୬୬



ଗୌରୀ ପାଇକ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଚନ୍ଦନପାଲା, ନବରଙ୍ଗପୁର



ଦମୟନ୍ତୀ ଟୁଡୁ
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ



ପ୍ରୀତିରାଜ୍ ଦାସ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ



ସାଇ ସ୍ୱରୂପ ମହାପାତ୍ର
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

● ଦୁଲୀପ୍ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳର ଲଢୁଆ ଜବାବ

ବେଙ୍ଗାଲୁରୁ,୫।୯ (ଏଜେନ୍ସି): ଏଠାରେ ଚାଲିଥିବା ପଶ୍ଚିମାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫିର ପ୍ରଥମ ସେମିଫାଇନାଲରେ କେନ୍ଦ୍ରାଞ୍ଚଳ ଲଢୁଆ ଜବାବ ଦେଇଛି। ପ୍ରଥମ ଇନିଂସରେ ପଶ୍ଚିମାଞ୍ଚଳର ୪୩୮ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା କେନ୍ଦ୍ରାଞ୍ଚଳ ୨ୱିକେଟରେ ୨୨୯ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଶୁଭମ ଶର୍ମା ୬୦ ଓ ଅଧିନାୟକ ରଜତ ପାଟିଦାର ୪୭ ରନ୍‌ରେ ଅପରାଜିତ ରହିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ବିପକ୍ଷରେ ଦ୍ୱିଶତକ ହାସଲ କରିଥିବା ଡାନିସ ମାଲେୱାର ୭୬ ଓ ଆୟୁଷ ପାଣ୍ଡେ ୪୦ ରନ୍‌ରେ ଆଉଟ ହୋଇଛନ୍ତି। ପୂର୍ବରୁ ତନୁସ କୋଟିଆନଙ୍କ ୭୬ ଓ ଅଧିନାୟକ ଶାର୍ଦ୍ଦୁଳ ଠାକୁରଙ୍କ ୬୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ପଶ୍ଚିମାଞ୍ଚଳ ୪୩୮ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଋତୁରାଜ ଗାଏକ୍ୱାଡ ସର୍ବାଧିକ ୧୮୪ ରନ୍ କରିଥିଲେ। କେନ୍ଦ୍ରାଞ୍ଚଳର ସାରାଂଶ ଜୈନ ଓ ହର୍ଷ ଦୁବେ ୩ଟି ଲେଖାଏଁ, ଖଲୀଲ ଅହମ୍ମଦ୍ ୨ଟି ୱିକେଟ ପାଇଥିଲେ।

■ ଦକ୍ଷିଣାଞ୍ଚଳର ବିଶାଳ ସ୍କୋର

ଉତ୍ତରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୫୩୬ ରନ୍ କରି ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ତାମିଲନାଡୁ ଓପନର ଏନ୍ ଜଗଦୀଶନ ସର୍ବାଧିକ ୧୯୭ ରନ୍ କରି ମାତ୍ର ୩ ରନ୍ ଲାଗି ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତନୟ ତ୍ୟାଗରାଜନ (୫୮), ରିକି ଭୂଇ (୫୪) ଓ ଦେବଦତ୍ତ ପଡିକାଲ (୫୭) ଅର୍ଦ୍ଧଶତକ ହାସଲ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଯୁବ ସ୍ପିନ ଅଲରାଉଣ୍ଡର ନିଶାନ୍ତ ସିନ୍ଧୁଙ୍କୁ ସର୍ବାଧିକ ୫ଟି ଓ ଅଂଶୁଲ କାମ୍ବୋଜଙ୍କୁ ୨ଟି ୱିକେଟ ମିଳିଥିଲା।

## ଅବସରର ୩ ବର୍ଷ ପରେ ଟେଲରଙ୍କ ପ୍ରତ୍ୟାବର୍ତ୍ତନ

ଆପିଆ, ୫।୯ (ଏଜେନ୍ସି): ନ୍ୟୁଜିଲାଣ୍ଡର ମହାନ କ୍ରିକେଟର୍ ରସ୍ ଟେଲର୍ ଅବସର ନେବାର ୩ ବର୍ଷ ପରେ ନିଷ୍ପତ୍ତିରେ ୟୁ ଟର୍ନ ନେଇଛନ୍ତି। ୪୧ ବର୍ଷୀୟ ଟେଲର ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଟେଲର ଏଥର ନ୍ୟୁଜିଲାଣ୍ଡ ପାଇଁ ନୁହେଁ ବରଂ ଓସେନିଆର ଦ୍ୱୀପ ରାଷ୍ଟ୍ର ସମୋଆ ପାଇଁ ୨୦୨୬ ଟି-୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବେ। ଏଥିଲାଗି ଶୁକ୍ରବାର ଘୋଷିତ ୧୫ ଜଣିଆ ସମୋଆ ଦଳରେ ଟେଲରଙ୍କୁ ସୁଯୋଗ ଦିଆଯାଇଛି। ଟେଲରଙ୍କ ମା ସମୋଆର ନାଗରିକ ହୋଇଥିବାରୁ ତାଙ୍କୁ ସହଜରେ ଏହି ଦ୍ୱୀପରାଷ୍ଟ୍ରର ପାସପୋର୍ଟ ମିଳିଯାଇଥିଲା। ସେହିଭଳି ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡର ନିୟମ ଅନୁଯାୟୀ, ଅବସରର ୩ ବର୍ଷ ଅର୍ଥାତ୍ 'କୁଲିଂ ଅଫ୍ ପିରିୟଡ' ପରେ ଜଣେ ଖେଳାଳି ଅନ୍ୟ ଦେଶରୁ ଖେଳିବାକୁ ଯୋଗ୍ୟ ହୋଇଥାଏ। ଯାହାକୁ ଟେଲର ପୂରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଟେଲର ୨୦୨୨ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ୧୬ ବର୍ଷର କ୍ୟାରିୟରରେ ସେ ନ୍ୟୁଜିଲାଣ୍ଡ ପାଇଁ ୧୧୨ ଟେଷ୍ଟ, ୨୩୬ ଦିନିକିଆ ଓ ୧୦୨ ଟି-୨୦ ମ୍ୟାଚ୍ ଖେଳିଥିଲେ। ତିନୋଟିଯାକ ଫର୍ମାଟ୍‌ରେ ସେ ୧୮ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ମୋଟ୍ ୪୦ଟି ଶତକ ଲିପିବଦ୍ଧ ରହିଛି। ନ୍ୟୁଜିଲାଣ୍ଡର ଏକମାତ୍ର କ୍ରିକେଟର୍ ଭାବେ ସେ ୩ଟି ଯାକ ଫର୍ମାଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

## ଘରୋଇ ମାଟିରେ ଶେଷ ମ୍ୟାଚ୍ ଖେଳିଲେ ମେସି!


ବୁଏନ୍ସ ଆଇରେସ, ୫।୯ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ଭେନେଜୁଏଲାକୁ ପରାସ୍ତ କରିଛି। ଆର୍ଜେଣ୍ଟିନାର ମହାନ ଖେଳାଳି ଲିଓନେଲ୍ ମେସି ଏହି ମ୍ୟାଚରେ ୨ଟି ଗୋଲ୍ ଦେଇଥିଲେ। ବିଶ୍ୱକପ୍ ପୂର୍ବରୁ ଘରୋଇ ମାଟିରେ ଆର୍ଜେଣ୍ଟିନାର ଏହା ଶେଷ ମ୍ୟାଚ୍ ଥିଲା।



ଅଫିସିଆଲ୍ ଭାବେ ୩୮ ବର୍ଷୀୟ ମେସି ନିଜ ଅବସର ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। କିନ୍ତୁ ଘରୋଇ ମାଟିରେ ମେସିଙ୍କ ଏହା ଶେଷ ମ୍ୟାଚ୍ ଥିଲା ବୋଲି ଚର୍ଚ୍ଚା ଜୋର୍ ଧରିଛି। ସେହିଭଳି ମ୍ୟାଚ୍ ପୂର୍ବରୁ ମେସି ମଧ୍ୟ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ତିନି ସନ୍ତାନ ଥିଆଗୋ, ମାଟେଓ ଓ କିରୋଙ୍କ ସହ ମେସି ଷ୍ଟାଡିୟମରେ ୮୦ ହଜାର ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ମେସି ଆର୍ଜେଣ୍ଟିନା ପାଇଁ ୧୯୪ ମ୍ୟାଚ୍ ଖେଳି ରେକର୍ଡ ୧୧୪ଟି ଗୋଲ୍ ଦେଇଛନ୍ତି।

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍

# ଆନିସିମୋଭା-ସାବାଲେଙ୍କା ମହିଳା ଫାଇନାଲ





ନ୍ୟୁୟର୍କ,୫।୯ (ଏଜେନ୍ସି)

ବିଶ୍ୱର ନଂ-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଓ ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ମଧ୍ୟରେ ୟୁଏସ୍ ଓପନ ମହିଳା ଏକକ ଫାଇନାଲ ମୁକାବିଲା ଖେଳାଯିବ। ଆମେରିକାରେ ଗୁରୁବାର ରାତିରେ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଟପ୍ ସିଡ୍ ସାବାଲେଙ୍କା ୨-୧ ସେଟ୍‌ରେ ଚତୁର୍ଥ ସିଡ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ଫାଇନାଲରେ ପ୍ରବେଶ କରିଥିଲେ। ସାବାଲେଙ୍କାର ଏହା କ୍ରମାଗତ ତୃତୀୟ ୟୁଏସ୍ ଓପନ ଫାଇନାଲ। ସେହିପରି ଫର୍ମକୁ ଫେରିଥିବା ଜାପାନର ନାଓମି ଓସାକାଙ୍କୁ ୨-୧ ସେଟ୍‌ରେ ହରାଇ ଆମେରିକାର ଆନିସିମୋଭା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ରାତିରେ ଫାଇନାଲ ମୁକାବିଲା ଖେଳାଯିବ।


ମହିଳା ବିଭାଗରେ ବିଶ୍ୱର ନଂ-୧ ଖେଳାଳି ସାବାଲେଙ୍କା ସେମିଫାଇନାଲରେ ନଂ-୪ ପେଗୁଲାଙ୍କଠାରୁ ବଡ଼ ପ୍ରତିରୋଧର ସମ୍ମୁଖୀନ ହୋଇ ନ ଥିଲେ। ଘରୋଇ ମାଟିରେ ଖେଳୁଥିବା ପେଗୁଲା ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ପ୍ରଥମ ସେଟ୍‌କୁ ୬-୪ରେ ଜିତିନେଇଥିଲେ। ଏହାପରେ ସାବାଲେଙ୍କା ଖେଳକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ପେଗୁଲାଙ୍କୁ ସେ ଆଉ କୌଣସି ସୁଯୋଗ ନ ଦେଇ ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୩, ୬-୪ରେ ଜିତିବା ସହ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ସେ ଯଦି ଘରୋଇ ଦଳର ଆଉ ଜଣେ ଖେଳାଳି ଆନିସିମୋଭାଙ୍କୁ ହରାଇପାରନ୍ତି ତେବେ ୨୦୧୪ ପରେ କ୍ରମାଗତ ଟାଇଟଲ ଜିତିବାରେ ପ୍ରଥମ ମହିଳା ଖେଳାଳି ହେବେ। ୨୦୧୪ରେ ଶେଷଥର ସେରେନା ୱିଲିୟମ୍ସ କ୍ରମାଗତ ଟାଇଟଲ ଜିତିଥିଲେ। ସେହିପରି ଓସାକା ଓ ଆନିସିମୋଭାଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଜୋରଦାର ହୋଇଥିଲା। ପ୍ରଥମେ ଓସାକା ଆକ୍ରମଣାତ୍ମକ ଖେଳି ଟାଇବ୍ରେକରରେ ପ୍ରଥମ ସେଟ୍‌କୁ ଜିତିନେଇଥିଲେ। ଓସାକା ୭-୬ରେ ପ୍ରଥମ ଓ ଆନିସିମୋଭା ୭-୬ ଟାଇବ୍ରେକରରେ ଜିତିନେଇଥିଲେ। ଫଳରେ ମୁକାବିଲା ୧-୧ ସମାନସ୍ତରରେ ରହିଥିଲା। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଆନିସିମୋଭା ୬-୩ରେ ଜିତିବା ସହ ଫାଇନାଲରେ ପ୍ରବେଶ କରିଥିଲେ।

### ପୁରୁଷ ସେମିଫାଇନାଲ

ୟୁଏସ୍ ଓପନ ପୁରୁଷ ବିଭାଗ ଏକକ ସେମିଫାଇନାଲ ଆଜି ରାତିରେ ଖେଳାଯିବ। ପ୍ରଥମ ସେମିଫାଇନାଲରେ ଉଦୀୟମାନ ତଥା ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ୭ମ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ଜୋରଦାର କରିବାକୁ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ଜୋକୋଭିଚ୍ ଏଠାରେ ରେକର୍ଡ କରିବାକୁ ଆଶାୟୀ ଅଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଓ ବିପର୍ଯ୍ୟୟ ସୃଷ୍ଟି କରିଥିବା କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ସିନ୍ନରଙ୍କୁ ଫେବରାଇଟ୍ ବିବେଚନା କରାଯାଉଛି।

### ସେମିରେ ହାରିଲେ ଭାମ୍ବ୍ରୀ-ଭେନସ

ପୁରୁଷ ଯୁଗଳ ସେମିରେ ୟୁକି ଭାମ୍ବ୍ରୀ ଓ ମାଇକେଲ ଭେନସଙ୍କ ଯୋଡି ପରାଜିତ ହୋଇଛନ୍ତି। ଗୁରୁବାର ରାତିରେ ଖେଳାଯାଇଥିବା ଏହି ମୁକାବିଲାରେ ୬ଷ୍ଠ ସିଡ୍ ଗ୍ରେଟବ୍ରିଟେନର ନିଲ ସ୍କୁପସ୍କି ଓ ଜୋ ସାଲିସବରୀଙ୍କ ଯୋଡି ୬-୭, ୭-୬, ୬-୪ ସେଟ୍‌ରେ ଭାମ୍ବ୍ରୀ-ଭେନସଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ୩ଟି ମଧ୍ୟରୁ ୨ଟି ସେଟ୍ ଟାଇବ୍ରେକରରେ ଶେଷ ହୋଇଥିଲେ ମଧ୍ୟ ଭାମ୍ବ୍ରୀ-ଭେନସ ସେମାନଙ୍କଠାରୁ ଅଧିକ ଅଭିଜ୍ଞ ଓ ଶକ୍ତିଶାଳୀ ଯୋଡିଙ୍କୁ ଏଥର ପରାଜିତ କରିବାରେ ସମର୍ଥ ହୋଇ ନ ଥିଲେ। ଭାମ୍ବ୍ରୀଙ୍କ ପରାଜୟ ସହ ଚଳିତ ୟୁଏସ୍ ଓପନରୁ ଭାରତର ପ୍ରତିନିଧିତ୍ୱ ଶେଷ ହୋଇଛି। କିନ୍ତୁ ଭାମ୍ବ୍ରୀ ଭାରତୀୟ ଟେନିସର ନୂଆ ଧ୍ୱଜା ବାହକ ସାବ୍ୟସ୍ତ ହୋଇଛନ୍ତି।



ଏସିଆ କପ୍ ମହିଳା ହକି

## ଭାରତର ବୃହତ୍ ବିଜୟ

ନୂଆଦିଲ୍ଲୀ,୫।୯ (ଏଜେନ୍ସି): ଚୀନ୍‌ର ହାଙ୍ଗଝୋଉଠାରେ ଆଜିଠାରୁ ଆରମ୍ଭ ହୋଇଥିବା ମହିଳା ଏସିଆ କପ୍ ମହିଳା ହକିର ପ୍ରଥମ ମ୍ୟାଚ୍‌ରେ ଭାରତ ବୃହତ ବ୍ୟବଧାନରେ ବିଜୟୀ ହୋଇଛି। ପୁଲ-ବି'ରେ ସ୍ଥାନ ପାଇଥିବା ଭାରତ ତାହାର ପ୍ରଥମ ମୁକାବିଲାରେ ଥାଇଲାଣ୍ଡକୁ ୧୧-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ମମ୍‌ତାଜ ଖାନ୍, ଉଦିତା ଓ ବିଉଟି ଡୁଙ୍ଗଡୁଙ୍ଗ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ସଙ୍ଗିତା, ନବନୀତ, ଲାଲରେମସିଆମି, ଶର୍ମିଳା ଓ ଋତୁଜା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ୫-୦ରେ ଆଗୁଆ ରହିଥିଲା ଓ ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଦଳ ଆଉ ୫ଟି ଗୋଲ ସ୍କୋର କରିଥିଲା। ଆସନ୍ତାକାଲି ସନ୍ଧ୍ୟା ୫ଟାରେ ଜାପାନ ସହ



ଭାରତ ତାହାର ଦ୍ୱିତୀୟ ପୁଲ-ବି ଲିଗ୍ ମ୍ୟାଚ୍ ଖେଳିବ। ଆଜି ଏହି ପୁଲ୍‌ରେ ଜାପାନ ୯-୦ ଗୋଲରେ ସିଙ୍ଗାପୁରକୁ ପରାସ୍ତ କରିଛି। ସେପ୍ଟେମ୍ବର ୮ ତାରିଖ ଅପରାହ୍ଣ ୨ଟା୩୦ ମିନିଟ୍‌ରେ ସିଙ୍ଗାପୁର ସହ ଭାରତ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ସେହିପରି ପୁଲ-ଏ'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ୯-୦ରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି। ଚୀନ୍ ଓ ମାଲେସିଆ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳ ସିଧାସଳଖ ବିଶ୍ୱକପ୍ ମହିଳା ହକିରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସେପ୍ଟେମ୍ବର ୮ ଯାଏ ଲିଗ୍, ୧୦ରୁ ୧୩ ସୁପର-୪ ଓ ୧୪ରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଜାତୀୟ ବାସ୍କେଟବଲ୍

## ଓଡ଼ିଶା ବାଳିକା ପୁଲ୍ ବିଜେତା

କଟକ,୫।୯ (ସମିସ): ପଞ୍ଜାବ ଲୁଧିଆନାର ବାସ୍କେଟବଲ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୭୫ତମ ଜାତୀୟ କନିଷ୍ଠ ବାସ୍କେଟବଲ ପ୍ରତିଯୋଗିତାରେ ଓଡିଶା ବାଳିକା ଦଳ ପୁଲ୍ ପର୍ଯ୍ୟାୟର ୩ଟି ଯାକ ମ୍ୟାଚ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଆସାମକୁ ୪୫-୩୪ ପଏଣ୍ଟରେ, ଦ୍ୱିତୀୟ ମ୍ୟାଚ୍‌ରେ ବିହାରକୁ ୭୪-୪୧ ପଏଣ୍ଟରେ ଓ ପୁଲ୍ ପର୍ଯ୍ୟାୟର ଶେଷ ଲିଗ୍‌ରେ ମେଘାଳୟକୁ ୭୨-୬୮ ପଏଣ୍ଟରେ ହରାଇଛି। ମେଘାଳୟ ବିପକ୍ଷରେ ରାଜ୍ୟ ଅଧିନାୟିକା କାଜଲ ବାରିକ ୪୨ ପଏଣ୍ଟ ସ୍କୋର କରିଥିବାବେଳେ ନାବ୍ୟା ସାଇଶ୍ରୀ ୧୨ ପଏଣ୍ଟ ସ୍କୋର କରିଥିଲେ। ଓଡିଶା ବାସ୍କେଟବଲ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଓ ସଭାପତି ଜ୍ଞାନରଞ୍ଜନ ପରିଡା ଦଳର ସମସ୍ତ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଚନ୍ଦ୍ରଶେଖରଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୫।୯ (ସମିସ): ପୁରୀରେ ଆଜି ଶେଷ ହୋଇଥିବା ୧୪ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍ (ସିଏସ୍୭)ରେ ଓଡ଼ିଆ ଖେଳାଳି ଚନ୍ଦ୍ରଶେଖର ମହାନ୍ତି ଦ୍ୱିମୁକୁଟ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ଏକକରେ ଆସାମ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଚନ୍ଦ୍ରଶେଖର ୬-୨, ୬-୦ ସେଟ୍‌ରେ ଓଡ଼ିଶାର ସୂୟାସ ପଟ୍ଟନାୟକଙ୍କୁ ହରାଇ ଟାଇଟଲ ଜିତିଥିଲେ। ସେହିପରି ଯୁଗଳରେ ସୂୟାସଙ୍କୁ ସାଥିକରି ଖେଳିଥିବା ଚନ୍ଦ୍ରଶେଖର ୬-୦, ୬-୦ରେ ପଶ୍ଚିମବଙ୍ଗର ରିଷଭ ସେନ ଓ ଓଡ଼ିଶାର ବିରାଂଶ ଶିବାନୀଙ୍କୁ ହରାଇ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୀ କ୍ଲବ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ୮ଟି ରାଜ୍ୟରୁ ୩୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହାକୁ ଓଡ଼ିଶା ଓ ପୁରୀ ଜିଲ୍ଲା ଟେନିସ ସଂଘ ପକ୍ଷରୁ ମିଳିତଭାବେ ସେପ୍ଟେମ୍ବର ୧ରୁ ୫ ତାରିଖଯାଏ ଆୟୋଜିତ ହୋଇଥିଲା। ପୁରୀ ଜିଲ୍ଲା ସଂଘ ସମ୍ପାଦକ ସୁନୀଲ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ରେଫରୀ ଦାୟିତ୍ୱ ତୁଲାଇଥିଲେ ଯତୀନ ବସ୍ତ୍ୟା। ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ୨୫ ଓ ରନର୍ସଅପଙ୍କୁ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି।



## ଜାତୀୟ କ୍ୟାଡେଟ ଅସିଚାଳନାରେ ଭାଗନେବ ଓଡ଼ିଶା



ଭୁବନେଶ୍ୱର, ୫।୯ (ସମିସ): ଉତ୍ତରାଖଣ୍ଡରେ ସେପ୍ଟେମ୍ବର ୧୩ରୁ ଜାତୀୟ କ୍ୟାଡେଟ୍ ଅସି ଚାଳନା ପ୍ରତିଯୋଗିତା ଆରମ୍ଭ ହେବ। ଏଥିଲାଗି ୯ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ନିତିନ ସ୍ୱାଇଁ ଓ ରୋଶନ ସାହୁ ଦଳର ପ୍ରଶିକ୍ଷକ ରହିଛନ୍ତି। ଏହି ଅବସରରେ ଓଡ଼ିଶା ଅସି ଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ, ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଘୋଷିତ ଓଡ଼ିଶା ବାଳକ କ୍ୟାଡେଟ୍ ଦଳ:** ମାନସ ପ୍ରଧାନ, ସ୍ୱାଗତ ପଟେଲ, ଅଭିନାଶ ସ୍ୱାଇଁ, ବିଭୂପ୍ରସାଦ ସେନାପତି, ସମୀର ପରାଭୋଏ, ଆୟୂଷ ସୁମନ୍ତ ଦାସ, ଦେବାଶିଷ ପଟେଲ ଓ ପ୍ରୋମଜିତ୍ ବେଶରା।

## ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ଉଦ୍‌ଘାଟିତ

ଭୁବନେଶ୍ୱର,୫।୯ (ସମିସ)

୮୦ ହଜାର ଟଙ୍କା ପୁରସ୍କାର, ଦେଢ଼ ଲକ୍ଷ ଟଙ୍କାର ସପ୍ଲିମେଣ୍ଟ




ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶୁକ୍ରବାର ଆରମ୍ଭ ହୋଇଛି। ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ୮୦ ହଜାର ଟଙ୍କାର ପୁରସ୍କାର, ଦେଢ଼ ଲକ୍ଷ ଟଙ୍କାର ଫୁଡ୍ ସପ୍ଲିମେଣ୍ଟ ଓ ଆପାରେଲ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସମଗ୍ର ରାଜ୍ୟରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ୫୩ କିଗ୍ରା ସବ୍‌ଜୁନିଅରରେ ଦାସ ଫିଟନେସର ବେଦାନ୍ତ ସାହୁ ପ୍ରଥମ ହୋଇଛନ୍ତି। ୫୯ କିଗ୍ରା ଜୁନିଅରରେ ଫିଟନେସ ବକ୍ସର ସନ୍ତୋଷ ସ୍ୱାଇଁ, ସବ୍‌ଜୁନିଅରରେ ମହାବୀର ଫିଟ୍‌ନେସର ଶକ୍ତିରଞ୍ଜନ ସାହୁ ଓ ପୁରୁଷ ବିଭାଗରେ ଫିଟ୍‌ନେସ ମନ୍ତ୍ରାର ପି ଶ୍ରୀନିବାସ ଟାଇଟଲ ଜିତିଛନ୍ତି। ୬୬ କିଗ୍ରା ଜୁନିଅରରେ ୟୁକେଏସ୍ ଜିମ୍‌ର ସୌମେନ ସେନାପତି, ସିନିଅରରେ ଏଚ୍‌ପିଏନ୍ ଜିମ୍‌ର ସୂର୍ଯ୍ୟକାନ୍ତ ପ୍ରଧାନ ଓ ସବ୍‌ଜୁନିଅରରେ ଷ୍ଟାର୍କ ଜିମ୍‌ର ଧୀରେନ୍ଦ୍ର ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଜାତୀୟ ଏରୋବିକ୍ ଜିମ୍ନାଷ୍ଟିକରେ ଓଡ଼ିଶାରୁ ୬




ଭୁବନେଶ୍ୱର, ୫।୯ (ସମିସ): ଜାତୀୟ ଏରୋବିକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ସେପ୍ଟେମ୍ବର ୮ରୁ କେରଳରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ୬ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ଦଳରେ ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ରଶ୍ମିରେଖା ସାହୁ, ରତିକାନ୍ତ ପ୍ରଧାନ ଓ ବିଘ୍ନେଶା ଦାସ ସ୍ଥାନ ପାଇଛନ୍ତି। ଅନ୍ୟ ୩ଜଣ ଖେଳାଳି ହେଲେ ଅନିଲ ପରିଡ଼ା, ନୀତୀଶ ମିଶ୍ର ଓ ସାଏଦ୍ ଆଫ୍ରିଦୀ ଅଲି। ରାଜ୍ୟ ଦଳ ଚୟନ ଲାଗି ଅଗଷ୍ଟ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ସ୍କୁଲଠାରେ ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ଜିମ୍ନାଷ୍ଟିକ ସଂଘର ସମ୍ପାଦକ ଅଶୋକ ସାହୁ, ଭୁବନେଶ୍ୱର ସଂଘର ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରାରାଣୀ ଦାସ, ସଦସ୍ୟ ଯଶୋବନ୍ତ ଦାସ ରାଜ୍ୟ ଦଳର ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS